

ଗିଲ୍ ହୋଇପାରନ୍ତି ଉପ-ଅଧିନାୟକ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 143 | ଭାଗ ୩୩ | ସଂଖ୍ୟା ୧୪୩ | Bhubaneswar | Wednesday 13 August 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୩ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ନାରୀ ସୁରକ୍ଷାରେ ସରକାର ଶୂନ୍ୟସହନଶୀଳ



**ସବୁବେଳେ ଆକ୍ସନ୍ ମୋଡ୍‌ରେ ରହୁ ପୁଲିସ**

**ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ପାଇଁ ନିର୍ଦ୍ଦେଶ**

**ପଦବୀ ପୂରଣ ପାଇଁ ଗଠନ ହେବ ସ୍ୱତନ୍ତ୍ର ନିଯୁକ୍ତି ବୋର୍ଡ**

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏଥିରେ ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୁଲିସ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି। ସେ ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ଏହି ନୀତିକୁ ଆଧାର କରି ପୁଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୁଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଂ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ ➢ପୃଷ୍ଠା-୬

# ବ୍ୟବହାର ହେବନି 'ହରିଜନ' ଶବ୍ଦ




ଭୁବନେଶ୍ୱର,୧୨।୮: ଆଉ ବ୍ୟବହାର ହେବନି 'ହରିଜନ' ଶବ୍ଦ। ସରକାରୀ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସରକାରୀ ଯୋଗାଯୋଗରୁ ହଟିବ ଏହି ଶବ୍ଦ। ଜାତିଗତ ପ୍ରମାଣପତ୍ରରେ ବି ଏହି ଶବ୍ଦ ରହିବନି। ଏନେଇ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଜି ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଭାରତୀୟ ସମ୍ବିଧାନର ଧାରା ୩୪୧ଅନୁଯାୟୀ ଅଧିସୂଚିତ ଅନୁସୂଚିତ ଜାତିର ବ୍ୟକ୍ତିମାନଙ୍କୁ ସୂଚିତ କରିବା ପାଇଁ କେବଳ ସାମ୍ବିଧାନିକ ଶବ୍ଦ 'ଅନୁସୂଚିତ ଜାତି' ବ୍ୟବହୃତ ହେବ। 'ହରିଜନ' ବଦଳରେ 'ଅନୁସୂଚିତ ଜାତି' ଶବ୍ଦ ବ୍ୟବହାର କରିବାକୁ ଉକ୍ତ ନିର୍ଦ୍ଦେଶାବଳୀରେ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ରେକର୍ଡପତ୍ରରେ ମଧ 'ଅନୁସୂଚିତ ଜାତି' ଶବ୍ଦ ଉଲ୍ଲେଖ ପାଇଁ ମଧ ନିର୍ଦ୍ଦେଶ ରହିଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶ କଡାକଡ଼ି ଭାବେ ➢ପୃଷ୍ଠା-୬

### ସରକାରୀ ବାବୁଙ୍କୁ ମୁଖ୍ୟ ଶାସନ ସଚିବଙ୍କ ତାଗିଦ୍

# ସବୁ ଅଫିସ୍‌ରେ ଲାଗିବ ଏଆଇ କ୍ୟାମେରା



**ଦୁର୍ନୀତି ରୋକିବା ପାଇଁ ଭିଜିଲାନ୍ସର ହେବ ସୁଦୃଢ଼ୀକରଣ**

**ଚିଫ୍ ମିନିଷ୍ଟର୍ସ ଡାସ୍ ବୋର୍ଡ ପ୍ରସ୍ତୁତି ନେଇ ଆଲୋଚନା**

**କାମ ନ କଲେ ଅବସର ପୂର୍ବରୁ ଅବସର ନେବେ ଅଧିକାରୀ**

ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟାଳୟରେ ଠିକ୍ ସମୟରେ ଉପସ୍ଥାନ ନ ରହିଲେ କାର୍ଯ୍ୟାନୁଷ୍ଠାନ, ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁନଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ଅବସର ଦେବା, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ, ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏକ ୧୫ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର ଏଆଇଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା ଲାଗୁ ଉପରେ ବିଚାର କରୁଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ➢ପୃଷ୍ଠା-୬

### କେନ୍ଦ୍ର କ୍ୟାବିନେଟରେ ୧୮,୫୪୧ କୋଟିର ୩ ପ୍ରସ୍ତାବକୁ ମଞ୍ଜୁରୀ

# ଓଡ଼ିଶା ପାଇଁ ଦୁଇ ସେମିକଣ୍ଡକ୍ଟର ପ୍ଲାଣ୍ଟ



**ପୂର୍ବାଞ୍ଚଳ ପ୍ରକଳ୍ପ ଅଧୀନରେ ୧.୬୦ ଲକ୍ଷ କୋଟି ନିବେଶ**

ନୂଆଦିଲ୍ଲୀ,୧୨।୮: କେନ୍ଦ୍ର କ୍ୟାବିନେଟ୍‌ରେ ମଙ୍ଗଳବାର ତିନି ବଡ଼ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ୧୮,୫୪୧ କୋଟି ଟଙ୍କା ଯୋଜନାକୁ ମଞ୍ଜୁରୀ ମିଳିଛି । ଏଥିରେ ଦେଶରେ ୪ଟି ନୂଆ ସେମିକଣ୍ଡକ୍ଟର ପରିଯୋଜନାକୁ ମଧ ମଞ୍ଜୁରୀ ଦିଆଯାଇଛି। ଏହି ଯୋଜନା ବାବଦରେ ପ୍ରାୟ ୪୫୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ଓଡ଼ିଶା, ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶରେ ସ୍ଥାପନ କରାଯିବ। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଆଉ ୪ଟି ସେମିକଣ୍ଡକ୍ଟର ପରିଯୋଜନାକୁ ମଞ୍ଜୁରୀ ଦେଇଛି। ଆଜି ଅନୁମୋଦିତ ପ୍ରସ୍ତାବ ସିକସେମ, କଣ୍ଟିନେଣ୍ଟାଲ୍ ଡିଭାଇଲ୍ ପ୍ରାଇଭେଟ୍ ଲିମିଟେଡ୍, ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ ଇଙ୍କ୍ ଓ ଆଡଭାନ୍ସଡ ସିଷ୍ଟମ୍ ଇନ୍ ➢ପୃଷ୍ଠା-୬

## ଓଡ଼ିଶା ଶିଳ୍ପ ପାଇଁ ହେବ ଗେମ୍‌ଚେଞ୍ଜର୍: ମୋହନ

ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ଲାଣ୍ଟ୍ ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ଏପରି ଏକ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ସେ ସାମାଜିକ ଗଣମାଧମ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତିଯେ କ୍ୟବିନେଟ ଅନୁମାଦନ ମିଳିବା ପରେ ଓଡ଼ିଶାରେ ଖୁବ୍‌ଶୀଘ୍ର ସେମିକଣ୍ଡକ୍ଟର ଉତ୍ପାଦନ ଆରମ୍ଭ ହେବ। ଏହା ଓଡ଼ିଶାର ଶିଳ୍ପ ଓ ବୈଷୟିକ ଅଗ୍ରଗତି ଦିଗରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମାଝୀ ଆଶା ପୋଷଣ କରିଛନ୍ତି। ସେହିପରି ଏପରି ଏକ ନିଷ୍ପତ୍ତି ଭବିଷ୍ୟତରେ ରାଜ୍ୟ ଶିଳ୍ପ ଜଗତ ପାଇଁ ଗେମ୍‌ଚେଞ୍ଜର୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ୨୨୫୦ କୋଟିର ଉପହାର: ଧର୍ମେନ୍ଦ୍ର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଓଡ଼ିଶା ସମେତ ୩ଟି ରାଜ୍ୟରେ ୪ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ ଅନୁମୋଦନ ମିଳିଥିବା ବେଳେ ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏଥି ମଧ୍ୟରୁ ଓଡ଼ିଶାରେ ହେବାକୁ ଥିବା ୨ଟି ଉତ୍ପାଦନ ୟୁନିଟ ପାଇଁ ୨୨୫୦ କୋଟି ଟଙ୍କାର ଉପହାର ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନରରେ ନୂଆ ଅଧ୍ୟାୟ ଯୋଡିହୋଇଛି। ଭାରତ ସେମିକଣ୍ଡକ୍ଟର ମିଶନ ➢ପୃଷ୍ଠା-୬

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଞ୍ଜୁର

# ତିନିଜଣିଆ କମିଟି ଗଠିତ

ନୂଆଦିଲ୍ଲୀ,୧୨।୮ : ଆହ୍ଲାବାଦ ହାଇକୋର୍ଟ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ନାଁରେ ମହାଭିଯୋଗ ପ୍ରସ୍ତାବ। ଜଷ୍ଟିସ୍ ବର୍ମାଙ୍କ ଘରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ମାମଲାରେ ମହାଭିଯୋଗ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଲୋକସଭାର ୧୪୬ ଜଣ ସଦସ୍ୟ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ଏଥିରେ ଶାସକ ଓ ବିରୋଧୀ ଦଳର ସାଂସଦମାନେ ସାମିଲ ଅଛନ୍ତି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏକ ତିନିଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମଣିନ୍ଦର ମୋହନ ଓ ବରିଷ୍ଠ ଆଇନଜୀବୀ ବିଭି ଆଚାର୍ଯ୍ୟଙ୍କୁ ଏହି ପ୍ୟାନେଲର ସଦସ୍ୟ ଭାବେ ନିଯୁକ୍ତି ମିଳିଛି । ଏହି ପ୍ୟାନେଲ ଜଷ୍ଟି ସ୍ ବର୍ମାଙ୍କ ବାସଭବନରେ ପୋଡ଼ିଯାଇଥିବା ଟଙ୍କା ମାମଲାର ତଦନ୍ତ କରିବ। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଯାଞ୍ଚ କରି ଲୋକସଭାରେ ରିପୋର୍ଟ ଦାଖଲ କରିବ କମିଟି। ଅଭିଯୋଗରେ ସତ୍ୟତା ଥିଲେ ଆଗାମୀ ପଦକ୍ଷେପ ସମ୍ପର୍କରେ କମିଟି ସୁପାରିସ୍ କରିପାରିବ। ସେପଟେ ଦାଖଲ ରିପୋର୍ଟକୁ ନେଇ ଲୋକସଭାରେ ଆଲୋଚନା ହେବ। ଯଦି ଅଭିଯୋଗ ଗମ୍ଭୀର ପ୍ରମାଣିତ ହୁଏ, ତା'ହେଲେ ଜଷ୍ଟିସ୍ ➢ପୃଷ୍ଠା-୬

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ରାଜନଗର, ୧୨।୮(ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଘଟିଛି। ନିଜ ପିଇସା ଝିଅାରୀକୁ ଠାକୁର ମୂର୍ତ୍ତି କିଣିବାକୁ ଯିବା ବାଟରେ

**ପିଇସାଙ୍କ ସମେତ ୫ ଅଟକ**

**ଫଟୋ ଓ ଭିଡିଓ ଭାଇରାଲ**

**ରାଜନଗରରେ ଚାଞ୍ଚଲ୍ୟ**




ନିଛାଟିଆ ଜାଗାକୁ ନେଇ ଦୁଷ୍କର୍ମ କରିଛନ୍ତି। ପିଇସାଙ୍କ ସହିତ ଅନ୍ୟ ୪ ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫, ଗଣଦୁଷ୍କର୍ମ ଦଫା ୭୦ (୨ ), ମାରପିଟ ଦଫା ୧୧୫ (୨), ଧମକ ଚମକ ୩୫୧ (୩ ), ୨୦୧୨, ୨୦୧୯ ପକ୍‌ସୋ ଆକ୍ଟ ୬ (୧ ) ରେ ମାମଲା ରୁଜୁ ହୋଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପବିତ୍ର ରାଖୀ ପୂର୍ଣ୍ଣିମା ଦିନ ଅପରାହ୍ନ ୫ ଘଟିକା ସମୟରେ ନିଜର ପିଇସା ସହ ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଓଉପଦାକୁ ଯାଇଥିଲେ। ଓଉପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ଗାଡି ପୁରାଇ ଥିଲେ। ପୀଡ଼ିତା ଏପଟେ କୁଆଡେ ଯାଉଛ କହିଥିଲେ ମଧ ପିଇସା ➢ପୃଷ୍ଠା-୬

# ପୁଲିସ୍‌ର ପିଛା ଛାଡୁନି ଚାର୍ଜସିଟ୍ ଭୂତ




**ବର୍ଷକରେ ଦାଖଲ କରିପାରୁନି ଚାର୍ଜସିଟ୍**

**ଆରୋପୀଙ୍କୁ ମିଳିଯାଉଛି ସୁରକ୍ଷା**

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଚାର୍ଜସିଟ୍ ପ୍ରଦାନରେ ବିଳମ୍ବ ପାଇଁ ଜଣେ ପୁଲିସ୍ ଅଧିକାରୀ ନିଲମ୍ବିତ ହେବା ପରେ ମଧ କମିଶନରେଟ୍ ପୁଲିସ୍ ବାବୁଙ୍କର ଚେତା ପଶୁନାହିଁ। ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ଆଉ ଗୋଟିଏ ମାମଲାକୁ ବର୍ଷଟିଏ ପୂରିବାକୁ ଯାଉଥିବା ବେଳେ ତା'ର ଚାର୍ଜସିଟ୍ ମଧ ପୁଲିସ୍ ଦେଇପାରୁନାହିଁ। ବିଡ଼ମ୍ବନାର କଥା ହେଉଛି ଯେ ଗଣ୍ଡଗୋଳରୁ ହତ୍ୟାକାଣ୍ଡକୁ ରୂପାନ୍ତରିତ ହୋଇଥିବା ଏହି ମାମଲାର ଅଧେ ଆରୋପୀ ଜେଲ୍‌ରେ ଥିବାବେଳେ ଆଉ ଅଧେ ବିଳମ୍ବିତ ଚାର୍ଜସିଟ୍ ପାଇଁ ଅଦାଲତ ନିର୍ଦ୍ଦେଶରେ ବାହାରେ ରହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଖଣ୍ଡଗିରି ଥାନା ଅଧୀନସ୍ଥ ବରମୁଣ୍ଡାଠାରେ ଗତବର୍ଷ ଜୁଲାଇରେ ଗଣ୍ଡଗୋଳ ହୋଇଥିବା ଏହି ଗଣ୍ଡଗୋଳରେ ପ୍ରକାଶ କୁମାର ସାହୁ ନାମକ ଜଣେ ଯୁବକ ଆହତ ହୋଇ ୨୦୨୪ ଜୁଲାଇ ୧୧ରେ ଗୋଟିଏ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରୁ ସୁସ୍ଥ ହୋଇ ଅଗଷ୍ଟ ୨୯ ତାରିଖରେ ଘରକୁ ଆସିଥିଲେ। ସେହି ଗଣ୍ଡଗୋଳ ଘଟଣାରେ ୭ ଜଣ ଗିରଫ ହୋଇ ପରେ ଜାମିନରେ ବାହାରିଥିଲେ। ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରିଥିବା ଶ୍ରୀ ସାହୁ ପୁନର୍ବାର ସେପ୍ଟେମ୍ବର ୧୦ ତାରିଖରେ ଘରୋଇ ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ବେଳେ ଅକ୍ଟୋବର ୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ତାଙ୍କର ମୃତ୍ୟୁ ସେପ୍ଟିକ୍ ସକ୍ ଯୋଗୁଁ ହୋଇଥିବା ଡାକ୍ତରଖାନା ରିପୋର୍ଟରେ ଉଲ୍ଲେଖ ଥିବା ଅଦାଲତରେ ଦର୍ଶାଯାଇଛି। ତେବେ ଶ୍ରୀ ସାହୁଙ୍କ ମୃତ୍ୟୁ ପରେ ପୁଲିସ୍ ଜୁଲାଇ ମାସରେ ରୁଜୁ କରିଥିବା ଗଣ୍ଡଗୋଳ ମାମଲାକୁ ହତ୍ୟାକାଣ୍ଡ ମାମଲାକୁ ବଦଳାଇଥିଲା। ପରେ ଜାମିନରେ ଆସିଥିବା ଅଭିଯୁକ୍ତମାନଙ୍କୁ ➢ପୃଷ୍ଠା-୬


VANIK
● Best Faculty ● Best Study Material ● Best Test Series
NATIONAL HELPLINE 8093556677

ADMISSION OPEN
BANK, SSC, RAILWAY, ASO, OSSC
New Batch Starts from
14TH AUGUST 2025
CRP (Ex SSC Batch) TIME : 5.15pm to 08.30pm
BALASORE TIME : 5.15pm to 08.30pm
CUTTACK TIME : 07.00am to 10.15am
ROURKELA TIME : 2.00pm to 05.15pm
21ST AUGUST 2025
CRP (Bank+SSC+OSSC Batch) TIME : 2.00pm to 05.15pm
SAMBALPUR TIME : 10.30am to 01.45pm
JEYPORE TIME : 07.00am to 10.15am
BERHAMPUR TIME : 5.15pm to 08.30pm

MENTORS OF VANIK
GANESH KHATUA Academic Director (Reasoning)
PRAMOD KUMAR PADHI Asst. Director (Current Affairs)
TAPAN BEHERA Asst. Director (English)
ALOK JENA Asst. Director (Math & Reasoning)
BRAJA MOHAN HOD (English)
BIKASH RANJAN DAS HOD (Computer)
MANAS BEHURIA HOD-TET (Reasoning)
DEEPAK MOHAPATRA HOD-Tech. (Phy,Che,Pol,Eco)
ANJAN NAYAK HOD (Reasoning)
RAJAT KUMAR ROUT HOD-GS (Phy, Che)
DEEPAK SAHOO HOD (Mathematics)
ARVIND SINGH Sr. Faculty (Engish)
SUBRAT PAUL Sr. Faculty (Mathematics)
AVIJIT ADHIKARI Sr. Faculty (Geo, Eco)
RAHUL PRAKASH Sr. Faculty (Reasoning)
JANMEJAY SAHU Sr. Faculty (His,Geo,Pol,Eco,Phy)
SITAKANTA PANDA Sr. Faculty (GS,Pol,Eco)
BASANTA BHANJA Faculty (Mathematics)
BIJAYA MOHANTY Faculty (Reasoning)
SWADHIN MAHANA Faculty (Science & Tech)
ASUTOSH BEHERA Faculty (English)
SOMYA R. NANDA Faculty (Computer)
SASMITA MOHANTY Faculty (Pedagogy, Odia)
KARTIK PATRA Faculty (History)
SIDDHARTH TRIPATHY Faculty (Polity)
SOURAV MUKHERJEE Faculty (CA,FA,ECO)
CHANDRAMANI DAS Faculty (History)
ASWINI KU. DHALL Faculty (His,Geo,Pol)
NITISH PATRA Faculty (His,Geo,Pol)
ROJALIN SAHOO Faculty (GS, Odia)
SRIKANT SAHOO Faculty (His,Geo,Pol)
DEVI PRASAD PANI Faculty (GS,His,Pol)
SUSHIL KU. JENA Faculty (English)

ADMISSION OPEN FOR
IAS/OAS-2025
CRP BRANCH
New Batch Starts from 21st Aug' 2025
(GENERAL STUDIES) (Prelims & Mains) Time-7.00am-10.00am
EXPERT FACULTIES FROM NEW DELHI
EXCLUSIVE OAS-2025 (Prelims & Mains)
BERHAMPUR-Time : 7.00am-10.00am
New Batch Starts from 21st Aug' 2025
CUTTACK-Time : 9.30am-1.45pm
New Batch Starts from 21st Aug' 2025
BALASORE-Time : 9.30am-1.45pm
New Batch Starts from 21st Aug' 2025

MENTORS OF VANIK-IAS
Sunil Gupta Gov. & Social Issues Public Administration
Mansiz Sharma General Science & Technology
Naman Jain Indian Economics
Jai Prakash Rou Internal Security
Pramod Padhi Odisha Economy Current Af fairs
Abhaya Thakur World & Indian History International Relations
Vinay Tripathi Environment & Ecology
B.M. Panda Geography & Disaster Management
Saroj Samal Sociology, Social Issue, Ethics
Shantanu Roy History, Polity

Contact : 8093083555, 8984111101
www.vanik.org vanikbbsr@gmail.com www.facebook.com/vanikbbsr

CRP: Plot-1441, Opp. IOCL Petrol Pump, CRP Square, Bhubaneswar 8093556677, 9040456677
Acharya Vihar: Near Pani Tanki, Acharya Vihar, Bhubaneswar 8093083565, 9937436677
Cuttack: Near Yamaha Showroom, Link Road, Cuttack 8984556677, 9040656677
Berhampur: OSRTC Depo, Infont of SBR Women's College, Near Khalikot College 7992556677, 8018036677
Sambalpur: Plot-266, Unit-7, Modipada Sambalpur-768001 7377556677, 8093083575
Balasore: Angargadia Balasore-756001 8093136677, 8093146677
Rourkela: Koel Nagar Rourkela-769014 9938836677, 8093083549
Jeypore: JCN Heights, Above Patra Electronics, Dhepaguda 7205556677
Kolkata: Sealdah Market Complex, 6th Floor, Beliaghata Main Road, Kolkata 7449556677, 6293556677

# ଆଳିରେ ତ୍ରିରଙ୍ଗା ଶୋଭାଯାତ୍ରା



**ଆଳି,୧୨।୮ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ତାହାକୁ ଧୁମ୍ ଧାମରେ ପାଳନ କରାଯାଇଛି। ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱ ରେ ତ୍ରିରଙ୍ଗା ଶୋଭାଯାତ୍ରା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସହଦେବ ଦାସଙ୍କ ପ୍ରତିମୂର୍ତ୍ତି ପାଖରୁ ଆରମ୍ଭ ହୋଇ ନିଆଳି ଓ ଗୌଡପାଟଣା ଅତିକ୍ରମ କରି ଆଳି ବଜାର ଅନ୍ନପୂର୍ଣ୍ଣ ପଡିଆ ରେ ଶେଷ ହୋଇଥିଲା। ଭାରତ ର ଅଖଣ୍ଡତା ସଂହତି ପରମ୍ପରା କୁ ବଜାୟ ରଖି ବିକଶିତ ଭାରତ ର ସ୍ୱପ୍ନ କୁ ସାକାର କରିବା ନିମିତ୍ତ ଏଭଳି ମହାନ ପ୍ରୟାସ ରେ ଦଳ ମତ ନିର୍ବିଶେଷରେ ସମସ୍ତ ଭାରତୀୟ ଯୋଡିହେବାର ଏହି ତ୍ରିରଙ୍ଗା ଯାତ୍ରା ସଚେତନ ସୃଷ୍ଟି କରିପାରିଛି ବୋଲି ଶ୍ରୀ ପଣ୍ଡା ମତ ପ୍ରକାଶ କରିଥିଲେ । ତୃଣ ମୂଳରୁ ବିକାଶ ହେଲେ ରାଜ୍ୟ ର ବିକାଶ ସହିତ ଦେଶର ବିକାଶ ହୋଇପାରିବ ବୋଲି ଆଜିର ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଆସିଥିବା ବହୁ ସଂଖ୍ୟାରେ ଜନତା ମତ ପ୍ରକାଶ କରିଥିଲେ। ଅନ୍ୟପଟେ ସାଧାରଣ ଲୋକେ ସଚେତନ କରାଇବା ସହିତ ତ୍ରିରଙ୍ଗା ଯାତ୍ରାକୁ ସଫଳ କରିପାରିଛନ୍ତି।

# ୩୯ ନମ୍ବର ଜୋନରେ ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା



**ମାହାଙ୍ଗା,୧୨।୮ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜପି ପକ୍ଷରୁ ଜୋନ ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜୟୀପୁର ବିଜେପି ମଣ୍ଡଳ ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଛି । ଜୟୀପୁର ବିଜେପି ମଣ୍ଡଳ ସଭାପତି ଅରୁଣ କୁମାର ସେଠୀଙ୍କ ତତ୍ତ୍ୱାବଧନ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଜୟୀପୁର ମଣ୍ଡଳ ପ୍ରଭାରୀ ହିମାଂଶୁ ମହାନ୍ତି ପହଞ୍ଚି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଶତାଧିକ ବାଇକ୍ ସାମିଲ ହୋଇ ମୁଳବଶନ୍ତ ପଞ୍ଚାୟତ ଅଫିସ୍ ନିକଟରୁ ବାହାରିଥିବା ବେଳେ ଗୋପାଳ ପୁର, ବାସୁଦେବପୁର, କୋଳି ଅଠା, ମଧୁପୁର, କୁଣ୍ଡି, ସମସରପୁର, କଇଥା ନିକଟରେ ଶେଷ ହୋଇଥିଲା ଓ ମଣ୍ଡଳ ର ସମସ୍ତ କାର୍ଯ୍ୟ କର୍ତ୍ତା ସମସରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଫେଇ କରିଥିବା ଦେଖିବାକୁ ମିଳିଥିଲା ସେହିଭଳି କଇଥା ଗାନ୍ଧି ଆଶ୍ରମରେ ପହଞ୍ଚି ଗାନ୍ଧି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅପ୍ରଣ କରିଥିଲେ।

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




**ମହାକାଳପଡ଼ା,୧୨।୮ (ସଂଚାର ବ୍ୟୁରୋ):** ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ମହାକାଳପଡ଼ା ଠାରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସିଡ଼ିପିଓ କବିତା ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତଙ୍କ ମଧରେ ଦେଶପ୍ରେମ ତଥା ଜାତୀୟତାଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ସମସ୍ତେ ହାତରେ ତ୍ରିରଙ୍ଗା ପତାକା ଧରି ଘରେ ଘରେ ଜାତୀୟ ପତାକାକୁ ଲଗାଇ ହର୍ ଘର୍ ତ୍ରିରଙ୍ଗା ପାଇଁ ନିଜକୁ ସାମିଲ୍ କରିବାକୁ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ସୁଶ୍ରୀ ସଙ୍ଗିତ ପ୍ରିୟଦର୍ଶିନୀ, ସବିତା ସାମଲ, ସୁହାଗିରାଣୀ ରାଉତ, ପ୍ରମିଳା ଜେନା, ପୋଷଣ ବ୍ଲକ କୋଡିନେଟର ଜୟପ୍ରକାଶ ଜେନା, କନିଷ୍ଠ ପରିସଂଖ୍ୟାନ ସହାୟକ ପବିତ୍ର କୁମାର ମୁଦୁଲି ଓ ବରିଷ୍ଠ ଲିପିକ ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗା ଚାଳିଆରେ ପାର୍ବତୀଙ୍କ ପରିବାର

● ଆଜିଯାଏଁ ପହଞ୍ଚିନି ଆବାସ
● ଆଖିର ଲୁହକୁ ଓଠରେ ପିଉଛନ୍ତି



**ମହାକାଳପଡ଼ା,୧୨।୮ (ସଂଚାର ବ୍ୟୁରୋ):** ଭଙ୍ଗା ଦଦରା ଚାଳ ଛପର ଘରେ ରହୁଛନ୍ତି ପରିବାରର ୧୦ ଜଣ ସଦସ୍ୟ। ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳି ପାରିଲା ନାହିଁ। ବାରମ୍ବାର ସମସ୍ତଙ୍କୁ ଗୁହାରି କରି ମଧ ତାଙ୍କ କଥା କେହି ଶୁଣୁ ନଥିବା ସେ ଅଭିଯୋଗ କରିଛନ୍ତି। ଏମିତି ପରିସ୍ଥିତିରେ ନିଜର ଭାଗ୍ୟକୁ ଆଦରି ସେଇ ଭଙ୍ଗା ଦଦରା କୁଡ଼ିଆରେ ଜୀବନ କାଟୁଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର କ୍ଷୀରୋଦ ରାଉତ ଓ ତାଙ୍କ ପତ୍ନୀ ପାର୍ବତୀ ରାଉତଙ୍କୁ ମିଶାଇ ପରିବାରରେ ମୋଟ ୧୦ ଜଣ ପରିବାର। ଏହା ମଧରେ କ୍ଷୀରୋଦଙ୍କୁ ୭୫ ବର୍ଷ ହୋଇଥିଲା ବେଳେ ପାର୍ବତୀଙ୍କୁ ୭୩ ବର୍ଷ ହେଲାଣି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ମୁଣ୍ଡ ଗୁଞ୍ଜିବାକୁ ପାଖରେ ପକ୍କାଘର ଖଣ୍ଡିଏ ନାହିଁ। ବୟସର ଅପରାହ୍ନରେ ପହଞ୍ଚି ସାରିଛନ୍ତି ଉଭୟ ବୃଦ୍ଧ ଦମ୍ପତ୍ତି। ଦୁଇ ପୁଅଙ୍କୁ ମଧ ୪୦ ବର୍ଷ ଅତିକ୍ରମ ହୋଇସାରିଲାଣି। ହେଲେ ସରକାରଙ୍କ ଦୃଷ୍ଟି ଏହି ପରିବାର ଉପରେ ଯେମିତି ଅଭିଶାପ ପାଲଟିଛି। ନିର୍ବାଚନ ଆସିଲେ ଏହି ପରିବାରର ୬ ଖଣ୍ଡ ଭୋଟ୍ ଉପରେ ସମସ୍ତଙ୍କ ନଜର ପଡ଼େ। ଧୋବଧୋବଲିଆ ନେତାମାନେ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ଭୋଟ୍ ହାତେଇ ନିଅନ୍ତି। ନିର୍ବାଚନ ପରେ ତାଙ୍କ କଥାକୁ ସମସ୍ତେ ଭୁଲିଯାଆନ୍ତି ବୋଲି ପାର୍ବତୀ କହିଛନ୍ତି। ନଈକୂଳିଆ ଘରେ ଝଡି ପବନ ହେଲେ ଛାତିରେ ଅଜଣା ଭୟ ସୃଷ୍ଟି ହୁଏ। ବର୍ଷା ଦିନ କଥା ନକହିବା ଭଲ। ଏମିତି ପରିସ୍ଥିତିରେ ଆଖିର ଲୁହକୁ ଓଠରେ ପିଇ ଜୀବନ କାଟୁଛନ୍ତି ପାର୍ବତୀଙ୍କ ପରିବାର।

ସୂଚନା ନେବାରୁ ଜଣାପଡେ କି କ୍ଷୀରୋଦ ରାଉତଙ୍କ ନାମରେ ଇନ୍ଦିରା ଆବାସ ଯୋଜନାରେ ଥିବା ୨୨ ହଜାର ରୁ କେବଳ ୫ ହଜାର ଟଙ୍କା ମିଳିଥିଲା। ସେହି ୫ ହଜାରରୁ ସେ ୩ ହଜାର ପାଇଥିଲା ବେଳେ ୨ ହଜାର ଟଙ୍କା କୁଜି ନେତା ନେଇଥିଲେ। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ସେହି କୁଡ଼ିଆରେ ରହିଆସୁଛନ୍ତି। ଏବେ ଲୋକଙ୍କ ସରକାରରେ ସେ ଘର ଖଣ୍ଡିଏ ପାଇଁ ଆଶା ରଖିଛନ୍ତି। ତୁରନ୍ତ ପ୍ରଶାସନ ଏହି ପରିବାର ଉପରେ ଦୃଷ୍ଟି ଦେଇ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି ହେଉଛି।

ଥାନାରେ ପ୍ରେମୀଯୁଗଳଙ୍କ ବିବାହ

# ତ୍ରିନାଥ ମନ୍ଦିରରେ ଫୁଲମାଳ ପକାଇ ଜୀବନସାଥୀ କଲେ



**ମହାକାଳପଡ଼ା,୧୨।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି ପ୍ରେମୀଯୁଗଳଙ୍କ ବିବାହ। ପୁଲିସ ଉପସ୍ଥିତରେ ପ୍ରେମିକ ଓ ପ୍ରେମିକା ଉଭୟ ପରିବାର ଲୋକ ମାନଙ୍କ ଉପସ୍ଥିତିରେ ହୋଇଛି ବିବାହ କାର୍ଯ୍ୟ ସମ୍ପନ୍ନ।

ମହାକାଳପଡା ବ୍ଲକ ତନ୍ତିଆପାଳ ଥାନା ଅନ୍ତର୍ଗତ ରଢିଆ ଗ୍ରାମର ସୁରେଶ ରାଉତଙ୍କ ପୁଅ ସୁଧାଂଶୁ(୨୪) ମହାକାଳପଡ଼ା ଥାନା ଅନ୍ତର୍ଗତ ଜଁଅରା ଗ୍ରାମର ଜଣେ ଝିଅକୁ ଦୀର୍ଘ ଦିନ ଧରି ଭଲ ପାଇ ଆସୁଥିଲେ। ତେବେ ଗତ ରବିବାର ବିଳମ୍ବିତ ରାତିରେ ସୁଧାଂଶୁ ନିଜ ଘରୁ ଚାଲି ଆସି ଜଁଅରା ଗ୍ରାମରେ ପହଞ୍ଚି ପ୍ରେମିକା ଘରକୁ ଯାଇ ଉଭୟ ଉଭୟଙ୍କୁ ଭଲ ପାଉଛନ୍ତି ତେଣୁ ସେ ବିବାହ କରିବାକୁ କହିଥିଲେ। ପରେ ପୂର୍ଣ୍ଣିମାଙ୍କ ଘର ଲୋକଙ୍କ ପକ୍ଷରୁ ମହାକାଳପଡ଼ା ଥାନାକୁ ଖବର ଦିଆଯାଇଥିଲା। ମହାକାଳପଡ଼ା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଦଶରଥ ମହାରଣାଙ୍କ ସମେତ ଏକ ପୁଲିସ ସେଠାରେ ପହଁଞ୍ଚି ସୁଧାଂଶୁଙ୍କୁ ଥାନାକୁ ଆଣି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ଉଭୟଙ୍କ ପରିବାର ଲୋକେ ଥାନାରେ ପହଞ୍ଚିବା ପରେ ସେମାନଙ୍କ ପକ୍ଷରୁ ବିବାହ ପାଇଁ ସହମତି ହେବାରୁ ପୁଲିସ ଉପସ୍ଥିତିରେ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ବୋହୁକୁ ନେଇ ସୁଧାଂଶୁ ଓ ତାର ପରିବାର ଲୋକେ ନିଜ ଘରକୁ ଫେରିଥିବା ସୂଚନା ମିଳିଛି। ଥାନା ପରିସରରେ ପ୍ରେମୀଯୁଗଳଙ୍କ ବିବାହ ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# କରିଲୋପାଟଣା ଡିଗ୍ରୀ କଲେଜରେ ବ୍ୟାପକ ଦୁର୍ନୀତିର ଗନ୍ଧ

ଦରମା ବନ୍ଦ କଲେ ଉପଜିଲ୍ଲାପାଳ

ଧାରଣା ଦେଲେ ଅଧ୍ୟାପକ, ବେଫିକର ଅଧକ୍ଷ



**ମାର୍ଶାଘାଇ,୧୨।୮(ସଂଚାର ବ୍ୟୁରୋ):** କରିଲୋପାଟଣାରେ ଥିବା ଡିଗ୍ରୀ କଲେଜରେ ବ୍ୟାପକ ଅର୍ଥ ତୋଷରପାତ ହୋଇଥିବା ଗନ୍ଧ ବାରିଛନ୍ତି ଉପଜିଲ୍ଲାପାଳ। ସେ ଏଥିନେଇ ୮୯୮୫ ଚିଠି ନମ୍ବରରେ ୮/୮/୨୫ ତାରିଖରେ କଲେଜ ଅଧକ୍ଷଙ୍କୁ ଏକ ଚିଠି କରିଛନ୍ତି। କଲେଜର କର୍ମଚାରୀଙ୍କ ଦରମା ବିଲକୁ ଉପଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯାଉଛି କିନ୍ତୁ ଅନ୍ୟ ଅର୍ଥ କାରବାର ଉପଜିଲ୍ଲାପାଳ ଦ୍ୱାରା ଅନୁମୋଦନ ହେଉ ନାହିଁ। ଅର୍ଥର ଅନୁମୋଦନ କେବଳ ଉପଜିଲ୍ଲାପାଳଙ୍କ କ୍ଷମତା ଥିବା ବେଳେ କିପରି ଅଧକ୍ଷ ଏହାକୁ ଉଲ୍ଲଘନ୍ନ କରି ଅର୍ଥ କାରବାର କଲେ ବୋଲି ଚିଠିରେ ଦର୍ଶାଇଛନ୍ତି। ଏହା ଜଣାପଡିବା ପରେ ଉପଜିଲ୍ଲାପାଳ ଏହାକୁ ନେଇ କଲେଜର ସମସ୍ତ ଅର୍ଥ କାରବାର କାଗଜପତ୍ର, ପ୍ରତ୍ୟେକ ଚେକ ବହି, ଚେକ ଇସୁ ରେଜିଷ୍ଟର, ବ୍ୟାଙ୍କ ପାସବୁକକୁ ୧୩/୮ ତାରିଖରେ ସୁଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରି ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ ଡିଗ୍ରୀ କଲେଜର ସମସ୍ତ କର୍ମଚାରିଙ୍କ ଦରମା ବନ୍ଦ କରିଛନ୍ତି। ଦରମା ଉପରେ ନିର୍ଭର କରି ଚଳୁଥିବା କର୍ମଚାରୀ ଦରମା ନପାଇ ଆଜି କଲେଜର ଅଧ୍ୟାପକ ପ୍ରଫୁଲ ମହାନ୍ତି ଆଜି ଧାରଣାରେ ବସିଛନ୍ତି କଲେଜ ପରିସରରେ।

ଏଠି ପ୍ରଶ୍ନ ଉଠୁଛି ଯେ ଯଦି ଦୁର୍ନୀତିର ଗନ୍ଧ ଉପଜିଲ୍ଲାପାଳ ପାଇଲେ ସଠିକ ତଦନ୍ତ କରି ଦୁର୍ନୀତି କରିଥିବା ଲୋକ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଦରମା ବନ୍ଦ କରି ଅଯଥା କର୍ମଚାରୀଙ୍କୁ କଣ ପାଇଁ ହଇରାଣ କରୁଛନ୍ତି ଉପଜିଲ୍ଲାପାଳ। ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ବେଫିକର ହୋଇଛନ୍ତି କଲେଜ ଅଧକ୍ଷ। ଦରମା କିପରି କର୍ମଚାରୀ ପାଇବେ ସେଥିପ୍ରତି ଦୃଷ୍ଟି ନଦେଇ ଖାତା ଦେଖିବାକୁ ପଳାଇଛନ୍ତି। ଆସନ୍ତାକାଲି ଅଧକ୍ଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେବା କଥା, କିନ୍ତୁ ଖାତା ଦେଖୁଥିବାରୁ ଦରମା ପାଇବା ପାଇଁ ଆହୁରି ଡେରି ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଦୁଷ୍କର୍ମ ପୀଡ଼ିତା ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ



**ରାଜନଗର,୧୨।୮ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଈଶା ଓ ଅନ୍ୟ ୪ ଜଣ ଯୁବକ ଗଣ ଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାରେ ଆଜି ସନ୍ଧ୍ୟାରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ପୀଡ଼ିତା ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ପ୍ରଫୁଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ମଧୁସ୍ମିତା ଆଚାର୍ଯ୍ୟ, ସମସିଦା ତୟାବ, ଅମ୍ରିତା ଦାସ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ କୁମାର ରାଉତ, ସତ୍ୟପ୍ରିୟ ସାମଲ ପ୍ରମୁଖ ପୀଡ଼ିତା ପରିବାରକୁ ଭେଟିବା ସହିତ ରାଜନଗର ଥାନାରେ ପହଞ୍ଚି ଆଲୋଚନା କରିଛନ୍ତି।ଘଟଣାକୁ ନିନ୍ଦା କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ପୀଡ଼ିତା ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

ଗଣଦୁଷ୍କର୍ମ ମାମଲା

# ବିଜେଡି ପକ୍ଷରୁ ବିକ୍ଷୋଭ, ରାସ୍ତାରୋକ

● ଜିଲ୍ଲାପାଳଙ୍କ ଗାଡ଼ିକୁ ଛାଡ଼ିଲେନି

**ରାଜନଗର,୧୨।୮ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ମାମଲା ତ୍ରିବ୍ର ପତିକ୍ରିୟା ସୃଷ୍ଟି କରିଛି। ଆଜି ବିଜେଡି ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ରାଜନଗର ହଂସୁଆ ସେତୁ ନିକଟରେ ବିଜେଡି ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯିବା ସହିତ ରାସ୍ତାରୋକ କରାଯାଇଥିଲା। ସରକାର ବିରୋଧୀ ନାରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଥିଲା। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ ଯୋଗୁଁ ଶହ ଶହ ଗାଡି ଅଟକି ରହିଥିଲା। ରାଜନଗର ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରାପଡା



ଜିଲ୍ଲାପାଳ, ଉପଜିଲ୍ଲାପାଳ ଗାଡି ବିକ୍ଷୋଭ ସମୟରେ ଆସିଥିଲେ ମଧ ବିକ୍ଷୋଭକାରୀ ଜିଲ୍ଲାପାଳଙ୍କ ଗାଡିକୁ ଛାଡିନଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଘଟଣା ସ୍ଥଳକୁ ଆସି ବିକ୍ଷୋଭ କାରୀଙ୍କ ସହ ଆଲୋଚନା କରିଥିଲେ ମଧ ବିକ୍ଷୋଭକାରୀ ଶୁଣିନଥିଲେ। ଜିଲ୍ଲାପାଳ ଗାଡି ବୁଲାଇ ବ୍ଲକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ପିଡିତଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାପତି ରଶ୍ମି ରଂଜିତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ବିଜୟ କୁମାର ନାୟକ, କୈଳାସ ଚନ୍ଦ୍ର ପରିଡା, ଦେବେନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ, ଦାମୋଦର ମହାନ୍ତି, ସରୋଜ କୁମାର ରାଉତ, ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ କୁମାର ବେହେରା, ସୁରଜ କୁମାର ପୁହାଣ, ବିଚିତ୍ର କୁମାର ମଳିକ, ପରମେଶ୍ୱର ଦାସ, ସାଗର ବଳ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ପୀଡ଼ିତା ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି



**ରାଜନଗର,୧୨।୮ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଈସା ଓ ଅନ୍ୟ ୪ ଜଣ ଯୁବକ ଗଣ ଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାରେ ଆଜି ସନ୍ଧ୍ୟାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ପୀଡ଼ିତା ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ଜିଲ୍ଲା ମହିଳା ସଭାନେତ୍ରୀ ରୋସନା ସାହୁ, ବିଜେଡି ମାଇନର ସେଲ ସହ ସଂଯୋଜକ ରିଜୁଆନା ବେଗମ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋସ୍ନା ପରିଡା, ରାଜ୍ୟ ସାଧାରଣ ସମ୍ପାଦିକା ଅଂଶୁ ତ୍ରିପାଠୀ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ପୀଡ଼ିତା ପରିବାରକୁ ଭେଟିଥିଲେ।

# ଚୋରା ମଦ ଜବତ, ୩ କୋର୍ଟ ଚାଲାଣ



**କେନ୍ଦ୍ରାପଡା,୧୨।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ନେତତ୍ୱରେ ବିଭାଗ ପକ୍ଷରୁ ନିକିରେଇ, ଡେରାବିଶ ଓ ସଦର ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ତିଲଙ୍ଗା ଗ୍ରାମର ସୁବାଷ କୁମାର ମଳିକଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ନୀଳକଣ୍ଠପୁର ଗ୍ରାମର ନିମାଇଁ ଚରଣ ମଳିକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଓ ଦୁହୁରିଆ ଗ୍ରାମର ମନୋଜ କୁମାର ମଳିକଙ୍କ ଠାରୁ ୩୧ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୭୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରାଜନଗର,୧୨।୮(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଣତା ପଞ୍ଚାୟତ ଡିମିରିଆ ଗାଁର ୬୭ ବର୍ଷ ବୟସ୍କ ହରେକୃଷ୍ଣ ରାଉତ ଆଜି ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ଆଜି ସକାଳେ ହରେକୃଷ୍ଣ ଚାଷ କାମ କରିବାକୁ ବିଲକୁ ଯାଉଥିଲେ। ବିଲରେ ଥିବା ସମୟରେ ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁଁ ମୁଣ୍ଡ ବୁଲାଇ ଦେଇଥିଲା। ଫଳରେ ନିକଟରେ ଥିବା କେନାଲ ମଧରେ ପଡ଼ିଯାଇଥିଲେ। ପାଖ ବିଲରେ କାମ କରୁଥିବା ଲୋକମାନେ ଦେଖି ତୁରନ୍ତ ଆସି ହରେକୃଷ୍ଣଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ମୃତ୍ୟୁ ହୋଇଛି ବୋଲି ଘୋଷଣା କରିଥିଲେ। ଏନେଇ ରାଜନଗର ଥାନାରେ ଏକ ଅପମୃତ ମାମଲା ରୁଜୁ କରାଯିବା ସହ ଶବକୁ ପୋଷ୍ଟମଟମ ପାଇଁ ଆଜି ପଠା ଯାଇଛି।

# ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା



**ସାଲେପୁର,୧୨।୮(ସଂଚାର ବ୍ୟୁରୋ):** ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଆଞ୍ଚଳିକ, ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଆନୁକୂଲ୍ୟରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ମିଳିତ ସହଯୋଗରେ ସାଲେପୁର ବ୍ଲକ ଅଧିନସ୍ଥ ଗୋପିନାଥପୁରଠାରେ ଥିବା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ବ୍ଲକ ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାଶ ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ଜରୁରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ କବି ପରମାନନ୍ଦ ସ୍ୱାଇଁ, କଣ୍ଠଶିଳ୍ପୀ ଅଶ୍ୱିନୀ କୁମାର ମହାନ୍ତି ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କବି ଚିତ୍ତରଞ୍ଜନ ପଣ୍ଡା, ପଣ୍ଡିତ ସଞ୍ଜୟ କୁମାର ଷଡ଼ଙ୍ଗୀ, ଅଧାପିକା ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ବିଦ୍ୟାଳୟ ସ୍ତରରେ ୧୨୮ଜଣ ଓ ମହାବିଦ୍ୟାଳୟ ସ୍ତରରେ ୩୫ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ସାପ କାମୁଡ଼ାରେ ଚାଷୀ ମୃତ

**ଆଳି,୧୨।୮(ସଂଚାର ବ୍ୟୁରୋ):** ବିଲରେ ଚାଷ କରୁଥିବା ବେଳେ ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଅଲେଖ ଜେନା (୫୭) ଭୁଇଁପୁର ଭେଡାରେ କାମ କରୁଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ଆଳି ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ଓଡ଼ିଶା କନିଷ୍ଠ ଶିକ୍ଷକ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



**କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ):** ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କେତେକ ଦାବି ନେଇ ଜିଲ୍ଲାର ପ୍ରାୟ ୮ଶହ ଶିକ୍ଷକ ଗରାପୁର ଶିକ୍ଷକ ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସଙ୍ଘର ଜିଲ୍ଲା ସଭାପତି ଉଷାରାଣୀ ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସଭ୍ୟ ରାଷ୍ଟ୍ରରେ ଶିକ୍ଷାର ଭିତ୍ତିଭୂମି ହେଲା ପ୍ରାଥମିକ ଶିକ୍ଷା। ଏହି ଶିକ୍ଷା ମଣିଷକୁ ଜ୍ଞାନଶୁଦ୍ଧିରେ ସାହାଯ୍ୟ କରିଥାଏ । ଦୁଃଖର ସହ କହିବାକୁ ପଡୁଛି ଯେ ସରକାର ଯଦି ସତରେ ମୃତବତ ପ୍ରାଥମିକ ଶିକ୍ଷାର ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି ତେବେ ସେହି ପ୍ରାଥମିକ ଶିକ୍ଷାର ମେରୁଦଣ୍ଡ ପ୍ରାଥମିକ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ମର୍ଯ୍ୟାଦାର ମୂଲ୍ୟ ଦେବା ଉଚିତ । ପ୍ରାଥମିକ ଶିକ୍ଷା ଓ ଶିକ୍ଷକମାନଙ୍କ ସୌଭାଗ୍ୟର ସୂର୍ଯ୍ୟୋଦୟକୁ ସରକାରଙ୍କ ଗଣଶିକ୍ଷା ବିଭାଗର ଏକ ପ୍ରତ୍ୟାହାରପତ୍ର ଅମା ଅନ୍ଧାରରେ ଭରି ଦେଇଛି ବୋଲି ସଙ୍ଘ ଅଭିଯୋଗ କରିଛି । ଆସନ୍ତା ୧୭ତାରିଖ ସୁଦ୍ଧା ପୁରଣ କରାନଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Dated 02/08/2025, I, Laxmi Sahoo R/o. 1412, Trinath Vihar, Baramunda, Bhubaneswar, Dist. Khurda, Odisha, declare that, my name has been mentioned as LAXMI PRIYA DEVI, LAXMIPRIYA SAHOO & LAXMI SAHOO in different documents. Henceforth I shall be known as Laxmi Sahoo for all purposes.



ଢେଙ୍କାନାଳର ଏମ୍‌ଜିଏମ୍ ମିନେରାଲ୍ସରେ ବିପିଏନ୍‌ଏସ୍‌ଆଇର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମ (ଜ୍ଞାନ ବଣ୍ଟନ କର୍ମଶାଳା) ଆରମ୍ଭ ହୋଇଛି। ଆଇଆଇଟି ପ୍ରଫେସର (ଡକ୍ଟର) ରାମକୃଷ୍ଣ ସାବତ ସିଧାସଳଖି ହ୍ରାସିତ ଲୁହା ପ୍ରକ୍ରିୟା, ଇସ୍ପାତ ତରଳାଇବା ପ୍ରକ୍ରିୟା, ଉତ୍ତାପ ଚିକିତ୍ସା ଓ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ଏକ ବିସ୍ତୃତ ବକ୍ତୃତା ପ୍ରଦାନ କରୁଥିଲେ। ପ୍ରଫେସର ସତ୍ୟପ୍ରିୟ ଶତପଥୀ ଡିଆର୍‌ଆଇ ପ୍ରକ୍ରିୟାରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା ଉପରେ ପ୍ରଦାନ କରୁଛନ୍ତି। ପ୍ଲାଣ୍ଟ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୋପବନ୍ଧୁ ଦାଶ ଉପସ୍ଥିତ ଥିଲେ ଓ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବୃହତ୍ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା

# ଧାର୍ଯ୍ୟ ସମୟରେ କାମ ସାରିବାକୁ ମନ୍ତ୍ରୀଙ୍କ ତାଗିଦ

**୫୫୨ ପଞ୍ଚାୟତ 'ହର ଘର୍ ଜଳ'ରେ ସାମିଲ୍**



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଗ୍ରାମାଞ୍ଚଳରେ ଏହି କାର୍ଯ୍ୟକୁ ଉଚିତ ଭାବେ କାର୍ଯ୍ୟକାରୀ କରି ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରି ମନ୍ତ୍ରୀ ରବିନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସମସ୍ତ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ। ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି ୧୮ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି ଓ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ନିର୍ଦ୍ଦେଶ ଦେଇଥିଲେ।

ବର୍ତ୍ତମାନ ରାଜ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଓ ୫୫୨ଟି ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ 'ହର ଘର ଜଳ' ଯୋଜନାରେ ଅନ୍ତର୍ଭୁକ୍ତ ହୋଇସାରିଛନ୍ତି। ନୂଆପଡା ଜିଲ୍ଲାର ସମସ୍ତ ଗ୍ରାମ 'ହର ଘର ଜଳ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇ ପାରିଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ, ଆସନ୍ତା ଡିସେମ୍ବର ୨୦୨୫ ସୁଦ୍ଧା ଆଉ ୫୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଛି। ଏହି ସମସ୍ତ ପ୍ରକଳ୍ପର ନିର୍ମାଣ ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ନାଏକ ଧାର୍ଯ୍ୟ ସମୟ ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସମ୍ପ୍ରତି ରାଜ୍ୟରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ୫ ଲକ୍ଷ ୨୭ ହଜାର ୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କର ଲଗାତର ବିଶୁଦ୍ଧିକରଣ କରାଯାଇଛି। ପୂର୍ବ ବର୍ଷରେ ମଞ୍ଜୁର ହୋଇଥିବା ୨୯,୫୧୨ଟି ନଳକୂପ ମଧ୍ୟରୁ ୨୦,୮୯୧ଟିର କାମ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସାରୁନଥିବା ଏଜେନ୍ସି ଉପରେ ପେନାଲ୍ଟି ଲଗାଯାଉଛି।

ସେହିଭଳି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ମଧ୍ୟ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ ଦରମାକାଟ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବିଭାଗୀୟ ସଚିବ ଏସ୍.ଏନ୍ ଗିରୀଶ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିଭିନ୍ନ ତଥ୍ୟ ବିଷୟରେ ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ନିର୍ଦ୍ଦେଶକ (ପାନୀୟ ଜଳ ଓ ପରିମଳ) ଭିନିତ ଭରଦ୍ୱାଜ, ପାନୀୟ ଜଳ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ରାଷ୍ଟ୍ରପତି ଭବନରୁ ଆସିଛି ନିମନ୍ତ୍ରଣ

# ଦିଲ୍ଲୀ ଯିବେ ଆଦିବାସୀ ମହିଳା ସୁରୁ ତିରିଆ



**ମୟୂରଭଞ୍ଜ,୧୨।୮(ସଂଚାର ବ୍ୟୁରୋ):** ଆଦିବାସୀ ମହିଳା ସୁରୁ ତିରିଆଙ୍କ ପାଇଁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଉପନୀତ ହୋଇଛି। କାରଣ ସେ ଏବେ ଦିଲ୍ଲୀ ଯିବେ ଆଉ ରାଷ୍ଟ୍ରପତିଙ୍କୁ ଭେଟିବେ। କୌଣସି ସାଧାରଣ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ଗୌରବପୂର୍ଣ୍ଣ ମୁହୂର୍ତ୍ତ ହୋଇଥିବା ବେଳେ ସୁରୁଙ୍କ କ୍ଷେତ୍ରରେ ବ୍ୟତିକ୍ରମ କେମିତି ହେବ? ତାଙ୍କୁ ଦିଲ୍ଲୀରେ ପହଞ୍ଚିବା ପାଇଁ ନିମନ୍ତ୍ରଣ ପତ୍ର ଆସିଛି। ଆସନ୍ତା ସ୍ୱାଧୀନତା ଦିବସ ପାଳନ ସମାରୋହରେ ଯୋଗଦେବା ସକାଶେ ତାଙ୍କୁ ରାଷ୍ଟ୍ରପତି ଭବନରୁ ଏହି ପତ୍ର ଆସିଛି। ଫଳସ୍ୱରୂପ, ତାଙ୍କ ମୁହଁରେ ଏବେ ଖାଲି ହସ। ଖୁସିରେ ସୁରୁ ଖେଳେଇ ପକାଉଛନ୍ତି ରାଷ୍ଟ୍ରପତିଙ୍କ ପାଖରୁ ଆସିଥିବା ଫାଇଲଟିକୁ। ସବୁ କାଗଜପତ୍ର ନିରେଖି ଦେଖୁଛନ୍ତି। କ'ଣ ଆସିଛି ବୋଲି ଗାଁଟା ସାରା ଲୋକ ବି ଦୌଡ଼ି ଆସୁଛନ୍ତି ଦେଖିବାକୁ। ମନରେ ସୁରୁଙ୍କର ନାହିଁ ନଥିବା ଉତ୍ସାହ। ରାଷ୍ଟ୍ରପତି ଭବନରୁ ତାଙ୍କ ପାଇଁ ସ୍ୱତନ୍ତ୍ର ଚିଠି ଆସିଥିବାରୁ ତାଙ୍କ ମନରେ ଭରିଯାଇଛି ଉତ୍ସାହ। ମୟୂରଭଞ୍ଜ ଜିଲ୍ଲା କୁସୁମି ବ୍ଲକ ବାସାଘୁଟୁ ଗ୍ରାମର ଆଦିବାସୀ ମହିଳା ସୁରୁଙ୍କ ତାଙ୍କର କିଛି ସ୍ୱତନ୍ତ୍ର ଦକ୍ଷତା ପାଇଁ ରାଷ୍ଟ୍ରପତିଙ୍କ ନଜରକୁ ଆସିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ଯୋଜନାରେ ସାମିଲ ହୋଇ ସୁରୁ ଏହାର ଫାଇଦା ଉଠାଇ ପାରିଥିବାରୁ ତାଙ୍କୁ ଦିଲ୍ଲୀରୁ ଡାକରା ଆସିଛି। ଆସନ୍ତା ସ୍ୱାଧୀନତା ଦିବସରେ ଯୋଗଦେବା ସହ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ନୈଶଭୋଜିରେ ଯୋଗଦେବେ ସୁରୁ। ସୁରୁ ଜଣେ ଗରିବ ପରିବାରର ଅବିବାହିତ ମହିଳା ହୋଇଥିବା ବେଳେ ଘରର ବିଭିନ୍ନ କାର୍ଯ୍ୟ ସହ ଚାଷବାସରେ ପରିବାର ଲୋକଙ୍କୁ ସହଯୋଗ କରିଆସିଛନ୍ତି। ଏବେ ସେ କେବଳ ରାଷ୍ଟ୍ରପତିଙ୍କୁ ଭେଟିବାର ସେଇ ଅପୂର୍ବ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି।

### ୭୯ତମ ସ୍ୱାଧୀନତା ଦିବସ: କିଏ କେଉଁଠି କରିବେ ପତାକା ଉତ୍ତୋଳନ

# ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ, କେନ୍ଦୁଝରରେ ଓ କଟକରେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ସ୍ୱାଧୀନତା ଦିବସକୁ ଆଉ ମାତ୍ର ୨ ଦିନ ବାକି ଥିବା ବେଳେ ରାଜ୍ୟରେ ପାଳିତ ହେବ ୭୯ତମ ସ୍ୱାଧୀନତା ଦିବସ। ରାଜ୍ୟ ସ୍ତରରେ ସ୍ୱାଧୀନତା ଦିବସ ପାଳନ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ସ୍ୱାଧୀନତା ଦିବସ ଅବସରରେ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ ପତାକା ଉତ୍ତୋଳନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଚଳିତ ବର୍ଷ ରାଜ୍ୟରେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ, ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଏକ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁସାରେ, ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିବେ। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଯଥାକ୍ରମେ କେନ୍ଦୁଝର ଓ କଟକରେ ପତାକା ଉତ୍ତୋଳନ କରିବେ। ସେହିପରି ସମ୍ବଲପୁରରେ ସୁରେଶ ପୂଜାରୀ, ବଲାଙ୍ଗିରରେ ରବି ନାଏକ, କଳାହାଣ୍ଡିରେ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳରେ କୃଷ୍ଣଚନ୍ଦ୍ର ପାତ୍ର, ପୁରୀରେ ପୃଥ୍ୱୀରାଜ ହରିଚନ୍ଦନ, ସୁନ୍ଦରଗଡ଼ରେ ମୁକେଶ ମହାଲିଙ୍ଗ, ଗଜପତିରେ ବିଭୂତି ଭୂଷଣ ଜେନା, ଭଦ୍ରକରେ କୃଷ୍ଣଚନ୍ଦ୍ର ମହାପାତ୍ର, ନବରଙ୍ଗପୁରରେ ଗଣେଶ ରାମ ସିଂଖୁଣ୍ଟିଆ, ସୁବର୍ଣ୍ଣପୁରରେ ସୂର୍ଯ୍ୟବଂଶୀ ସୂରଜ, ଅନୁଗୁଳରେ ପ୍ରଦୀପ ବଳସାମନ୍ତ, ରାୟଗଡ଼ାରେ ଗୋକୁଳାନନ୍ଦ ମଲ୍ଲିକ ଓ ମୟୂରଭଞ୍ଜରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ।

## ଜାତୀୟ ସ୍ତରରେ ଓଡ଼ିଶାକୁ ଦ୍ୱୈତ ସମ୍ମାନ

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ପାଳିତ ବିଶ୍ୱ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଦିବସ ୨୦୨୫ ଏବଂ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ରେ ସର୍ବଶ୍ରେଷ୍ଠ ପୁରସ୍କାରରେ ଓଡିଶାକୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ଓ ସମ୍ମାନପତ୍ର ଦିଲ୍ଲୀସ୍ଥିତ ଏମ୍ସରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଏହି ସମ୍ମାନ ରାଜ୍ୟ ପରାମର୍ଶଦାତା ଗ୍ରହଣ କରିଛନ୍ତି। ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ରେ (ସେପ୍ଟେମ୍ବର- ନଭେମ୍ବର ୨୦୨୪ , ୬୦ ଦିନ ପାଇଁ)ରେ ଓଡିଶାଙ୍କୁ ସର୍ବଶ୍ରେଷ୍ଠ କାର୍ଯ୍ୟକୁଶଳ ରାଜ୍ୟ ଭାବେ ଚୟନ କରାଯାଇ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ରାଜ୍ୟର ଯୁବଶକ୍ତି ଦ୍ୱାରା ସମାଜରେ ତମାଖୁ ବ୍ୟବହାରର କୁପ୍ରଭାବ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସଫଳ ପ୍ରୟାସ ପାଇଁ ପ୍ରଦାନ କରାଯାଇଛି। ଏହି ସମ୍ମାନ ମୁଖ ସ୍ୱାସ୍ଥ୍ୟ ସେବାକୁ ଗାଁରୁ ସହର ସବୁ ସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦେଉଛି। ସ୍ୱାସ୍ଥ୍ୟ ବିଭାଗର ସମଗ୍ର ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବାରେ ନିରନ୍ତର ପ୍ରୟାସ ପାଇଁ ରାଜ୍ୟ ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି।

## ଏଫ୍ ଏମ୍ କଲେଜରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ବାଲେଶ୍ୱର,୧୨।୮ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ବାଲେଶ୍ୱର ଏଫ୍ ଏମ୍ କଲେଜରେ ଆଜି ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆତ୍ମହତ୍ୟାକୁ ରୋକିବା ଲାଗି ସ୍ଥାନୀୟ ପୋଲିସ ପ୍ରଶାସନ ଏହାର ଆୟୋଜନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ଥିଲା ଲୋକମାନଙ୍କୁ ସାଂସ୍କୃତିକ ପ୍ରୋତ୍ସାହନ ଜରିଆରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ବିକାଶ କରାଇବା। ପୂର୍ବାଞ୍ଚଳ ଡିଆଇଜି ଡ଼. ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ଖୋଲା ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଂଙ୍କଟ ସମୟରେ କିଭଳି ଶିକ୍ଷାଥର୍ୀଙ୍କୁ ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ଏହାଦ୍ୱାରା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ୨୨କୁ ଘୁଞ୍ଚିଲା କଂଗ୍ରେସର ନାରୀ ନ୍ୟାୟ ଯାତ୍ରା

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଗତ ମାସରେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଦେଇଥିବା ବେଳେ ଇତିମଧ୍ୟରେ ରାଜ୍ୟରେ ଆହୁରି କେତେକ ଅଘଟଣ ଘଟିଯାଇଛି। ନିର୍ଯାତନାର ଶିକାର ହୋଇଥିବା ନାରୀମାନଙ୍କୁ ନ୍ୟାୟ ଦେବା ସକାଶେ ଆସନ୍ତା ୧୪ ତାରିଖରେ ବାଲେଶ୍ୱରରେ ପିସିସି ପକ୍ଷରୁ ନାରୀ ନ୍ୟାୟ ପଦଯାତ୍ରା ଆୟୋଜିତ ହେବାର ଥିଲା। କିନ୍ତୁ ଏହାକୁ ଆସନ୍ତା ୨୨ ତାରିଖ ଶୁକ୍ରବାରକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତଦିନ ପୂର୍ବାହ୍ନ ୧୦ଟାରୁ ବାଲେଶ୍ୱର ସିନେମାହଲ୍ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ପିସିସି ସଭାପତି ଭକ୍ତ ଚରଣ ଦାସ, ଅନ୍ୟାନ୍ୟ କଂଗ୍ରେସ ନେତୃବୃନ୍ଦ ଓ ସହସ୍ର ସଂଖ୍ୟାରେ ଦଳୀୟ ତଥା ସାମାଜିକ କର୍ମୀ ଓ ମାନବବାଦୀ ସଂଗଠନର ସଭ୍ୟସଭ୍ୟା ଏକ ପଦଯାତ୍ରାରେ ବାହାରିବେ। ଉକ୍ତ ଶୋଭାଯାତ୍ରା ଫକୀରମୋହନ କଲେଜ, ଆଜିମାବାଦ, ସଦର ଥାନା ଛକ ଦେଇ ଗାନ୍ଧୀ ସ୍ମୃତି ଭବନ ପ୍ରାଙ୍ଗଣରେ ପହଞ୍ଚିବ। ସେଠାରେ ଏକ ସାଧାରଣ ସଭାରେ ସଭାପତି ଶ୍ରୀ ଦାସ ଓ ଦଳର ନେତୃବୃନ୍ଦ ଉଦ୍‌ବୋଧନ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ସ୍ୱଚ୍ଛ ଶକ୍ତି ଅଭିବୃଦ୍ଧିରେ ବିପ୍ଲବ ଆଣିବ ବ୍ୟାଟେରି ଶକ୍ତି ସଂରକ୍ଷଣ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ନବୀକରଣୀୟ ଶକ୍ତି ଉତ୍ପାଦନ ଓ ସଂରକ୍ଷଣ, ବିଶେଷକରି ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ଉପରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଷ୍ଟ୍ରିଟ୍ ଲାଇଟ୍ ପ୍ରସଙ୍ଗରେ ଆଲୋଚନା କରାଯାଇଥିବା ବେଳେ ଶ୍ରୀ ସିଂହଦେଓ ବୈଠକରେ କହିଛନ୍ତି ଯେ ଆମେ ନବୀକରଣୀୟ ଶକ୍ତି ଆଡକୁ ଅଗ୍ରସର ହେଉଥିବା ସମୟରେ ଓଡ଼ିଶା ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ପାଇଁ ଅଗ୍ରସର ହେଉଛି। କାରଣ ଏହା ସମୟର ଆବଶ୍ୟକତା। ନବୀକରଣୀୟ ଶକ୍ତି ପଦକ୍ଷେପଗୁଡ଼ିକ କେବଳ ବିଦ୍ୟୁତ୍ କ୍ଷେତ୍ରକୁ ଡିକାର୍ବନାଇଜ କରିନାହିଁ, ବରଂ ବ୍ୟାପକ ସହ-ଲାଭ ମଧ୍ୟ ପ୍ରଦାନ କରିଥାଏ। ଯଥା ବର୍ଦ୍ଧିତ ଶକ୍ତି ପ୍ରବେଶ, ନିଯୁକ୍ତି ସୃଷ୍ଟି, ବାୟୁ ପ୍ରଦୂଷଣ ହ୍ରାସ, ଉତ୍ତମ ଜନସ୍ୱାସ୍ଥ୍ୟ ଫଳାଫଳ ଓ ସୁଦୃଢ଼ ଗ୍ରାମୀଣ ଆୟ। ଓଡ଼ିଶାର ସ୍ୱଚ୍ଛ ଶକ୍ତି ବିପ୍ଳବ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟ ପ୍ରଦାନ କରିବା ସହ ସମାନ ଭାବେ ନିର୍ଗମନ ହ୍ରାସ କରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି ଯେ ଆମେ ପାଇଲଟ୍ ଭିତ୍ତିରେ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ପାଇଁ ମଧ୍ୟ ଯୋଜନା କରୁଛୁ। ଏହି ଅବସରରେ ବେସିୟମ୍ ନାମକ ଏକ କମ୍ପାନୀ ବ୍ୟାଟେରୀ ଷ୍ଟୋରେଜ୍ ସିଷ୍ଟମ ଉପରେ ଏକ ଉପସ୍ଥାପନା ଦେଇଥିଲା। ବୈଠକରେ ପରିଚାଳନା ନିର୍ଦ୍ଦେଶକ ଗ୍ରୀଡ୍‌କୋ ଡକ୍ଟର ସତ୍ୟପ୍ରିୟ ରଥ, ଓପିଜିସି କେଦାର ରଞ୍ଜନ ପାଣ୍ଡୁ, ଓପିଟିସିଏଲ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଶକ୍ତି ବିଭାଗର ଅତିରିକ୍ତ ସଚିବ ନିବେଦିତା ମିଶ୍ର, ପୌର ନିଗମ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଓ ଗ୍ରୀଡକୋ, ଓପିଜିସି, ଶକ୍ତି ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ନେତୃତ୍ୱରେ ସ୍ୱଚ୍ଛତା ଅଭିଯାନ

## ସ୍ୱଚ୍ଛ ରେଳ ପରିସର ପାଇଁ ସାମୂହିକ ଉଦ୍ୟମ ଆହ୍ୱାନ



**ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ):** ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୂର୍ବତଟ ରେଳପଥ ମୁଖ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଥିଲେ, ଯାହା ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ଜୋନର ଦୃଢ଼ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଶ୍ରମଦାନ କାର୍ଯ୍ୟକଳାପ ଓ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ମହାପ୍ରବନ୍ଧକ ବ୍ୟକ୍ତିଗତ ଭାବେ ସ୍ୱଚ୍ଛତା, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ମତାମତ ଓ ପରାମର୍ଶ ସଂଗ୍ରହ କରିବା ପାଇଁ ରେଳ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱଚ୍ଛତା ଅଭିଯାନ ସମୟରେ ଶ୍ରୀ ଫୁଙ୍କୱାଲ ଇ-ଆବର୍ଜନା ସଫା କରିବା, କାଗଜ ଓ ଫାଇଲର ବ୍ୟବହାର ହ୍ରାସ କରିବା, ଡେସ୍କଟପ୍ ଏବଂ ଇ-ଅଫିସ୍ ଫାଇଲ ସଫା କରିବା ଓ ଅଫିସ୍ ପ୍ରିଣ୍ଟର ବ୍ୟବହାରକୁ ଯୁକ୍ତିଯୁକ୍ତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ବିଭାଗଗୁଡ଼ିକୁ ପରିବେଶ ସଂରକ୍ଷଣ ଲକ୍ଷ୍ୟ ସହ ସମନ୍ୱିତ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଅଧିକାରୀମାନଙ୍କୁ ସ୍ୱଚ୍ଛତା ଅଭିଯାନକୁ ବଜାୟ ରଖିବା, ବର୍ଜ୍ୟବସ୍ତୁ ପୃଥକୀକରଣକୁ ବୃଦ୍ଧି କରିବା ଓ ବର୍ଜ୍ୟବସ୍ତୁର ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

● ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ରେ ତୃତୀୟ ଲଡୁ ଦିବସ ପାଳିତ

## ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କୁ 'ଶିକ୍ଷାର୍ଥୀ ଜ୍ୟୋତି' ସମ୍ମାନ



**କଟକ,୧୧।୮(ସଂଚାର ବ୍ୟୁରୋ):** ସୋମବାର ପୂର୍ବାହ୍ନରେ ରେଭେନ୍ସା କଲେଜିଏଟ୍ ସ୍କୁଲ ପରିସରସ୍ଥ ନେତାଜୀ ଅଡ଼ିଟୋରିୟମ୍‌ଠାରେ ତୃତୀୟ ଲଡୁ ଦିବସରେ ପାଳିତ ହୋଇଛି। ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବିଦ୍ୟାଳୟ ପକ୍ଷରୁ ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ମଣିପୁର ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ସମ୍ମାନିତ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସ୍କୁଲର ପ୍ରଧାନଶିକ୍ଷକ ପ୍ରଗତି ପଣ୍ଡାଙ୍କ ଉପସ୍ଥିତିରେ ତୃତୀୟ ଲଡୁ ଦିବସ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ପରେ ପରେ କଣ୍ଠଶିଳ୍ପୀ ବିଶ୍ୱନାଥ ମିଶ୍ର ଓ ମୀନାକ୍ଷୀ ରଥଙ୍କ ଦ୍ୱାରା ଲଡୁ ଦିବସ ସଙ୍ଗୀତ ପରିବେଷଣ କରାଯାଇଥିଲା। ତା'ପରେ ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଶ୍ରୀଗୁରୁ ଭାଗବତର କିଛି ପ୍ରାର୍ଥନା ପଦକୁ ନେଇ ମୀନାକ୍ଷୀ ରଥ ଗାଇଥିବା ସଙ୍ଗୀତର ତାଳେ ତାଳେ ଦୁଇ ଜଣ ସ୍କୁଲ ଛାତ୍ରୀ ଅତି ସୁନ୍ଦର ଭାବେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ଛାତ୍ର ଶୁଭାନ୍ୱେଷ ରଥ ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ସମ୍ପର୍କରେ ତଥା ତାଙ୍କ କୃତୀ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପ୍ରଗତି ପଣ୍ଡା ତାଙ୍କ ଭାଷଣରେ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରତିଭା ଦ୍ୱାରା ଅନୁପ୍ରେରିତ ହୋଇ ଆଗାମୀ ଜୀବନରେ ସଫଳ କାମ ହେବା ନିମନ୍ତେ ଉପଦେଶ ଦେଇଥିଲେ। ମଣିପୁର ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଗୁରୁଜୀଙ୍କ ଭଳି ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ଶତପଥୀଙ୍କୁ ବିଦ୍ୟାଳୟ ପକ୍ଷରୁ 'ଶିକ୍ଷାର୍ଥୀ ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରତି ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ବିଶ୍ୱନାଥ ମିଶ୍ର, ଶୁଭାନ୍ୱେଷ ରଥ, ସରୋଜ ମହାନ୍ତି, ବିଶ୍ୱରଞ୍ଜନ ନାୟକ ଓ ଟୁକୁ ଭାଇ।

## ମହିଳାଙ୍କ ଆତ୍ମାହୁତି ଉଦ୍ୟମ

● ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭୁବନ ଏନଏସି ୨ ନମ୍ବର ୱାର୍ଡ ନିବାସୀ ଅଜୟ କୁମାର ବେହେରାଙ୍କ ପତ୍ନୀ ପ୍ରେମଲତା ନାଏକ (୩୬) ଗତକାଲି ରାତିରେ ନିଜ ଦେହରେ କିରୋସିନି ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ପ୍ରେମଲତା ଏଲଏଟି ଘରୋଇ ସଂସ୍ଥାରୁ ୮୦ ହଜାର ଟଙ୍କା ଋଣ କରିଥିବା ବେଳେ ମାସକୁ ୪ ହଜାର ଟଙ୍କା କିସ୍ତି ଦେଇଆସୁଛନ୍ତି। ଚଳିତ ମାସର କିସ୍ତି ବାବଦ ଟଙ୍କା ସେ ଗତ ୧୦ ତାରିଖରେ ସ୍ୱାମୀଙ୍କୁ ମାଗିଥିଲେ। ଦରମା ପାଇଲେ ଦେବେ ବୋଲଅଜେୟ କହିବାରୁ ସେମାନଙ୍କ ମଧ୍ୟରେ ଭୀଷଣ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହଠାତ ପ୍ରେମଲତା ତାଙ୍କ ଦେହରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ ଭୁବନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୬୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ିଥିବା କୁହାଯାଉଛି। ଏନେଇ ଖବର ପାଇ ଭୁବନ ଥାନା ଅଧିକାରୀ ଧିରେନ ସାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ ହେଁ ସେତେବେଳକୁ ପ୍ରେମଲତା କଟକ ସ୍ଥାନାନ୍ତରିତ ହୋଇସାରିଥିଲେ। ଗତକାଲି କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଓ ଜିଲ୍ଲା ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ ଭୁବନ ଥାନାଧିକାରୀ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ କଟକ ଏସ୍‌ସିବି ଯାଇଥିବା କହିଛନ୍ତି। ଏଥିସହ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ଅଭିଯୋଗ ହୋଇନଥିବା ସେ କହିଛନ୍ତି।

# ଆଇଟିଆଇ ଉନ୍ନତିକରଣ ପାଇଁ ପରାମର୍ଶଦାତା କର୍ମଶାଳା



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଜି ରାଜ୍ୟରେ ବୈଷୟିକ ଶିକ୍ଷାର ଭବିଷ୍ୟତ ଗଠନ ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ ଓ ତାଲିମ ବିଶେଷଜ୍ଞଙ୍କୁ ଏକତ୍ରିତ କରି ଜାତୀୟ ଆଇଟିଆଇ ଉନ୍ନତିକରଣ ଯୋଜନା ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳାର ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା (ଏମ୍‌ଏସଡିଇ) ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି କର୍ମଶାଳାରେ ହବ୍-ଏଣ୍ଡ-ସ୍ପୋକ୍ ମଡେଲ୍ ମାଧ୍ୟମରେ ୧ ହଜାର ଆଇଟିଆଇକୁ ଅପଗ୍ରେଡ୍ କରିବା ତଥା ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଛି। ଶିଳ୍ପ ଅଂଶଗ୍ରହଣ ହେଉଛି ଯୋଜନାର ମୂଳଦୁଆ, ଯାହା ଦକ୍ଷତାକୁ ଆକାଂକ୍ଷୀ, ଶିଳ୍ପ-ସମନ୍ୱିତ ଓ ଫଳାଫଳ ସମର୍ଥ କରିପାରିବ ବୋଲି ଏମ୍‌ଏସଡିଇର ସଚିବ ରଜିତ ପୁନ୍‌ହାନି ଗୁରୁତ୍ୱାରୋପ କରିଥିଲେ। ଏମ୍‌ଏସଡିଇର ଅତିରିକ୍ତ ସଚିବ ସୋନାଲ ମିଶ୍ର ଯୋଜନାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଓ ମହତ୍ତ୍ୱାକାଂକ୍ଷୀ କ୍ଷେତ୍ରଗୁଡ଼ିକର ଚାହିଦା ପୂରଣ କରିବା ପାଇଁ ଦୃଢ଼ ସରକାରୀ ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ଆହ୍ୱାନ କରିଥିଲେ।

ଓଡ଼ିଶାର ପ୍ରସ୍ତୁତି ଉପରେ ଆଲୋକପାତ କରି ଦକ୍ଷତା ବିକାଶ ତଥା ନିୟୋଜନର ନିର୍ଦ୍ଦେଶକ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ଆଇଟିଆଇଗୁଡ଼ିକୁ ଆଧୁନିକୀକରଣ, ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ଏବଂ ହବ୍ ଓ ସ୍ପୋକ୍ ମଡେଲରେ ଶିଳ୍ପ ସହଭାଗିତାକୁ ବିସ୍ତାର କରିବା ପାଇଁ ରାଜ୍ୟର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ।

## ଆଜାଦ ନଗରରେ ବସିଲା ନୂଆ ଟ୍ରାନ୍ସଫର୍ମର



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ବିଜେପି ସରକାରରେ ଏକାମ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ। ଆଜି ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ.୬୭ର ଆଜାଦ ନଗରବାସୀଙ୍କ ବହୁଦିନର ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ଓ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିଥିଲେ ସ୍ଥାନୀୟ ବିଧାୟକ ବାବୁ ସିଂ।

ଶ୍ରୀ ସିଂ କହିଛନ୍ତି ଯେ ଏକାମ୍ରବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବା ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା।

ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି।

● ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନ ଉଦ୍‌ଘାଟିତ

## 'ସଶକ୍ତ ଯୁବଶକ୍ତି ହିଁ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ'

**ବ୍ରହ୍ମପୁର,୧୨।୮(ସଂଚାର ବ୍ୟୁରୋ):** ଆଜି ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସ୍ଥାନୀୟ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ପ୍ରେକ୍ଷାଳୟଠାରେ ଆୟୋଜିତ ଏଚ୍‌ଆଇଭି/ଏଡସ୍ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଯୁବ ବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଶକ୍ତିକରଣକୁ ପ୍ରାଥମିକତା ଦେଇ ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ଅକ୍ଟୋବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଏହା ମାଧ୍ୟମରେ ତୃଣମୂଳ ସ୍ତରରେ ଏଚ୍‌ଆଇଭି ସମ୍ପର୍କିତ ସଚେତନତାକୁ ଆହୁରି ବ୍ୟାପକ କରାଯିବ। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା ସହ ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ସ୍ୱପ୍ନ ନିଶ୍ଚିତ ଭାବେ ପୂରଣ ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୩ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Wednesday 13 August 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭୋଟ ଚୋରି ଓ ନୂଆ ରାଜନୈତିକ ସମୀକରଣ

ଭାରତର ରାଜନୀତିରେ ଭୋଟ ଚୋରି ଏକ ଗମ୍ଭୀର ବିଷୟ ହୋଇପଡ଼ିଛି, ଯାହା ନିର୍ବାଚନ ପ୍ରକ୍ରିୟାର ବିଶ୍ୱାସନୀୟତାକୁ ହଲଚଲ କରିଦେଇଛି। ୨୦୨୫ ମସିହାରେ, ବିଭିନ୍ନ ରାଜ୍ୟରେ ହୋଇଥିବା ନିର୍ବାଚନଗୁଡ଼ିକରେ ଭୋଟ ଚୋରିର ଅଭିଯୋଗ ଉଠିବା ପରେ ରାଜନୈତିକ ସମୀକରଣରେ ଏକ ନୂଆ ପରିବର୍ତ୍ତନ ଦେଖାଦେଇଛି। ଏହି ଘଟଣା କେବଳ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିନାହିଁ, ବରଂ ରାଜନୈତିକ ଦଳଗୁଡ଼ିକର ରଣନୀତି, ଆପୋଷ ବୁଝାମଣା ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ନୂଆ ମୋଡ଼ ଦେଇଛି। ଭୋଟ ଚୋରିର ପ୍ରଭାବ ଏବଂ ତାହା ସୃଷ୍ଟି କରିଥିବା ନୂଆ ରାଜନୈତିକ ସମୀକରଣ ଉପରେ ଆଲୋଚନା ସମୟରେ ପ୍ରଥମେ, ଭୋଟ ଚୋରି କଣ ତାହା ଜାଣିବା ଆବଶ୍ୟକ । ଏହା ନିର୍ବାଚନରେ ଇଭିଏମ୍ ହ୍ୟାକିଂ, ଭୋଟର ଲିଷ୍ଟରେ ହେରଫେର, ଅର୍ଥ ବଳରେ ଭୋଟ କ୍ରୟ କିମ୍ବା ନକଲି ଭୋଟିଂ ଭଳି ଅନୈତିକ ପ୍ରଥାକୁ ସୂଚାଏ। ୨୦୨୪ ଲୋକସଭା ନିର୍ବାଚନ ପରେ ଏହି ଅଭିଯୋଗଗୁଡ଼ିକ ବଢ଼ିଛି, ଏବଂ ୨୦୨୫ରେ ରାଜ୍ୟ ନିର୍ବାଚନଗୁଡ଼ିକରେ ଏହା ଏକ ବଡ଼ ବିବାଦର ରୂପ ନେଇଛି। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ର ଏବଂ ହରିୟାଣାରେ ହୋଇଥିବା ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ଭୋଟ ଚୋରିର ଅଭିଯୋଗ ଉଠାଇବା ପରେ ସରକାର ଗଠନରେ ବିଳମ୍ବ ହୋଇଥିଲା। ଏହା ଫଳରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ନୂଆ ସମୀକରଣ ହୋଇଛି। ପୂର୍ବରୁ ଶତ୍ରୁତାରେ ଥିବା ଦଳଗୁଡ଼ିକ ଏବେ ଏକତ୍ର ହୋଇ ନିର୍ବାଚନ କମିଶନଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ଏହି ଭୋଟ ଚୋରିର ପ୍ରଭାବରେ ରାଜନୈତିକ ସମୀକରଣରେ କିଛି ନୂଆ ପରିବର୍ତ୍ତନ ଦେଖାଦେଇଛି। ପ୍ରଥମତଃ, ବିରୋଧୀ ଦଳଗୁଡ଼ିକର ଏକତା ବଢ଼ିଛି। କଂଗ୍ରେସ, ଏସପି, ଟିଏମସି ଭଳି ଦଳଗୁଡ଼ିକ ଏବେ ଏକ ସାଧାରଣ ମଞ୍ଚରେ ଆସି ଭୋଟ ଚୋରି ବିରୋଧରେ ଆନ୍ଦୋଳନ କରୁଛନ୍ତି। ଏହା ପୂର୍ବରୁ ଦେଖାଯାଉଥିବା ବିଭାଜନକୁ କମାଇ ନୂଆ ମହାଗଠବନ୍ଧନର ସୃଷ୍ଟି କରିଛି। ଦ୍ୱିତୀୟତଃ, ସରକାରୀ ଦଳଗୁଡ଼ିକ ଏବେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରମାଣ କରିବାକୁ ବାଧ୍ୟ ହୋଇଛନ୍ତି। ବିଜେପି ଭଳି ଦଳ ଏବେ ଇଭିଏମର ସୁରକ୍ଷା ଉପରେ ଅଧିକ ଧ୍ୟାନ ଦେଉଛି ଏବଂ ନୂଆ ପ୍ରଯୁକ୍ତି ପ୍ରୟୋଗ କରୁଛି। ଏହା ରାଜନୈତିକ ରଣନୀତିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି, ଯେଉଁଥିରେ ପ୍ରଯୁକ୍ତି ଏବଂ ନିର୍ବାଚନ ସଂସ୍କାର ମୁଖ୍ୟ ହୋଇଛି। ତୃତୀୟତଃ, ଜନସାଧାରଣଙ୍କ ଭୂମିକା ମଧ୍ୟ ବଦଳିଛି। ଭୋଟ ଚୋରିର ଅଭିଯୋଗ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି। ସୋସିଆଲ ମିଡ଼ିଆରେ କ୍ୟାମ୍ପେନ୍, ବିରୋଧ ପ୍ରଦର୍ଶନ ଏବଂ ନ୍ୟାୟାଳୟରେ ମାମଲା ବଢ଼ିଛି। ଏହା ରାଜନୈତିକ ଦଳଗୁଡ଼ିକୁ ଜବାବଦେହୀ କରିବାକୁ ବାଧ୍ୟ କରିଛି ଏବଂ ନୂଆ ରାଜନୈତିକ ନେତାମାନଙ୍କର ଉଦୟ ଘଟାଇଛି। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଭୋଟ ଚୋରିର ଅଭିଯୋଗ ପରେ ସ୍ୱାଧୀନ ପ୍ରାର୍ଥୀମାନେ ଅଧିକ ସଫଳ ହୋଇଛନ୍ତି, ଯାହା ପାରମ୍ପରିକ ଦଳଗୁଡ଼ିକର ଆଧିପତ୍ୟକୁ ଚ୍ୟାଲେଞ୍ଜ କରିଛି। ଏହା ଏକ ନୂଆ ସମୀକରଣ ସୃଷ୍ଟି କରିଛି, ଯେଉଁଥିରେ ସ୍ୱାଧୀନତା ଏବଂ ସ୍ୱଚ୍ଛତା ମୁଖ୍ୟ ହୋଇଛି। କିନ୍ତୁ ଏହି ନୂଆ ସମୀକରଣର ନକାରାତ୍ମକ ପାର୍ଶ୍ୱ ମଧ୍ୟ ଅଛି। ଭୋଟ ଚୋରିର ଅଭିଯୋଗ ରାଜନୀତିକୁ ଅଧିକ ବିଭାଜିତ କରିଛି। ଦଳଗୁଡ଼ିକ ଏବେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରି ଜନସାଧାରଣର ବିଶ୍ୱାସ ହରାଉଛନ୍ତି। ଏହା ନିର୍ବାଚନର ଅଂଶଗ୍ରହଣ ହାରକୁ କମାଇବାର ଆଶଙ୍କା ସୃଷ୍ଟି କରିଛି। ତେଣୁ, ନିର୍ବାଚନ କମିଶନଙ୍କୁ ଅଧିକ ଶକ୍ତିଶାଳୀ କରିବା ଏବଂ ପ୍ରଯୁକ୍ତିର ଉପଯୋଗ ସହ ସ୍ୱଚ୍ଛତା ନିଶ୍ଚିତ କରିବା ଆବଶ୍ୟକ। ଭାରତୀୟ ଲୋକତନ୍ତ୍ରର ସୁରକ୍ଷା ପାଇଁ ଏହା ଜରୁରୀ। ମୋଟାମୋଟି ଭାବେ ଭୋଟ ଚୋରି ରାଜନୈତିକ ସମୀକରଣକୁ ନୂଆ ରୂପ ଦେଇଛି। ଏହା ଏକତା ସୃଷ୍ଟି କରିଛି, ସଂସ୍କାର ବାଧ୍ୟ କରିଛି ଏବଂ ଜନସାଧାରଣଙ୍କୁ ସକ୍ରିୟ କରିଛି। କିନ୍ତୁ ଏହାର ବିପଦକୁ ଅଣଦେଖା କରାଯାଇ ପାରିବ ନାହିଁ। ଆଗାମୀ ଦିନରେ ଏହି ସମୀକରଣ ଭାରତର ରାଜନୀତିକୁ କିପରି ପ୍ରଭାବିତ କରିବ, ତାହା ଦେଖିବାକୁ ବାକି ରହିଛି। ଲୋକତନ୍ତ୍ରର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ।

# ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ: ଅଗଷ୍ଟ କ୍ରାନ୍ତି ଦିବସ



**ଡ଼ଃ.ଅରୁନ୍ଧତୀ ଦେବୀ**

ଆଜି ଅଗଷ୍ଟ ୯ ତାରିଖ। ଆଜିର ଦିନକୁ ସମଗ୍ର ଭାରତବର୍ଷରେ 'କ୍ରାନ୍ତି ଦିବସ' ଭାବେ ପାଳନ କରାଯାଏ। ଇଂରେଜମାନଙ୍କ ବିରୋଧରେ ଭାରତର ଶେଷ ଲଢ଼େଇ ଥିଲା ଭାରତ ଛାଡ଼ ଆନ୍ଦୋଳନ। ଦେଶ ମାତୃକାଳକୁ ସ୍ୱାଧୀନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ସେ ଦିନ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆହ୍ୱାନ ଓ 'କର ବା ମର' ମନ୍ତ୍ରରେ ସାରା ଦେଶ ଯେମିତି ଦୀକ୍ଷିତ ହୋଇଯାଇଥିଲା। ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅନୁପ୍ରାଣିତ କରିଥିଲା ଏହି ଡାକ। ସାରା ଭାରତରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ନିଆଁ ଚରି ଯାଇଥିଲା। ଅଗଷ୍ଟ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପନ୍ଥ ବା ପଥ ପ୍ରସ୍ତୁତ ହୋଇଯାଇଥିଲା। ସେହି ଐତିହାସିକ ଗୋୱାଲିଆ ଟ୍ୟାଙ୍କ ମଇଦାନ ତା ପର ଠାରୁ 'ଅଗଷ୍ଟ କ୍ରାନ୍ତି ମଇଦାନ' ଭାବେ ପରିଚିତ ହେଲା। ଦେଶବାସୀଙ୍କୁ ମହାତ୍ମାଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର। ଆବାଳ - ବୃଦ୍ଧ - ବନିତା ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ




ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାର କଂଗ୍ରେସକୁ ନିଷିଦ୍ଧ କରିଥିଲେ। ବହୁ ସଂଗ୍ରାମୀ ନେତାଙ୍କୁ ଗିରଫ କରାଯାଇଥିଲା। ଉତ୍ତର ପ୍ରଦେଶ, ବିହାର, ବେଙ୍ଗଲ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତମଲୁକ, ସାତାରା, ଧାରୱାଡ଼, ବାଲେଶ୍ୱର, ତାଳଚେର ଆଦି ସ୍ଥାନରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା। ଇଂରେଜ ସରକାର ବିରୋଧରେ ଉତ୍‌କ୍ଷିପ୍ତ ଲୋକେ ସବୁଠି ବିକ୍ଷୋଭ ଓ ହରତାଳ କରିଥିଲେ। ରେଳ ଷ୍ଟେସନ, ପୁଲିସ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। ଟେଲିଗ୍ରାଫ ଓ ରେଳ ଧାରଣ ଉପୁଡ଼ାଯାଇଥିଲା। ଶେଷରେ ବ୍ରିଟିସ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ବାହିନୀକୁ ଆଦେଶ ଦେଇଥିଲେ। ସଂଗ୍ରାମୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା ଓ ଲାଠି ପ୍ରହାର ହୋଇଥିଲା। ବୃଦ୍ଧ ଓ ଶିଶୁମାନେ ବି ଏଥିରୁ ବାଦ ପଡ଼ିନଥିଲେ। ଶତାଧିକ ନିରୀହ ଲୋକ ପ୍ରାଣ ହରାଇଥିଲେ। ସେହି ବର୍ଷ ଡିସେମ୍ବର ମାସ ସୁଦ୍ଧା ଷାଠିଏ ହଜାରରୁ ଅଧିକ ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ଏହି ଆନ୍ଦୋଳନ ବ୍ରିଟିସ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା। ଫଳରେ ଭାରତ ଛାଡ଼ିବା ପାଇଁ ଫିରଙ୍ଗୀ ସରକାର ଚିନ୍ତା କରିଥିଲା। ମହାତ୍ମାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ ହୋଇରହିଛି।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**
**ମୋବାଇଲ୍: ୯୯୩୭୧୭୨୮୧୦**

# ଆମେ କେତେ ସ୍ୱାଧୀନ ?



**ସୁବାସ ଷଡଙ୍ଗୀ**

ପିଲାଦିନରୁ ସ୍ୱାଧୀନତା ଦିବସ କହିଲେ, ମୁଁ ବୁଝୁଥିଲି, ସ୍କୁଲକୁ ଯାଇ ପତାକା ଉତୋଳନ, 'ବନ୍ଦେ ମାତରମ' କହି ଗାଁ ପରିକ୍ରମା ଏବଂ ଶେରେରେ ଦୁଇ ଚାରିଖଣ୍ଡ ବିସ୍କୁଟ ଖାଇ ଫେରିବା। କାମଟି ଅତି ଛୋଟ ହେଲେ ମଧ ମନ ଭିତରେ ଏକ ଯୋଶ ଥିଲା। ତା ନହେଲେ ସକାଳୁ ଉଠି ସବୁ କାମ ସାରି ସ୍କୁଲରେ ପହଞ୍ଚି ପାରୁ ନ ଥାନ୍ତୁ। ବଡ ହେବା ପରେ କିନ୍ତୁ ସ୍ୱାଧୀନତାର କାମ ବଦଳିଗଲା। ଏବେ ରାଜ୍ୟସ୍ତରୀୟ ପ୍ୟାରେଡ୍, ସଭା ସମିତିରେ ଭାଷଣ ଦେବାକୁ ପଡୁଚି। ସ୍ୱାଧୀନତା ଆମ ପାଇଁ କେତେ ମୂଲ୍ୟଁବାନ ସେ ବିଷୟରେ କହିବାକୁ ପଡୁଚି। କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ କେବେ ସ୍ୱାଧୀନତାକୁ ଠିକ ଭାବରେ ଅନୁଭବ କରିପାରିନି।

ଆମ ରାଜ୍ୟର ଜଣେ ସୁପରିଚିତ ବୁଦ୍ଧିଜୀବିଙ୍କୁ ପଚାରିଥିଲି, ' ଏ ସ୍ୱାଧୀନତାର ପ୍ରକୃତ ଅର୍ଥ କଣ?' ସେ ବୁଝାଇଥିଲେ, 'ଆଇନର ଶାସନ ମାନି ଚଳିବାକୁ କୁହାଯାଏ ସ୍ୱାଧୀନତା। ଆଇନ ହେଉଛି ସ୍ୱାଧୀନତାର ରକ୍ଷାକବଚ।' କିନ୍ତୁ ମୁଁ ତାଙ୍କ ଉତରରେ ଖୁସି ହୋଇ ପାରିଲି ନାହିଁ। ବହି ଓଲଟାଇଲି। ବାର୍କର କିନ୍ତୁ ଅଲଗା କଥା କହିଛନ୍ତି। ତାଙ୍କର ମତ ହେଲା, 'ଆମେ ଯଦି ଆମର ସ୍ୱାଧୀନତାକୁ ଭୋଗ କରିବାକୁ ଚାହୁଁ, ତେବେ ରାଷ୍ଟ୍ରୀୟ ନଜରଦାରି ଦରକାର। ପୁରାପୁରି ସ୍ୱାଧୀନତାକୁ ସେ ଗ୍ରହଣ କରନ୍ତି ନାହିଁ। ମାର୍କସଙ୍କ ମତ ହେଲା, 'ଅର୍ଥନୈତିକ ଶୋଷଣ ବନ୍ଦ ହେବା, ବ୍ୟକ୍ତିତ୍ୱ ବିକାଶର ପରିସର ସୃଷ୍ଟି ହେବାକୁ ସେ ସ୍ୱାଧୀନତାର ଲକ୍ଷଣ ବୋଲି ଭାବନ୍ତି। ଏମିତି ବିଭିନ୍ନ ବୁଦ୍ଧିଜୀବିମାନଙ୍କର ଭିନ୍ନ ଭିନ୍ନ ମତ। ତେବେ ଗୋଟାଏ ମତକୁ ସଭିଏଁ ଗ୍ରହଣ କରନ୍ତି, ତାହା ହେଲା ଆଇନ ସହିତ ସ୍ୱାଧୀନତା ସମ୍ପର୍କ ଅତି ନିବିଡ଼।

ମୁଁ ଅନେକ ସମୟରେ ଭାବେ, ପିଲାଦିନେ ମୁଁ ଯେତିକି ସ୍ୱାଧୀନ ଥିଲି, ଏବେ ସେତିକି ସ୍ୱାଧୀନତା ପାଇପାରୁନି। ବରଂ ମୁଁ ଭାବୁଛି, ପିଲାଦିନେ ଅଧିକ ସ୍ୱାଧୀନ ଥିଲି। ବୟସ ଯେତେ ବଢ଼ିଲା, ପରାଧୀନ ହେବାର ଉଦଣ୍ଡ ବାସନା ସେତେ ଅଧିକ ପ୍ରଖର ହେଲା। କେତେବେଳେ ପେଶା ଭିତରେ, କେତେବେଳେ ରାଜନୀତି ଭିତରେ, କେତେବେଳ ସମାଜ ବା ବନ୍ଧୁବାନ୍ଧବମାନଙ୍କ ସହିତ ମୋତେ ଲଢେଇ କରିବାକୁ ପଡୁଥିଲା ନିଜର ସ୍ୱାଧୀନତା ଟିକକ ରକ୍ଷା କରିବା ପାଇଁ। ପେଶା ହେଲା ସାମ୍ବାଦିକତା। ଆମର ଏଠି ସାମ୍ବାଦିକମାନେ ସବୁ ଜାଣିଛନ୍ତି। ସେମାନଙ୍କୁ ଯାହା ଜଣା, ଭଗବାନଙ୍କୁ ବୋଧହୁ ଏ ସେତିକି ଜଣା ନାହିଁ। ଆଜିର ଟେଲିଭିଜନ ବିତର୍କ ଦେଖିଲେ କାହିଁକି ମୋର ସେଇଭଳି ମନେହୁଏ। ଯେ କୌଣସି ସମସ୍ୟା ସମ୍ପର୍କରେ ଅତୀତ-ବର୍ତମାନ ଓ ଭବିଷ୍ୟତ



ସମ୍ପର୍କରେ କେବଳ ସାମ୍ବାଦିକ ହି କହିପାରିବା। ଆଗରୁ ଜଣେ ଅଧେ ସାମ୍ବାଦିକ କିଛି ନେତାଙ୍କ ନିକଟତର ହୋଇ ସେମାନଙ୍କୁ ବିପଦ ସମୟରେ ପରାମର୍ଶ ଦେବା କଥା ଦେଖିଛି। କିନ୍ତୁ ଏବେ ତ ସବୁ ସାମ୍ବାଦିକ ବୁଦ୍ଧିଜୀବି।

ଛାଡନ୍ତୁ, ତା ଭିତରେ ପଶି ଚାଷ କଲେ ହୁଏତ ମରୁଡ଼ିର ସାମନା କରିବାକୁ ପଡ଼ିପାରେ। ସ୍ୱାଧୀନତା ପ୍ରସଙ୍ଗକୁ ଆସିବା। ଭାରତ ଏତେବର୍ଷ ହେଲା ସ୍ୱାଧୀନତା ଲାଭ କଲେ ମଧ ଆମେ କିନ୍ତୁ ଯଥା ପୂର୍ବଂ ତଥା ପରଂ ଭଳି ରହିଛୁ।

ଗତକାଲି ଜଣେ ବନ୍ଧୁ ଘରକୁ ଆସିଥିଲେ। ସରକାରୀ ଚାକିରିରୁ ଅବସର ନେବା ପରେ ଏବେ ବୁଦ୍ଧିଜୀବି କ୍ଲବରେ ନାମ ଲେଖାଇଛନ୍ତି। ପୁଣି ବରିଷ୍ଠ ନାଗରିକ। କଥା ପ୍ରସଙ୍ଗରେ ସେ ମୋତେ ପଚାରିଲେ, 'ଆପଣତ ଆଗରୁ ଲେଖାଲେଖି କରୁଥିଲେ, ଏବେ କାହିଁକି ଚୁପ?' ଉତର ଦେଇଥିଲି, ' କଣ ଲେଖିବି? ମୁ ଯାହା ଚାହୁଁଛି ଲେଖିବାକୁ ସେ ବିଷୟରେ ଆପଣମାନେ କହିଦେଉଛନ୍ତି। ସେମାନଙ୍କ କଥା ଟିଭିରେ ବାଜୁଛି। ମାନେ ଶତକଡା ସହେ ସତ ବୋଲି ଅନେକ କିଛିଦିନ ପାଇଁ ମନେ କରନ୍ତି।' ମୋ ଉତର ଶୁଣି ମୁହଁଟା ତାଙ୍କର ବିକୃତ ହୋଇଗଲା। କହିଲେ, ' କୋଉ ବୁଦ୍ଧିଜୀବିଙ୍କ କଥା ଆପଣ କହୁଛନ୍ତି? ଏଠି ଆମର ଅନେକ ପ୍ରକାରର ବୁଦ୍ଧିଜୀବି ଅଛନ୍ତି।' ମାନେ? ସେ ବୁଝାଇଦେଲେ, 'ଟିଭି ବୁଦ୍ଧିଜୀବି, ସଙ୍ଗଠକ ବୁଦ୍ଧିଜୀବି, ରାଜନୈତିକ ବୁଦ୍ଧିଜୀବି, ଅର୍ଥନୈତିକ ବୁଦ୍ଧିଜୀବି, ଭାଷଣ ଦେଉଥିବା ବୁଦ୍ଧିଜୀବି ଏବଂ ଶେଷରେ ବିପ୍ଳବୀ ବୁଦ୍ଧିଜୀବି।'

ଯୁବକ ସମୟରେ ଲେଖାଲେଖି କଲାବେଳେ ବା ପତ୍ରିକାର ସମ୍ପାଦନା କଲାବେଳେ, ଲେଖକ ନିଜର ପରିଚୟ ଦିଅନ୍ତି, ଅମୁକ ସାହିତ୍ୟ ସଂସଦର ବା ଅମୁକ ପତ୍ରିକାର ସମ୍ପାଦକ। ଯୁକ୍ତି ଭିତରକୁ ଯିବାକୁ ଚାହିଁଲି ନାହିଁ କହିଲି, ଛାଡନ୍ତୁ ଚା ପିଅନ୍ତୁ। ସେ କିନ୍ତୁ ଛାଡିବାର ନୁହଁନ୍ତି। କହିଲେ, 'ଆଜି ଯେଉଁ ସ୍ୱାଧୀନତାର କଥା ଆମେ କହୁଛୁ, ତାହା ବହୁ ଭାବରେ ବିଭକ୍ତ। ଯେମିତି ଆପଣ ଭାବି ପାରନ୍ତି, ' ରାଜନୈତିକ ନେତାଙ୍କ କ୍ଷମତା ସ୍ୱାଧୀନତା, ଅଫିସରଙ୍କ ଦୁର୍ନୀତି ସ୍ୱାଧୀନତା, ଟ୍ରାଫିକ ପୋଲିସର ଲାଞ୍ଚନେବାର ସ୍ୱାଧୀନତା ଏମିତିକି ଜଣେ ମଦ୍ୟପ ମଦ ପିଇ ଘରେ ପିଲାମାନଙ୍କୁ ବାଡେଇବାର ସ୍ୱାଧୀନତା ଦାବି କରେ। କିନ୍ତୁ ଦାର୍ଶନିକମାନେ କହନ୍ତି, ' ଏ ବିଶ୍ୱରେ କିଛି ବି ସ୍ୱାଧୀନ ନୁହେଁ। ଏପରିକି ସୂର୍ଯ୍ୟଦେବତା ମଧ ସ୍ୱାଧୀନ ନୁହଁନ୍ତି। ବ୍ରହ୍ମାଣ୍ଡର କିଛି ବି ସ୍ୱାଧୀନ ନୁହେଁ। ଘୁରୁଥିବା ଗ୍ରହ ମଧ ନୁହଁନ୍ତି। ସମସ୍ତେ କିଛି ନା କିଛି ନିୟମରେ ବନ୍ଧା। ଯେମିତି ଆମେ ବହୁ ନିୟମରେ ବନ୍ଧା। ତେବେ ବେନିୟମ କାମ କରିବାକୁ ଆମେ ନିଜର ସ୍ୱାଧୀନତା ବୋଲି ମନେ କରୁ।

ଆଜିର ଏଇ ସ୍ୱାଧୀନତା ଦିବସରେ ମୁଁ କେବଳ ଏତିକି ଜାଣିବାକୁ ଚାହେଁ, ମୁଁ ନିଜେ କେତେ ସ୍ୱାଧୀନ। ନେତା, ଅଫିସର, ସମାଜସେବୀ, ଗୁଣ୍ଡା, ସାମ୍ବାଦିକ ଓ ଚୋର କେତେ ସ୍ୱାଧୀନ?

ଏମାନଙ୍କ ସ୍ୱାଧୀନତାର ମୁଲ୍ୟାୟନ କିଏ କରିବ? ହସି ହସି ବନ୍ଧୁଜଣକ ଘରକୁ ଯିବାକୁ ଠିଆ ହୋଇ କହିଲେ, ' କାହିଁକି ସାମ୍ବାଦିକମାନେ କରିବେ। ସେମାନଙ୍କ କାମ ତ ସେଇଆ।'

# ହିମାଳୟରେ ପ୍ରକୃତିର କ୍ରୋଧ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ହିମାଳୟରେ ପ୍ରକୃତି ଉପରେ କ୍ରମାଗତ ଅତ୍ୟାଚାର ନେଇ ସୁପ୍ରିମକୋର୍ଟଙ୍କ ଚେତାବନୀର ସପ୍ତାହେ ନପୁରୁଣୁ ଗଲା ମଙ୍ଗଳବାର ଦିନ ଉତରାଖଣ୍ଡର ଉତରକାଶୀ ଜିଲ୍ଲାର ହରସିଲ ଅଞ୍ଚଳରେ ବାଦଲଫଟା ବର୍ଷାର ବିପର୍ଯ୍ୟାୟ ହିମାଳୟ ଅଞ୍ଚଳର ପ୍ରକୃତିର ତାଣ୍ଡବ କେତେ ଭୟଙ୍କର ତାହା ସ୍ମରଣ କରାଇ ଦେଇଛି ବୋଲି କୁହାଯାଇଛି। ବାଦଲଫଟା ବର୍ଷାରେ ଖିରଗଙ୍ଗା ନଦୀରେ ଆକସ୍ମିକ ବନ୍ୟାରେ ତଥା ମାତ୍ର ୩୪ ସେକଣ୍ଡରେ ଧରାଲି ସହରରେ ତିନି ଡ୍ରଜନରୁ ଅଧିକ ହୋଟେଲ, ବାଣିଜ୍ୟିକ ପ୍ରତିଷ୍ଠାନ, ଦୋକାନ ବଜାରକୁ ଧ୍ୱଂସ କରିଦେବା ସହ ହଜାର ହଜାର ଘରକୁ ନିଶ୍ଚିହ୍ନ କରିଦେଇଛି। ଏଥିରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ଯବାନଙ୍କ ସହ ଶତାଧିକ ନିଖୋଜ ଥିବା କୁହାଯାଇଛି। ସହର ଉପରେ ଯେତିକି ମାତ୍ରାରେ କାଦୁଅ, ପଙ୍କ, ପର୍ଚ୍ଚୁ ମାଡି ରହିଛି, ତାହା ବିପର୍ଯ୍ୟାୟର ତାଣ୍ଡବର ତୀବ୍ରତା ସମ୍ପର୍କରେ ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ଉତର ଭାରତୀୟ ଅଞ୍ଚଳରେ ମୌସୁମୀ ସକ୍ରୀୟ ହେବା ଯୋଗୁଁ ଉତରକାଶୀର ବିଭିନ୍ନ ଅଞ୍ଚଳରେ ତିନି ଦିନ ମଧ୍ୟରେ ୩୦ସେମି ବର୍ଷା ହୋଇଥିବାବେଳେ କ୍ଷୀରଗଙ୍ଗା ନଦୀ ଅବବାହିକା ଅଞ୍ଚଳରେ ମାତ୍ର ୧୦କିମି ପରିଧି ଅଞ୍ଚଳରେ ଘଣ୍ଟାକ ଭିତରେ ୧୦ସେମି ବର୍ଷା ହୋଇଥିଲା। ଯାହାକୁ ବାଦଲଫଟା ବର୍ଷା ବୋଲି କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ହିମାଚଳ ପ୍ର୍ରଦେଶ ଏବଂ ଉତରାଖଣ୍ଡରେ ତଥା ହିମାଳୟ ଅଞ୍ଚଳରେ ବାଦଲଫଟା ବର୍ଷା ତଥା ପ୍ରାକୃତିକ ବିପର୍ଯ୍ୟାୟ ନୂଆ ନୁହେଁ। ଗଲା ମଙ୍ଗଳବାର ଦିନ ଘଟିଥିବା ପ୍ରାକୃତିକ ବିପର୍ଯ୍ୟାୟ ୨୦୧୩ର ପ୍ରକୃତିର ତାଣ୍ଡବ ପରି ଅତି ଧ୍ୱଂସାତ୍ମକ ନଥିଲା, କିନ୍ତୁ ଅତ୍ୟନ୍ତ ଭୟଙ୍କର ଥିଲା ବୋଲି କୁହାଯାଇପାରେ। ୨୦୧୩ରେ କେଦାରନାଥ-ଋଷିକେଶ ଅଞ୍ଚଳରେ ବାଦଲଫଟା ବର୍ଷା ସହ ଆକସ୍ମିକ ବନ୍ୟାରେ ହଜାର ହଜାର ଗ୍ରାମ କ୍ଷତିଗ୍ରସ୍ତ ହୋଇଥିଲାବେଳେ ୫୦୦୦ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ହୋଇଯାଇଥିଲେ। ସେହିପରି ୨୦୨୧ରେ ବରଫ ହ୍ରଦ ତରଳିବା ଯୋଗୁଁ ଚାମୋଲିରେ ବିପର୍ଯ୍ୟାୟର ତାଣ୍ଡବ ସୃଷ୍ଟି କରିଥିବା ବେଳେ ୨୦୨୩ରେ ଯୋଶୀମଠ ଅଞ୍ଚଳରେ ଭୂସ୍ଖଳନର ଧ୍ୱଂସଲୀଳା ବର୍ତମାନ ସୁଦ୍ଧା ମନରୁ ଲିଭି ନାହିଁ। କେବଳ ହିମାଳୟ ଅଞ୍ଚଳ ନୁହେଁ, ଜାମ୍ମୁ-କାଶ୍ମୀର କେରଳର ୱୟନଡାରେ ଗତବର୍ଷ ଅତିବୃଷ୍ଟି ଯୋଗୁଁ ଘଟିଥିବା ପ୍ରାକୃତିକ ବିପର୍ଯ୍ୟାୟ କେବଳ ଏଡି ଦୁଇ ରାଜ୍ୟ ନୁହେଁ ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ଏହା ନିସନ୍ଦେହ ଯେ, ଦ୍ରୁତ ଜଳବାୟ ପରିବର୍ତନ ସାଙ୍ଗକୁ ପ୍ରାକୃତିକ ଭାରସାମ୍ୟରେ ଅସନ୍ତୁଳନ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନର ମୁଖ୍ୟ କାରଣ। ପରିସଂସ୍ଥିୟ ସମତା, ଜୈବ ବିବିଧତା ଧ୍ୱଂସ, ବ୍ୟାପକ ଜଙ୍ଗଲହାନୀ, ପାହାଡ କାଟି ସୁଡଙ୍ଗ, ରାସ୍ତା, ରେଳପଥ ନିର୍ମାଣ, ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ, ବିସ୍ଫୋରଣ ଦ୍ୱାରା ପଥର ଫୁଟାଇବା, ଆଖିବୁଜା ଗଛ କାଟିବା, ରୋଜଗାର ପାଇଁ ବହୁତଳ ବିଶିଷ୍ଟ ପ୍ରାସାଦ, ହୋଟେଲ ନିର୍ମାଣ, ପାହାଡ କାଟି ଗୃହ ନିର୍ମାଣ ଏବଂ ବିଶେଷ କରି ନଦୀ ଅବବାହିକାରେ ଜନବସତି ନିର୍ମାଣ କରିବା ଏବେ ହିମାଳୟ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟାୟକୁ ଆମନ୍ତ୍ରଣ କରିଛି। ଏନେଇ ପରିବେଶ ବିଜ୍ଞାନୀମାନେ ବାରମ୍ବାର ଚେତାବନୀ ଦେଇଥିଲେ ମଧ କେହି କର୍ଣ୍ଣପାତ କରିନାହାଁନ୍ତି। ଯାହାର ଅନ୍ତିମ ଯବନିକା ଧ୍ୱଂସ(ପ୍ରଳୟ)ରେ ପରିଣତ ହୋଇଛି। ଧରଲି ସହରରେ କ୍ଷୀରଗଙ୍ଗା ନଦୀର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ଓ ନଦୀ ଅବବାହିକା ଅଞ୍ଚଳରେ ଜନବସତି ସ୍ଥାପନର, ପର୍ଯ୍ୟଟନ ବିକାଶ ନାଁରେ ନଭଶ୍ଚୁମ୍ବୀ ଅଟ୍ଟାଳିକା, ହୋଟେଲ ନିର୍ମାଣ, ଏହି ଅଞ୍ଚଳର ପରିବେଶକୁ ଧ୍ୱଂସାଭିମୁଖୀ କରିଥିବାବେଳେ ଭୂଭାଗ ଉପରେ ଏହାର ଭାର ପଡ଼ିଛି। ଗୋଟିଏ ପଟେ ନଦୀ ପଥର ସଂକାଚନ, ଅନ୍ୟ ପାଟେ ଭୂଭାର, ଭୂସ୍ଖଳନ ଓ ମାଟି ଦବିବାର ମୁଖ୍ୟ କାରଣ ହୋଇଛି। ନିକଟରେ ହିମାଚଳ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟ ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ରାଜସ୍ୱ ଆୟ ସବୁ କିଛି ନୁହେଁ। ପରିବେଶ ଏବଂ ଜୈବ ବିବିଧତାର ମୂଲ୍ୟ ବିନିମୟରେ ରାଜସ୍ୱ ଆୟ କରାଯାଇପାରିବ ନାହିଁ। ବିଶ୍ୱର ଯେଉଁ ରାଷ୍ଟ୍ରମାନେ ପ୍ରକୃତି ଉପରେ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ଉଦାହରଣ ସ୍ୱରୁପ ସୋଭିଏତ ଋଷ କପା ଚାଷ ପାଇଁ ନଦୀର ଗତିପଥ ପରିବର୍ତନ କରିବା ଯୋଗୁଁ ପ୍ରସିଦ୍ଧ ଅରାଳ ସାଗର ଏବେ ଶୁଖିଲା ପଡ଼ିଛି। ସେମାନେ ରାଜସ୍ୱ ଆୟ କରିଛନ୍ତି, ମାତ୍ର କେଉଁ ମୂଲ୍ୟ ବିନିମୟରେ ଭାରତ ସରକାର ଏବେ ଅକଳନୀୟ ମୂଲ୍ୟ ବାବଦରେ ଗୁରୁତ୍ୱ ଦେବା ଜରୁରୀ, ଯାହାକି ଧରାଲି ପରି ବିପର୍ଯ୍ୟାୟକୁ ଏଡାଇ ଦେଇପାରିବ। ବିକାଶ ନାଁ ବିନାଶକୁ ଆମନ୍ତ୍ରଣ ବନ୍ଦ କରାଯାଉ। ଏନେଇ ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟଥା ହିମାଳୟ ଅଞ୍ଚଳରେ ଧ୍ୱଂସ ହିଁ ଧ୍ୱଂସ ଘଟି ଚାଲିବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ମହାନ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା



**ଆଶୁତୋଷ ନାୟକ**

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା। ସେ ମିଷ୍ଟଭାଷୀ ଉଦାର, ନିର୍ଭିକ, ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ। ସେ ଓଡିଶାର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚିତ। ସେ ୧୮୯୯ମସିହା ଆଗରପଡା ରେ (ବର୍ତମାନ ଭଦ୍ରକ ଜିଲ୍ଲା ରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ। ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର, ଝଙ୍କାର ପ୍ରଭୃତି, , ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି। ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ। ଗର୍ବ, ଅହଂଙ୍କାର ତାଙ୍କୁ ତଳେମାତ୍ର ଛୁଇଁ ପାରିନଥିଲା। ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି।

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ। ' ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟ କାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଥିଲା। ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା। ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୨୧ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା। ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ। ତାଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ ଜାତିର ଭେଦ ଭାବ ନଥିଲା। ୧୯୩୩ ରୁ ୧୯୩୬ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ା ରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ। ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢ଼ତାର ସହିତ ବିରୁଦ୍ଧ କରିଥିଲେ। ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା। ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା। ସେ ଦୀର୍ଘ ୮ ବର୍ଷ ଧରି ଜେଲ୍ ରେ ସମୟ ଅତିବାହିତ କରିଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ସେ '୧୯୪୨ ରୁ ୧୯୪୫' ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ। ଜେଲ୍ ରେ ବନ୍ଦୀ ଥିବା ସମୟରେ ସେ ୩ ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ।

୧୯୪୬ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରାଯାଇଥିଲେ ମଧ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ର କୁ ପଶମିତ କରିପାରିଥିଲେ। ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା। ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂନ୍ଦେହର ଅବକାଶ ନାହିଁ। ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ। ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ। କ୍ଷମତା, ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା। ସେ ସଦାସର୍ବଦା ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ। ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ। ଅସହାୟ ଗରିବ, ମଧ୍ୟବିତ୍ତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ 'ପ୍ରଜାତନ୍ତ୍ର' ରେ ପ୍ରକାଶ କରୁଥିଲେ। ନିରପେକ୍ଷ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର' ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ ସଠିକ ଭାବରେ ନିର୍ବାହ କରୁଛି। ଯେତେବେଳେ ପ୍ରଶାସନ ନେତା, ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ୍ତେ ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ, ଏହାର ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ। ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି। ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚିତ। ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚିପାରିଛି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତେ ସେ ଦେଶ ପାଇଁ ଚିନ୍ତା କରିଛନ୍ତି।ତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ। ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ। ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ। ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସର୍ଦ୍ଦାର ବଲ୍ଲଭଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା। ତାଙ୍କ ରଚିତ 'ଗାଁ ମଜଲିସ୍' ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଏଥିସହ ଇଂରାଜୀ ପତ୍ରିକା ' ଦ ଇଷ୍ଟର୍ଣ୍ଣ ଟାଇମସର' ସେ ସମ୍ପାଦକ ଥିଲେ। ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚିତ ହୋଇଥିଲେ। ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା।

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚିରପରିଚିତ। ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସଂଘର୍ଷ ମଧ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ। ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ। ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା। ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ଠାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ।

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ ଭାଙ୍ଗିପଡ଼ି ନାହାନ୍ତି। ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି। ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି ମଧ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ। ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରୁଥିଲେ। ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହଁର୍ତ୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ' ଗାଁ ମଜଲିସ୍' ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ। ୧୯୫୦ମସିହାରୁ ୧୯୮୬ମସିହା ପ୍ରଯ୍ୟନ୍ତ 'ପ୍ରଜାତନ୍ତ୍ର' ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା। ସାମାଜିକ ରାଜନୀତିକ, ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ, ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ, ଯାହା ଚଳିତ ଚାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ। ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାଦୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ୍ତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶ୍ରେଷ୍ଠ ରୂପେ ପରିଗଣିତ ହେବ।

**ଗୋପାଳପୁର, , ବାଲେଶ୍ୱର, ମୋବାଇଲ୍: ୭୦୨୦୬୧୧୩୦୦**

'ଅପରେସନ ସିନ୍ଦୂର' ଓ ସିନ୍ଧୁ ଜଳଚୁକ୍ତି ବାତିଲକୁ ନେଇ ଚେତାବନୀ

# ମୁନୀରଙ୍କ ପରେ ଭାରତକୁ ବିଲାୱଲଙ୍କ ଯୁଦ୍ଧ ଧମକ



ନୂଆଦିଲ୍ଲୀ,୧୨।୮: ଭାରତକୁ ଯୁଦ୍ଧ ଧମକ ଦେବାରେ ବ୍ୟସ୍ତ ରହିଛି ପାକିସ୍ତାନ। ପ୍ରଥମେ ପାକିସ୍ତାନର ଜିହାଦ ଜେନେରାଲ ଅସୀମ ମୁନୀର ଆମେରିକା ମାଟିରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ଏହାର ଦିନକ ପରେ ପାକିସ୍ତାନ ବରିଷ୍ଠ ରାଜନେତା ତଥା ପୂର୍ବତନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଭାରତକୁ ଅପରେସନ ସିନ୍ଦୂର ଓ ସିନ୍ଧୁ ଜଳଚୁକ୍ତି ବାତିଲକୁ ନେଇ ଚେତାବନୀ ଦେଇଛନ୍ତି। ଭୁଟ୍ଟୋ ଦାବି କରିଛନ୍ତି ଯେ, ଭାରତ ପକ୍ଷରୁ ପାକିସ୍ତାନର ବିରାଟ କ୍ଷତି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଏକାଠି ହେବାକୁ ମଧ୍ୟ ସେ ସମସ୍ତ ପାକିସ୍ତାନୀଙ୍କୁ ଆହ୍ୱାନ ଦେଇଛନ୍ତି। ସିନ୍ଧ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୋମବାର ବିଲାୱଲ ଯୋଗ ଦେଇଥିଲେ। ସେ ଏହି କାର୍ଯ୍ୟକ୍ରମରେ ଭାରତ ବିରୋଧରେ ବିଷ ଓଗାରିଛନ୍ତି। ସେ କହିଛନ୍ତି, "ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚାଲିଥିବା ଭାରତ ସରକାରଙ୍କ କାର୍ଯ୍ୟକଳାପ ପାକିସ୍ତାନର ବଡ଼ କ୍ଷତି କରିଛି। ତେଣୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଆମ ସମସ୍ତଙ୍କୁ ଏକାଠି ଛିଡ଼ା ହେବାର ଆବଶ୍ୟକତା ରହିଛି।" ପହଲଗାମ ହମଲା ପରେ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିଛି। ଏହି ପ୍ରସଙ୍ଗରେ ସେ ଭାରତକୁ ଯୁଦ୍ଧର ଧମକ ଦେଇଛନ୍ତି। ତାଙ୍କ କହିବା କଥା ଯେ, ଯଦି ଭାରତ ସିନ୍ଧୁ ଜଳ ଚୁକ୍ତି ବାତିଲ କରିବା ନିଷ୍ପତ୍ତିରେ କାଏମ ରହିବ, ତା'ହେଲେ ପାକିସ୍ତାନ ଏହାକୁ ଯୁଦ୍ଧ ଭାବେ ବିଚାର କରିବ। ବିଲାବଲ କହିଛନ୍ତି, "ସମସ୍ତ ୬ ନଦୀକୁ ଫେରାଇ ଆଣିବା ପାଇଁ ଆପଣମାନେ ସମସ୍ତେ ଯୁଦ୍ଧ କରିବାକୁ ସକ୍ଷମ। ଭାରତ ଏହି ପଥରେ ଚାଲିଲେ, ଆମକୁ ସମସ୍ତ ପ୍ରକାରର ବିକଳ୍ପ କଥା ଚିନ୍ତା କରିବାକୁ ପଡ଼ିବ। ଏହାକୁ ସମ୍ଭବତଃ ଯୁଦ୍ଧ ଭାବେ ମଧ୍ୟ ବିବେଚନା କରାଯାଇପାରେ। ଦେଶର ଜାତୀୟ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ପାକିସ୍ତାନ ସବୁ କିଛି କରିବ। ଏହା ଛଡ଼ା ଆମ ପାଖରେ ଆଉ କୌଣସି ବିକଳ୍ପ ନାହିଁ।

ଆମେ ଯୁଦ୍ଧ ଆରମ୍ଭ କରି ନଥିଲୁ। କିନ୍ତୁ ଯଦି ଭାରତ ସିନ୍ଦୂର ଭଳି ଆକ୍ରମଣ କରିବାକୁ ଭାବିବ, ତା'ହେଲେ ପାକିସ୍ତାନର ପ୍ରତିଟି ପ୍ରଦେଶର ଲୋକ ତୁମ ସହ ଲଢ଼ିବାକୁ ପ୍ରସ୍ତୁତ। ଏହା ଏମିତି ଏକ ଯୁଦ୍ଧ ହେବ, ଯେଉଁଥିରେ ତୁମେ ହାରିବ। ଆମେ ଆଦୌ ମୁଣ୍ଡ ନୁଆଁଇବୁ ନାହିଁ।" ପ୍ରକାଶଥାଉ କି, ଏହାର ଦିନକ ପୂର୍ବରୁ ପାକିସ୍ତାନ ସେନା ମୁଖ୍ୟ ମୁନୀର ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ଯଦି ପାକିସ୍ତାନ ନିଜର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହେଉଥିବା ଆଶଙ୍କା କରିବ, ତା'ହେଲେ ଇସଲମାବାଦ ନିଜ ସହ ଅଧା ବିଶ୍ୱକୁ ନେଇ ବୁଡ଼ିବ ବୋଲି ସେ କହିଥିଲେ।



ପୁଟିନଙ୍କ ସହ ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ବିବାଦୀୟ ବୟାନ

# ଭାରତ ଉପରେ ଟାରିଫ ଦ୍ୱାରା ରୁଷିଆ ଅର୍ଥନୀତି ପ୍ରଭାବିତ

ୱାଶିଂଟନ,୧୨।୮: ଟାରିଫ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଦାବି। ଭାରତ ଉପରେ ଟାରିଫ ରୁଷର ଅର୍ଥନୀତିକୁ ଦୋହଲାଇଦେଲା ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି। ଆଲାସ୍କାରେ ପୁଟିନଙ୍କ ସହ ଆଲୋଚନା ପୂର୍ବରୁ ଏଭଳି ବିବାଦୀୟ ବୟାନ ଦେଇଛନ୍ତି ଟ୍ରମ୍ପ। ଭାରତର ରୁଷଠୁ ତୈଳ କିଣିବା ଉପରେ ଲାଗୁ ହୋଇଥିବା ୫୦ ପ୍ରତିଶତ ଟାରିଫ ରୁଷ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇଛି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି । ଟ୍ରମ୍ପ ଗତ ସପ୍ତାହରେ ଭାରତ ଉପରେ ଶୁଳ୍କକୁ ୫୦ ପ୍ରତିଶତକୁ ବଢାଇଛନ୍ତି। ଯାହା ଦୁଇଟି ପର୍ଯ୍ୟାୟରେ ଲାଗୁ ହୋଇଛି । ୩୦ ଜୁଲାଇରେ ୨୫ ପ୍ରତିଶତ ଶୁଳ୍କ ଓ ୭ ଅଗଷ୍ଟରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି । ଟ୍ରମ୍ପ କହିଛନ୍ତି, ଭାରତ ରୁଷଠୁ ସବୁଠାରୁ ବଡ଼ ତୈଳ କ୍ରେତା ହୋଇଥିବାରୁ ଏହି ଶୁଳ୍କ ରୁଷିଆର ଅର୍ଥନୀତିକୁ ବିଶେଷ ଭାବେ ବିଚଳିତ କରିଛି । ଭାରତ ଉପରେ ଶୁଳ୍କ ରୁଷିଆର ଅର୍ଥନୀତିକୁ ଦୁର୍ବଳ କରିଥିବା ଟ୍ରମ୍ପ ଦାବି କରିଛନ୍ତି । ଏପଟେ ଆମେରିକାର ଟାରିଫକୁ ଅନ୍ୟାୟ, ଅଯୌକ୍ତିକ ଏବଂ ଅଗ୍ରହଣୀୟ ବୋଲି କହିଛି ଭାରତ।



# ନିଷିଦ୍ଧ ଘୋଷଣାର ଦିନକ ପରେ ବିଏଲ୍ଏର ବଡ଼ ଆକ୍ରମଣ

**କ୍ୱେଟା,୧୨।:** ଆମେରିକା ଦ୍ୱାରା ନିଷିଦ୍ଧ ଘୋଷଣାର ଦିନକ ପରେ ପାକିସ୍ତାନ ସେନା ଉପରେ ବଡ଼ ଆକ୍ରମଣ କରିଛି ବେଲୋଚ ମୁକ୍ତି ବାହିନୀ( ବିଏଲ୍ଏ)। ଏହି ଆକ୍ରମଣରେ ଅତି କମରେ ୯ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଆକ୍ରମଣ ପାଇଁ କୌଣସି ବେଲୁଚ ସଂଗଠନ ନିଜକୁ ଦାୟୀ କରିନଥିଲେ ବି ଏହା ପଛରେ ବିଏଲଏ ଥିବା କୁହାଯାଉଛି ।

ପାକ୍ ସେନା ଯବାନମାନେ ଯାଉଥିବା ସମୟରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ଜଣ ଯବାନ ମୃତ୍ୟୁବରଣ କରିଛନ୍ତି ଓ ଆହୁରି କେତେକ ଆହତ ହୋଇଛନ୍ତି ।

ମଙ୍ଗଳବାର ଦିନ ପାକିସ୍ତାନୀ ସୁରକ୍ଷା ଅଧିକାରୀମାନେ ଏହି ଆକ୍ରମଣ ବିଷୟରେ ସୂଚନା ଦେଇଛନ୍ତି। ୱାଶୁକ୍ ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବେଲୁଚ ଆତଙ୍କବାଦୀମାନେ ଏକ ପୁଲିସ ଷ୍ଟେସନ ଏବଂ ଏକ ସୀମା ସୁରକ୍ଷା କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିଛନ୍ତି। ଅଧିକାରୀଜଣକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, "ସେନା ଯବାନମାନେ ଯାଉଥିବା ସମୟରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ଜଣ ଯବାନ ମୃତ୍ୟୁବରଣ କରିଛନ୍ତି ଓ ଆହୁରି କେତେକ ଆହତ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ସୋମବାର ଦିନ ଆମେରିକା ବିଏଲଏ ଓ ମାଜିଦ ବ୍ରିଗେଡକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା । ବିଗତ ପ୍ରାୟ ୨୦ ବର୍ଷ ହେଲା ବିଏଲଏ ପକ୍ଷରୁ ପାକିସ୍ତାନ ସେନା ଉପରେ ବଡ଼ ବଡ଼ ଆକ୍ରମଣ କରାଯାଇଛି । ସେହିପରି ମାଜିଦ ବ୍ରିଗେଡ୍ ବେଲୁଚିସ୍ତାନର ଘାତକ ଆତ୍ମଘାତୀ ବାହିନୀଭାବେ ଜଣାଶୁଣା । ୨୦୧୧ ମସିହାରେ ଗଠିତ ମାଜିଦ ବ୍ରିଗେଡ ଗତ ୧୪ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟା କରିଛି।

# ଧକ୍କା ପରେ ଜଳିଗଲେ ୨ ବିମାନ



ୱାଶିଂଟନ, ୧୨।୮: ଆମେରିକାରେ ବିମାନ ଦୁର୍ଘଟଣା ଘଟିଛି। ୨ଟି ବିମାନ ଧକ୍କା ହେବା ଫଳରେ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣା ଆମେରିକାର ମୋଟାନା ସ୍ଥିତ କାଲିସ୍ପେଲ୍ ସିଟିର ବିମାନ ବନ୍ଦର ନିକଟରେ ହୋଇଥିବା ଜଣାପଡିଛି। ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା। କିନ୍ତୁ ଏହି ଦୁର୍ଘଟଣାରେ କେହି ଗୁରୁତର ଆହତ ହୋଇ ନାହାନ୍ତି। ସୂଚନାନୁଯାୟୀ, ଏକ ଛୋଟ ସିଙ୍ଗଲ-ଇଞ୍ଜିନ୍ ବିମାନ କାଲିସ୍ପେଲ୍ ସିଟିର ବିମାନବନ୍ଦରରେ ପ୍ରାୟ ଅପରାହ୍ଣ ୨ଟା ସମୟରେ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରୁଥିଲା। ସେହି ସମୟରେ ବିମାନବନ୍ଦରରେ ଠିଆ ହୋଇଥିବା ଆଉ ଏକ ବିମାନକୁ ଧକ୍କା ଦେଇଥିଲା। ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। କିନ୍ତୁ ପାଇଲଟଙ୍କ ସମେତ ୩ଜଣ ଯାତ୍ରୀ ବଞ୍ଚିବା ପାଇଁ ବାହାରକୁ ବାହାରି ଆସିଥିଲେ। ସେହି ବିମାନରେ ଯାତ୍ରା କରୁଥିବା ୨ଜଣ ଯାତ୍ରୀ ସାମାନ୍ୟ ଆଘାତ ହୋଇଥିଲେ। ତୁରନ୍ତ ବିମାନବନ୍ଦରରେ ଆହତ ଯାତ୍ରୀଙ୍କ ଚିକିତ୍ସା କରାଯାଇଥିଲା। ଦୁର୍ଘଟଣା ହେବା ଫଳରେ ଶବ୍ଦ ହୋଇଥିଲା। ଯେଉଁଥି ପାଇଁ ଆକାଶ ଧୂଆଁମୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ନିକଟରେ ଅର୍ଥାତ୍ ଗତ ସପ୍ତାହରେ ଆମେରିକାରେ ଆଉ ଏକ ବିମାନ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ହେବା ଯୋଗୁଁ ବିମାନଟିରେ ନିଆଁ ଲାଗିଯାଇଥିଲା। ଯେଉଁଥିରେ ୪ଜଣଙ୍କର ମୃତ୍ୟୁ ହୋଇଥିଲା। ଉତ୍ତର-ପୂର୍ବରେ ଚିନଲେ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# 'ଆଧାର' ନାଗରିକତାର ନିର୍ଣ୍ଣାୟକ ପ୍ରମାଣପତ୍ର ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୮: ବିହାରରେ ହୋଇଥିବା ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ସୁପ୍ରିମକୋର୍ଟ ଏସଆଇଆରକୁ ନେଇ ନିର୍ବାଚନ କମିସନଙ୍କ ଆଭିମୁଖ୍ୟକୁ ଠିକ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଆଧାର ଭାରତର ନାଗରିକତାର ଏକ ନିର୍ଣ୍ଣାୟକ ପ୍ରମାଣପତ୍ର ବୋଲି ସ୍ୱୀକାର କରାଯାଇପାରିବ ନାହିଁ। ଏହି ପରିଚୟପତ୍ରକୁ ଯାଞ୍ଚ କରିବାକୁ ହେବ। ସୁପ୍ରିମକୋର୍ଟଙ୍କ ଏହି ରାୟ ଫଳରେ ବିରୋଧୀ ଦଳମାନଙ୍କୁ ଏକ ବଡ଼ ଧକ୍କା ଲାଗିଛି ଓ ନିର୍ବାଚନ କମିସନ ଆଶ୍ୱସ୍ତ ହୋଇଛନ୍ତି। କୋର୍ଟରେ ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ, ନିର୍ବାଚନ କମିସନ ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଓ ରାସନ କାର୍ଡକୁ ନାଗରିକତା ପ୍ରମାଣପତ୍ର ଭାବେ ସ୍ୱୀକାର କରୁନାହାନ୍ତି। ଯଦି କମିସନ ଭାବୁଛନ୍ତି ଯେ ଜଣେ ବ୍ୟକ୍ତି ନାଗରିକ ନୁହନ୍ତି ବୋଲି ତାହାକୁ ପ୍ରମାଣ କରିବା ତାଙ୍କର ଦାୟିତ୍ୱ। ଏହାର ଜବାବରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ, ଜଣେ ବ୍ୟକ୍ତି କିଛି ନା କିଛି ନାଗରିକତା ପ୍ରମାଣପତ୍ର ରଖିବା ଆବଶ୍ୟକ। ଗୋଟିଏ ସିମ କ୍ରୟ ବେଳେ ବି ପ୍ରମାଣପତ୍ର ଆବଶ୍ୟକ ପଡ଼ିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଆଧାର ସହିତ ଅନ୍ୟ ପ୍ରମାଣପତ୍ର ଯେପରିକି ଆଧାର କାର୍ଡ ଦାଖଲ କରନ୍ତି ସେତେବେଳେ ନିର୍ବାଚନ କମିସନ ତାହାର ସତ୍ୟାସତ୍ୟ ଯାଞ୍ଚ କରିବା ଆବଶ୍ୟକ ହୋଇଥାଏ।

ରଦ୍ଦ ହେବ ବିହାର ଏସ୍ଆଇଆର୍

# ସର୍ତ୍ତ ଲାଗୁକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨।୮: ବିହାରରେ ଏବେ ନିର୍ବାଚନ କମିଶନ ପକ୍ଷରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ଚାଲିଛି। ଭୋଟର ସଂଶୋଧନ ସର୍ଭେ ଭାବେ ପରିଚିତ ଏହି କାର୍ଯ୍ୟକ୍ରମରେ ୬୫ ଲକ୍ଷ ଲୋକ ପ୍ରାଥମିକ ଭାବେ ବାଦ ପଡ଼ିଥିବା ନିର୍ବାଚନ କମିଶନ ଗୋଟିଏ ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ବଡ଼ କଥା କହିଛନ୍ତି ସୁପ୍ରିମକୋର୍ଟ। ଯଦି ବିହାର ମତଦାତା ତାଲିକାରେ ବେଆଇନ କାର୍ଯ୍ୟକଳାପ ପ୍ରମାଣିତ ହୋଇଯିବ, ତା'ହେଲେ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ରେଜଲ୍ଟକୁ ସେପ୍ଟେମ୍ବର ଶେଷ ସୁଦ୍ଧା ରଦ୍ଦ କରାଯାଇ ପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ବିହାରରେ ନିର୍ବାଚନ କମିଶନ ଜାରି ରଖିଥିବା ଏସଆଇଆରକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ବେଆଇନ ଭାବେ ଭୋଟର ତାଲିକା ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏସଆଇଆର ବିରୋଧୀ ଆବେଦନର ଶୁଣାଣି କରିବା ବେଳେ ସୁପ୍ରିମକୋର୍ଟ ଏପରି କହିଛନ୍ତି।

ଶୁଣାଣି ବେଳେ ଆବେଦନକାରୀ ଏପରି କାର୍ଯ୍ୟକ୍ରମର ସାମ୍ବିଧାନିକ ଅନୁମତି ଉପରେ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ସର୍ଭେ ବେଳେ ନାଗରିକତାର ପ୍ରମାଣ ଦେବାକୁ ଦସ୍ତାବିଜ ମାଗୁଛନ୍ତି। ହେଲେ କାହାକୁ ନାଗରିକତା ମିଳିବ ବା ମିଳିବ ନାହିଁ, ତା'ର ନିଷ୍ପତ୍ତି ନେବାକୁ ନିର୍ବାଚନ ଆୟୋଗଙ୍କ ପାଖରେ କୌଣସି ଅଧିକାର ନାହିଁ। ନାଗରିକତା ପ୍ରସଙ୍ଗ ସଂପୂର୍ଣ୍ଣ ଭାବେ ଭାରତ ସରକାର ବିଶେଷ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରହିଛି। ସେମାନେ (ନିର୍ବାଚନ କମିଶନ) କହୁଛନ୍ତି, ନାଗରିକତା ଜାଣିବା ପାଇଁ ଆଧାର କାର୍ଡ ଉପଯୁକ୍ତ ଦସ୍ତାବିଜ ନୁହେଁ। କିନ୍ତୁ କାହାର ନାଗରିକତା ଉପରେ ନିଷ୍ପତ୍ତି ନେବାକୁ ସେମାନଙ୍କ ପାଖରେ ଅଧିକାରୀ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଥିଲେ। ସୁପ୍ରିମକୋର୍ଟ ଶୁଣାଣି ବେଳେ ନିର୍ବାଚନ କମିଶନ ରଖିଥିବା ଆଧାର କାର୍ଡ ଯୁକ୍ତିରେ ଏକମତ ହୋଇଛନ୍ତି। ଆଧାର କାର୍ଡକୁ ନାଗରିକତାର ପ୍ରମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଏହାକୁ ସ୍ୱାଧୀନ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି।

ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, "ଆଧାର କାର୍ଡକୁ ସଂପୂର୍ଣ୍ଣ ଭାବେ ନାଗରିକତାର ପ୍ରମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିଶନ ରଖିଥିବା ଯୁକ୍ତି ଠିକ। ଏହାର ଯାଞ୍ଚ ଆବଶ୍ୟକ। ଇସିଆଇଙ୍କ ପାଖରେ ଯାଞ୍ଚ କରିବାର କ୍ଷମତା ରହିଛି କି ନାହିଁ, ତା'ହା ପ୍ରଥମ ପ୍ରଶ୍ନ। ଯଦି ସେମାନଙ୍କ ପାଖରେ କ୍ଷମତା ନାହିଁ, ତା'ହେଲେ ସେଠାରେ ହିଁ ସବୁ କିଛି ଶେଷ ହୋଇଯିବ। କିନ୍ତୁ ଯଦି ସେମାନଙ୍କ ପାଖରେ କ୍ଷମତା ରହିଛି, ତା'ହେଲେ କୌଣସି ସମସ୍ୟା ନାହିଁ।"

ଆବେଦନକାରୀ ଓକିଲ କପିଲ ଶିବଲଙ୍କ କହିବା କଥା ଯେ ନିର୍ବାଚନ କମିଶନଙ୍କ ପ୍ରକ୍ରିୟା ଦ୍ୱାରା ବିପୁଳ ସଂଖ୍ୟାର ଭୋଟର ବାଦ ପଡ଼ି ପାରନ୍ତି। ବିଶେଷ କରି ଯେଉଁମାନେ ଆବଶ୍ୟକ ଦସ୍ତାବିଜ ଦେଇ ପାରିବେ ନାହିଁ, ସେମାନେ ବାଦ ପଡ଼ିବେ। ନିର୍ବାଚନ କମିଶନଙ୍କ ତଥ୍ୟ କହୁଛି ୭.୨୪ କୋଟି ଲୋକ ଫର୍ମ ଦାଖଲ କରିଥିଲେ। ତଥାପି ୬୫ ଲକ୍ଷ ନାଁକୁ ବିନା ଯାଞ୍ଚରେ ବାଦ ଦିଆଯାଇଛି। ବିନା ସର୍ଭେରେ ସେମାନେ ଏପରି କରିଥିବା ନିଜର ସତ୍ୟପାଠରେ ମଧ୍ୟ କହିଛନ୍ତି। ଏହା ଶୁଣିବା ପରେ ନିର୍ବାଚନ କମିଶନ ୬୫ ଲକ୍ଷ ସଂଖ୍ୟା କେମିତି ହାସଲ କଲେ, ତା' ଉପରେ ପ୍ରଶ୍ନ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣଙ୍କ କେବଳ ଆଶଙ୍କା କରିଛନ୍ତି ନା ଏଥିରେ କୌଣସି ସତ୍ୟତା ରହିଛି?"




# ବନ୍ଦହେଲା କେଦାରନାଥ ଧାମ ଯାତ୍ରା

ଡେରାଡୁନ,୧୨।୮: ଉତ୍ତରାଖଣ୍ଡରେ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ନଦୀ, ଝରଣା, ପୋଖରୀ, ନାଳ ଆଦିରେ ପାଣି ଭରି ରାସ୍ତା ଉପରେ ପାଣି ଚାଲୁଛି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହେତୁ ଉଭୟପାର୍ଶ୍ୱରେ ଅନେକ ଗାଡ଼ିଗୁଡ଼ିକର ଭିଡ଼ ଲାଗି ରହିଛି। ଏଭଳି ପରିସ୍ଥିତିକୁ ଦେଖି ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରି ଲୋକମାନଙ୍କୁ ଅଯଥାରେ ଘରୁ ନ ବାହାରିବାକୁ ଅନୁରୋଧ କରିଛି। ପ୍ରବଳ ବର୍ଷାର ସତର୍କତାକୁ ଦୃଷ୍ଟିରେ ରଖି ରୁଦ୍ରପ୍ରୟାଗ ଜିଲ୍ଲା ପ୍ରଶାସନ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଆଗାମୀ ତିନି ଦିନ ପାଇଁ କେଦାରନାଥ ଯାତ୍ରାକୁ ସ୍ଥଗିତ ରଖିଛି। ଏଥିସହିତ ରୁଦ୍ରପ୍ରୟାଗ ଜିଲ୍ଲାପାଳ ପ୍ରତୀକ ଜୈନ କହିଛନ୍ତି, 'ଡେରାଡୁନର ପାଣିପାଗ କେନ୍ଦ୍ର ଅଗଷ୍ଟ ୧୨, ୧୩ ଏବଂ ୧୪ରେ ରୁଦ୍ରପ୍ରୟାଗ ସମେତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି। ପ୍ରବଳ ବର୍ଷାର ସତର୍କତାକୁ ଦୃଷ୍ଟିରେ ରଖି ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେଦାରନାଥ ଧାମ ଯାତ୍ରାକୁ ଆଗାମୀ ତିନି ଦିନ ପାଇଁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। କେବଳ ଏତିକି ନୁହେଁ, ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି ଏବଂ ନଦୀ କୂଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅପିଲ୍ କରାଯାଇଛି।

# ନେଦରଲାଣ୍ଡରେ ଇସ୍ରାଏଲ ଦୂତାବାସ ଉପରେ ଆକ୍ରମଣ

ନୂଆଦିଲ୍ଲୀ ,୧୨।୮: ଗାଜାରେ ସଂପୂର୍ଣ୍ଣ ଦଖଲ ଯୋଜନା ଓ ଆକ୍ରମଣ ଯୋଗୁଁ ଇସ୍ରାଏଲ ପୂର୍ବରୁ ହିଁ ଏକୁଟିଆ ହୋଇ ଯାଇଛି। ଅନେକ ଦେଶ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ଦେଶର ଦାବିକୁ ଜୋରଦାର କରି ଦେଇଛନ୍ତି। ଏହିସବୁ ମଧ୍ୟରେ ବିଦେଶରେ ନିଜର ଦୂତାବାସ ଉପରେ ଆକ୍ରମଣ ଇସ୍ରାଏଲର ଚିନ୍ତାକୁ ଦ୍ୱିଗୁଣିତ କରିଛି। ନେଦରଲ୍ୟାଣ୍ଡର ରାଜଧାନୀ ହେଗ୍ ସ୍ଥିତ ଇସ୍ରାଏଲୀୟ ଦୂତାବାସରେ ଆଜି ( ୧୨ ଅଗଷ୍ଟ) ତିନି ଜଣ ଲୋକ ଆକ୍ରମଣ କରିଛନ୍ତି। ଇସ୍ରାଏଲର ବୈଦେଶିକ ମନ୍ତ୍ରଣାଳୟର ବୟାନ ମୁତାବକ , ଆକ୍ରମଣକାରୀ ଦୂତାବାସର ମୁଖ୍ୟ ପ୍ରବେଶ ଦ୍ୱାରରେ ନାଲି ରଙ୍ଗର ଲେପ ଫିଙ୍ଗି ଥିଲେ ଏବଂ ମୁଖ୍ୟ ଦ୍ୱାର ଭାଙ୍ଗି ଦେଇଥିଲେ। ମନ୍ତ୍ରଣାଳୟ ଦ୍ୱାରା ଜାରି ଫଟୋରେ ଦୂତାବାସର ପ୍ରବେଶ ଦ୍ୱାର ନାଲି ରଙ୍ଗର ଲେପ ଦିଆଯାଇଥିଲା ଏବଂ କବାଟ ଭାଙ୍ଗି ଯାଇଥିବା ଦେଖାଯାଉଛି। ସ୍ଥାନୀୟ ସୁରକ୍ଷା ବାହିନୀମାନେ ତୁରନ୍ତ ପ୍ରତିକ୍ରିୟା ଦେଇଛନ୍ତି ଏବଂ ଡଚ୍ ପୁଲିସ ତିନି ଜଣ ସନ୍ଦିଗ୍ଧଙ୍କୁ ଘଟଣା ସ୍ଥଳରୁ ହିଁ ଗିରଫ କରି ନେଇଛନ୍ତି। ହେଲେ, ମନ୍ତ୍ରଣାଳୟ ଏହି ଆକ୍ରମଣ ପଛର ଉଦ୍ଦେଶ୍ୟକୁ ନେଇ କୌଣସି ଟିପ୍ପଣୀ କରିନାହିଁ , କିନ୍ତୁ ଏହି ଘଟଣା ଏହି ସମୟରେ ହୋଇଛି , ଯେତେବେଳେ ଏହି ସପ୍ତାହର ପୂର୍ବରୁ ପ୍ୟାରିସ୍‌ରେ ଇସ୍ରାଏଲୀୟ ଏୟରାଲାଇନ୍ 'ଏଲ୍ ଅଲ୍'ର ଅଫିସରେ ମଧ୍ୟ ନାଲି ରଙ୍ଗର ଲେପ ଫିଙ୍ଗା ଯାଇଥିଲା ଏବଂ କାନ୍ଥରେ ଫ୍ରି ପାଲେଷ୍ଟାଇନ୍ ଲେଖାଯାଇ ଥିଲା। ନିକଟବର୍ତ୍ତୀ ମାସ ଗୁଡ଼ିକରେ ଗାଜାରେ ହମାସ ବିରୋଧରେ ଜାରି ଯୁଦ୍ଧ ମଧ୍ୟରେ ଅନେକ ଇହୁଦୀ ଓ ଇସ୍ରାଏଲୀୟ କେନ୍ଦ୍ରରେ ବିଦେଶରେ ଭଙ୍ଗାରୁଜା ଘଟଣା ବୃଦ୍ଧି ପାଇଛି। ଏହି ସବୁ ଆକ୍ରମଣକୁ ଇସ୍ରାଏଲ ବିରୋଧୀ ଓ ପାଲେଷ୍ଟାଇନ ସମର୍ଥକ ପ୍ରତିବାଦକାରୀଙ୍କ ସହ ଯୋଡ଼ା ଯାଉଛି। ଇସ୍ରାଏଲର ସୁରକ୍ଷା ମନ୍ତ୍ରିମଣ୍ଡଳ ନିକଟରେ ଗାଜା ସିଟିରେ ସେନା ନିୟନ୍ତ୍ରଣର ଯୋଜନାକୁ ଅନୁମୋଦନ ଦେଇଛି। ଏହାର ଉଦ୍ଦେଶ୍ୟ ହମାସକୁ ନିପାତ କରିବା , ବନ୍ଧକମାନଙ୍କୁ ମୁକ୍ତ କରିବା ଓ ଗାଜା ଉପରେ ସ୍ଥାୟୀ ନିୟନ୍ତ୍ରଣ ସ୍ଥାପନ କରିବା। ହେଲେ , ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଦୋହରାଇଛନ୍ତି ଯେ, ଏହି କବଜା ସବୁଦିନ ପାଇଁ ନୁହେଁ। ପରେ ପ୍ରଶାସନକୁ ସମ୍ଭାଳିବା ପାଇଁ ଏମିତି ଆରବ ବାହିନୀ ଗୁଡ଼ିକୁ ଦାୟିତ୍ୱ ଦିଆଯାଇ ପାରେ , ଯିଏ ଏହାକୁ ସଠିକ୍ ଭାବେ ପରିଚାଳନା କରି ପାରିବେ। ଗାଜା ସିଟି ଓ ଅନ୍ୟ ସବୁ ଅନିୟନ୍ତ୍ରିତ ଅଞ୍ଚଳରେ ଆକ୍ରମଣର ପ୍ରସ୍ତୁତି ଅନୁସାରେ , ନାଗରିକଙ୍କୁ ସୁରକ୍ଷା ନାମରେ ହଟେଇବାର ଯୋଜନା କରାଯାଉଛି। ଏହି ପ୍ରକ୍ରିୟା ପାଇଁ ସୁରକ୍ଷା ଜୋନ୍ ନିର୍ଦ୍ଧାରିତ କରାଯାଇଛି, ଯାହା ଅକ୍ଟୋବର ଯାଏ ଚାଲିପାରେ।

# ଚୀନ୍‌କୁ ବିମାନ ଉଡ଼ାଣ ପାଇଁ ନିର୍ଦ୍ଦେଶ ଦେଲେ ସରକାର



ନୂଆଦିଲ୍ଲୀ, ୧୨।୮: ଭାରତ ଓ ଚାଇନା ମଧ୍ୟରେ ବିମାନ ସେବା ଆସନ୍ତା ମାସରୁ ଆରମ୍ଭ ହେବ। ଦୁଇ ଦେଶ ମଧ୍ୟରେ କୂଟନୀତିକ ସମ୍ପର୍କରେ ସୁଧାର ଆସିଥିବାରୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବାକୁ ଯାଉଛି। ଚାଇନାକୁ ସିଧାସଳଖ ବିମାନ ସେବା ଯଥା ଶୀଘ୍ର ଆରମ୍ଭ କରିବାକୁ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ଭଳି ବିମାନ ସେବା ପ୍ରଦାନ ସଂସ୍ଥାକୁ ସରକାର କହିଛନ୍ତି। ମହାମାରୀ କରୋନା ପରଠାରୁ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ବନ୍ଦ ରହିଛି। ହେଲେ ଏବେ ପୁଣି ବିମାନ ସେବା ଆରମ୍ଭ ହେବାର ବାଟ ଫିଟିଛି। ୨୦୧୯ ଗଲୱାନ ଘାଟି ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ କୂଟନୀତିକ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଏଥିଯୋଗୁ ବ୍ୟବସାୟିକ ସମ୍ପର୍କ ବାଧା ପ୍ରାପ୍ତ ହୋଇଥିଲା। ଭାରତରେ ଚାଇନିଜ ନିବେଶକୁ ବାରଣ କରାଯାଇଥିଲା। ହେଲେ ବେଶ କିଛି ମାସ ହେବ ଦୁଇ ଦେଶ ନିଜ ଭିତରେ ଆଲୋଚନା କରି ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିଛନ୍ତି। ସ୍ଥିତିରେ ମଧ୍ୟ ସୁଧାର ଆସିଛି। ଏପରି କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଅଗଷ୍ଟ ୩୧ରେ ଚାଇନା ଗସ୍ତ କରିବେ। ଚାଇନାରେ ଅନୁଷ୍ଠିତ ହେବାକୁ ଥିବା ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ ବା ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ମୋଦି ସେଠାକୁ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ଦୁଇ ଦିନ ଧରି ବେଜିଂରେ ଏସସିଓ ସମ୍ମିଳନୀ ହେବ। ତେଣୁ ମୋଦି ଦୁଇ ଦିନ ଚାଇନାରେ ରହିବେ।

ଏହାପୂର୍ବରୁ ୨୦୨୪ ଅକ୍ଟୋବର ମାସରେ ମୋଦି ଓ ଜିନପିଙ୍ଗ ପରସ୍ପରକୁ କାଜାଖସ୍ତାନରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭେଟିଥିଲେ। ଏହାପରେ ଦୁଇ ଦେଶ ମଧ୍ୟରେ ରହିଥିବା ସୀମା ବିବାଦ ହ୍ରାସ କରିବାକୁ ଜୋରଦାର ଉଦ୍ୟମ ହୋଇଥିଲା। ଏସସିଓ ସମ୍ମିଳନୀରେ ଭାରତ ଓ ଚାଇନା ବ୍ୟତୀତ କାଜାଖସ୍ତାନ, ରୁଷ, ପାକିସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଓ ବେଲାରୁସର ନେତୃବୃନ୍ଦ ସାମିଲ ହେବେ।

# ଧନୀ ତାଲିକାରେ ଶୀର୍ଷରେ ପୁଣି ଅମ୍ବାନୀ ପରିବାର

ନୂଆଦିଲ୍ଲୀ,୧୨।୮: ଭାରତରେ ଅମ୍ବାନୀ ପରିବାର ଜଲୱା ଜାରି ରହିଛି। ହୁରୁନ୍ ଇଣ୍ଡିଆର ସବୁଠାରୁ ମୂଲ୍ୟବାନ ପାରିବାରିକ ବ୍ୟବସାୟ(ମୋଷ୍ଟ ଭାଲୁଏବଲ ବିଜନେଶ) ତାଲିକା ୨୦୨୫ରେ ଅମ୍ବାନୀ ପରିବାର ପୁଣିଥରେ ଶୀର୍ଷ ସ୍ଥାନରେ ରହିଛି। ଏହି ପରିବାରର ପାରିବାରିକ ବ୍ୟବସାୟ ମୂଲ୍ୟା ୨୮ ଲକ୍ଷ କୋଟି ଟଙ୍କା। ଯାହା ଭାରତର ଜିଡିପିର ପ୍ରାୟ ୧୨ ଭାଗ ସହିତ ସମାନ। ଗତବର୍ଷ ମଧ୍ୟ ଅମ୍ବାନୀ ପରିବାର ତାଲିକାର ପ୍ରଥମ ସ୍ଥାନରେ ରହିଥିଲା। ଅନ୍ୟପଟେ କୁମାର ମଙ୍ଗଳମ୍ ବିର୍ଲା ପରିବାର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପରିବାରର ବ୍ୟବସାୟିକ ମୂଲ୍ୟ ୬.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଜିନ୍ଦଲ ପରିବାର ମଧ୍ୟ ଶ୍ରେଷ୍ଠ ତିନିରେ ସ୍ଥାନ ପାଇଥିବା ବେଳେ ସେମାନଙ୍କ ବ୍ୟବସାୟର ମୂଲ୍ୟ ୫.୭ ଲକ୍ଷ କୋଟି ଟଙ୍କା।

# ଏଲ୍ଏସି ପାଖରେ ଚୀନ କରିବ ବଡ଼ ରେଳ ପ୍ରକଳ୍ପ

ଭାରତର ଚିନ୍ତା ବଢ଼ିଲା



ବେଜିଂ,୧୨।୮: ଚୀନ୍ ନିଜର ସବୁଠାରୁ ବଡ଼ ରେଳ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଯାହା ଶିନଜିଆଙ୍ଗ ପ୍ରଦେଶକୁ ତିବ୍ବତ ସହିତ ସଂଯୋଗ କରିବ। ଏହି ପ୍ରକଳ୍ପର ଏକ ଅଂଶ ଭାରତ ସହିତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ନିକଟ ଦେଇ ଯିବ। ହଂକଂର ଦକ୍ଷିଣ ଚୀନ୍ ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଏହି ରେଳ ପ୍ରକଳ୍ପର କାମ ଚଳିତ ବର୍ଷ ଆରମ୍ଭ ହେବାର ସମ୍ଭାବନା ଅଛି। ଏଥିପାଇଁ, ସରକାର ଏକ ନୂତନ କମ୍ପାନି ଗଠନ କରିଛନ୍ତି। କମ୍ପାନି ଶିନଜିଆଙ୍ଗର ହୋତାନରୁ ତିବ୍ବତର ରାଜଧାନୀ ଲାସା ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ ସହ ପରିଚାଳନା କରିବ। ଜିନଜିଆଙ୍ଗ-ତିବ୍ବତ ରେଳ କମ୍ପାନି ୯୫ ବିଲିୟନ ୟୁଆନ (ପ୍ରାୟ ୧୩.୨ ବିଲିୟନ ଆମେରିକୀୟ ଡଲାର) ପୁଞ୍ଜି ସହିତ ଆନୁଷ୍ଠାନିକ ଭାବରେ ପଞ୍ଜିକୃତ ହୋଇଛି। ଏହି କମ୍ପାନି ସମ୍ପୂର୍ଣ୍ଣ ଭାବରେ ଚୀନ୍ ରାଜ୍ୟ ରେଳ ଗ୍ରୁପ୍ ଅଧୀନରେ ରହିବ। ଏହାର ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଲାସାକୁ କେନ୍ଦ୍ର କରି ୫,୦୦୦ କିଲୋମିଟର ଲମ୍ବା ରେଳ ନେଟୱାର୍କ ବିକଶିତ କରିବା। ରିପୋର୍ଟରେ କୁହାଯାଇଛି ଯେ, ଏହି ପଞ୍ଜିକୃତ ପୁଞ୍ଜି କେବଳ ପ୍ରାରମ୍ଭିକ ନିବେଶ, ଯେତେବେଳେ ମୋଟ ଖର୍ଚ୍ଚ ଏହାଠାରୁ ବହୁତ ଅଧିକ ହୋଇପାରେ। ୧,୮୦୦ କିଲୋମିଟର ଲମ୍ବା ସିଚୁଆନ୍-ତିବ୍ବତ ରେଳ ପ୍ରକଳ୍ପରେ ପ୍ରାୟ ୩୨୦ ବିଲିୟନ ୟୁଆନ୍ (୪୫ ବିଲିୟନ ଆମେରିକୀୟ ଡଲାର) ଖର୍ଚ୍ଚ ହୋଇଥିଲା। ରିପୋର୍ଟରେ କୁହାଯାଇଛି ଯେ, ଏହି ନୂତନ ରେଳପଥର ଏକ ଅଂଶ ଭାରତ-ଚୀନ୍ ସୀମା ନିକଟ ଦେଇ ଯିବ।

## ଏସିଆ କପ୍: ଆସନ୍ତା ସପ୍ତାହରେ ବସିବ ଚୟନ କମିଟି ବୈଠକ

# ଗିଲ୍ ହୋଇପାରନ୍ତି ଉପ-ଅଧିନାୟକ



ନୂଆଦିଲ୍ଲୀ,୧୨।୮: ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଆଗାମୀ ଏସିଆ କପ୍ ପାଇଁ ଉପ -ଅଧିନାୟକ ନିଯୁକ୍ତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଟି-ଟ୍ୱେଣ୍ଟି ଦଳର ନିୟମିତ ସଦସ୍ୟ ନଥିଲେ ହେଁ ଆଗାମୀ ଦିନରେ ସବୁ ଫର୍ମାଟ୍ ଅଧିନାୟକ ହେବାର ଯୋଜନା ରହିଛି। ତେଣୁ ଏବେଠୁ ତାଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ବିସିସିଆଇ ଲକ୍ଷ୍ୟ ରଖିଛି। ଆସନ୍ତା ସପ୍ତାହରେ ଚୟନ କମିଟି ବୈଠକ ବସିବ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଗିଲଙ୍କ ନେତୃତ୍ୱକୁ ପ୍ରଶଂସା କରାଯାଇଥିଲା। ଭାରତ ୨-୨ରେ ଟେଷ୍ଟ ସିରିଜ ଡ୍ର’ ରଖିଥିଲା। ଗିଲ୍ ସମ୍ପୂର୍ଣ୍ଣ ସିରିଜରେ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ଟେଷ୍ଟ ସିରିଜର ପ୍ରଦର୍ଶନ ବଳରେ ଗିଲ୍ ଟି-ଟ୍ୱେଣ୍ଟି ଦଳକୁ ଫେରିବେ। ସୂର୍ଯ୍ୟକୁମାର ଯାଦବ ଟି-ଟ୍ୱେଣ୍ଟି ଦଳର ଅଧିନାୟକ ରହିଛନ୍ତି। ଆଇପିଏଲ୍‌ରେ ଓପନ୍ କରୁଥିଲେ ହେଁ ଗିଲ୍ ଟି-ଟ୍ୱେଣ୍ଟି ଦଳକୁ ଫେରିଲେ ମଧ ୩ନଂ କ୍ରମରେ ଖେଳିବେ। ଆଇପିଏଲ୍‌ର ଗତ ୩ଟି ସିଜନରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଓପନ କରି ଗିଲ୍ ଯଥାକ୍ରମେ ୮୯୦, ୪୨୬ ଓ ୬୫୦ ରନ ସଂଗ୍ରହ କରିଥିଲେ। କିନ୍ତୁ ଭାରତୀୟ ଟି-ଟ୍ୱେଣ୍ଟି ଦଳରେ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ବେଶ୍ ସଫଳ ହୋଇଛନ୍ତି। ତେଣୁ ଗିଲ୍ ୩ନଂ ସ୍ଥାନରେ ଖେଳିବା ଆଶା କରାଯାଉଛି। ଟି-ଟ୍ୱେଣ୍ଟିରେ ତିଳକ ବର୍ମା ଏହି ସ୍ଥାନରେ ଖେଳି ୨ଟି ଶତକ ଅର୍ଜନ କରିସାରିଛନ୍ତି। ତଥାପି ଗିଲଙ୍କୁ ଅଗ୍ରାଧିକାର ଦିଆଯିବ।

## ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍

# ୪ ପଏଣ୍ଟ ସହ ଶୀର୍ଷରେ କିମର, ଅର୍ଜୁନ ଦ୍ୱିତୀୟ



**ଚେନ୍ନାଇ,୧୨।୮:** ଚଳିତ ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟରେ ପଞ୍ଚମ ରାଉଣ୍ଡ ଖେଳ ଶେଷ ହୋଇଛି। ଜର୍ମାନୀର ଭିନସେଣ୍ଟ କିମର ସର୍ବାଧିକ ୪ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ଟପ୍ ସିଡ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ୩ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପଞ୍ଚମ ରାଉଣ୍ଡରେ ନେଦରଲାଣ୍ଡ୍‌ସର ଜୋର୍ଡାନ ଭାନ୍ ଫରେଷ୍ଟ ବିଜୟ ହାସଲ କରିଥିବାବେଳେ ଅନ୍ୟ ସବୁ ମ୍ୟାଚ୍ ଡ୍ର’ ହୋଇଥିଲା। ସେ ଆମେରିକାରରେ ରବସନ୍‌ଙ୍କୁ ହରାଇଥିଲେ। ଅନ୍ୟପଟରେ ଏରିଗାଇସି ଓ ଭି. ପ୍ରଣବ, କିମର ଓ ଭାରତର ବିଦିତ ଗୁଜରାଠୀ, ଭାରତର ନିହାଲ ସାରିନ ଓ ଆମେରିକାର ଆୱାଣ୍ଡର ଲିୟାଙ୍ଗ ଏବଂ ଭାରତର କାର୍ତ୍ତିକେୟନ ମୁରଲୀ ଓ ନେଦରଲାଣ୍ଡ୍‌ସର ଅନିଶ ଗିରି ପଏଣ୍ଟ ଭାଗ କରିଥିଲେ। ଗିରି, ଗୁଜରାଠୀ, ମୁରଲୀ ଓ ଲିୟାଙ୍ଗ୍ ପ୍ରତ୍ୟେକ ୨.୫ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଚ୍ୟାଲେଞ୍ଜର୍ସରେ ଭାରତର ଅଭିମନ୍ୟୁ ପୌରାଣିକ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏମ୍. ପ୍ରଣେଶ, ଦୀପ୍ତାୟନ ଘୋଷ,ଲିୟୋନ ମେଡୋଙ୍କା ୩.୫ପଏଣ୍ଟ ସହ ମିଳିତ ଦ୍ୱିତୀୟରେ ରହିଛନ୍ତି।



## ଏସୀୟ ମୁଷ୍ଟିଯୁଦ୍ଧ

# ଭାରତକୁ ୨୭ ପଦକ

**ନୂଆଦିଲ୍ଲୀ, ୧୨।୮:** ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା (୧୯ ଓ ୨୨ ବର୍ଷରୁ କମ୍)ରେ ଭାରତୀୟ ଖେଳାଳି ମୋଟ ୨୭ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ବର୍ଗରେ ୧୪ ପଦକ ଜିତିଥିବା ବେଳେ ୨୨ ବର୍ଷରୁ କମ୍ ବର୍ଗରେ ୧୩ ପଦକ ମିଳିଛି। ୧୦ ଦିନ ଧରି ଚାଲିଥିବା ଏହି ଯୁଗଳ ବୟସ ବର୍ଗର ପ୍ରତିଯୋଗିତାର ଶେଷ ଦିନରେ ରିତିକା ୮୦ କିଲୋଗ୍ରାମ ମହିଳା ବର୍ଗରେ ସ୍ୱର୍ଣ୍ଣ ଜିତିଥିଲେ। ପୂର୍ବରୁ ନିଶା ୫୪ କିଲୋଗ୍ରାମ ବର୍ଗରେ ଚୀନର ସିରୁଇ ୟାଙ୍ଗ୍‌କୁ ୪-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୫୭ କିଲୋଗ୍ରାମ ଫାଇନାଲ୍‌ରେ ମୁସ୍‌କାନ୍ କାଜାଖସ୍ତାନର ଆୟୋଝାନ ଏର୍ମେକ୍‌ଙ୍କୁ ୩-୨ରେ ପରାସ୍ତ କରିଥିଲେ। ରାହୁଲ କୁଣ୍ଡୁ ୭୫ କିଲୋଗ୍ରାମ ବର୍ଗ ପୁରୁଷ ବର୍ଗ ଫାଇନାଲ୍‌ରେ ଉଜ୍‌ବେକିସ୍ତାନର ମହମ୍ମଦଜୋନ ୟାକୁପବୋଏବେକ୍‌ଙ୍କୁ ବିଭାଜିତ ନିଷ୍ପତ୍ତିରେ ପରାସ୍ତ କରିଥିଲେ। ଭାରତୀୟ ଦଳ ମଧ ୧୯ ବର୍ଷରୁ କମ୍ ବର୍ଗରେ ଦ୍ୱିତୀୟ ଏବଂ ୨୨ ବର୍ଷରୁ କମ୍ ବର୍ଗରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରି ଏସିଆରେ ଭାରତର କ୍ରମବର୍ଦ୍ଧିଷ୍ଣୁ ବକ୍ସିଂ ସଫଳତାର ଛାପ ଛାଡ଼ିଛି। ପୂର୍ବରୁ ଚଳିତ ବର୍ଷ ଅନୁଷ୍ଠିତ ୧୫ ଓ ୧୭ ବର୍ଷରୁ କମ୍ ବର୍ଗ ଏସୀୟ ପ୍ରତିଯୋଗିତାରେ ମଧ ଭାରତୀୟ ଦଳ ମିଳିତ ଭାବେ ୪୩ ପଦକ ଜିତିଥିଲେ।

# ଏସୀୟ ରଗ୍‌ବି: ଭାରତକୁ କାଂସ୍ୟ

**ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ):** ବିହାରର ରାଜଗିରଠାରେ ଆୟୋଜିତ ଏସିଆନ୍ ୨୦ବର୍ଷରୁ କମ୍ ମହିଳା ରଗ୍‌ବି ପ୍ରତିଯୋଗିତାରେ ଭାରତକୁ କାଂସ୍ୟ ପଦକ ମିଳିଛି। ଆୟୋଜକ ଭାରତ ଗ୍ରୁପ୍ ପର୍ଯ୍ୟାୟରେ କାଜାଖସ୍ତାନକୁ ୧୭-୧୦ ଏବଂ ୟୁଏଇକୁ ୩୧-୭ରେ ପରାସ୍ତ କରିଥିଲା। ହେଲେ ହଂକଂଠାରୁ ୭-୩୧ରେ ହାରି ଯାଇଥିଲା। ତଥାପି ଏହି ପ୍ରଦର୍ଶନ ଆଧାରରେ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିଫାଇନାଲ୍‌ରେ କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ଚୀନଠାରୁ ୭-୨୮ରେ ହାରି ଯାଇଥିଲା। ତେବେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୨-୫ରେ ହରାଇ କାଂସ୍ୟ ପଦକ କରାୟତ୍ତ କରିଥିଲା। ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ରିତୁ ମାଝି, ମାମାଲି ସିଂହ ସାମିଲ କରିବା ରାଜ୍ୟ ରଗ୍‌ବି ପାଇଁ ଗୌରବମୟ ଖବର ହୋଇଛି।

# ରାଜ୍ୟ ଯୁବ ଚେସ୍: ଅମୃତା, ଆର୍ଯ୍ୟନ ବିଜେତା



ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ରାଜ୍ୟ ଯୁବ (୧୩ ବର୍ଷରୁ କମ୍) ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓପନ୍‌ରେ ଯାଜପୁରର ଆର୍ଯ୍ୟନ୍ ବେହେରା (୭.୫), କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ (୭) ଏବଂ ବାଳିକାରେ ଖୋର୍ଦ୍ଧାର ଅମୃତା ପ୍ରିୟାଲକ୍ଷ୍ମୀ ଓ ଅର୍ଣ୍ଣିକା ଦାଶ (ଉଭୟ ୬.୫) ଯଥାକ୍ରମେ ବିଜେତା ଓ ଉପବିଜେତା ହୋଇଛନ୍ତି। ସେହିଭଳି ବାଳିକାରେ ନର୍ଭିତା ପଟ୍ଟନାୟକ (୬), ଶୁଭସ୍ମିତା ପ୍ରିୟଦର୍ଶିନୀ, ଅନୁଶ୍ରୀ ପାଢ଼ୀ, ଅନୀଶା ଆଚାର୍ଯ୍ୟ, ଈଶାନୀ ଦାସ, ଆୟେଶା ମହାନ୍ତି (ପ୍ରତ୍ୟେକ ୫.୫), ନୈନିକା ସାହୁ, ସାନଭୀ ମିଶ୍ର (ଉଭୟ ୫) ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ଓପନ୍‌ରେ ଶିୟମ୍ ସତ୍ୟାଂଶ (୬.୫), ଆଦର୍ଶ କୁମାର ବେରିହା, ସାର୍ଥକ ମହାନ୍ତି, ଦିବ୍ୟାଂଶୁ ଦାସ (ପ୍ରତ୍ୟେକ ୬ ପଏଣ୍ଟ), ବିନୀତ୍ ନାୟକ, ଆଦିତ୍ୟ ଜେନା, ଆଦ୍ୟା ଅଦ୍ୱିତ ଦାସ, ସୂର୍ଯ୍ୟାଂଶୁ ମହାକୁଡ଼ (ପ୍ରତ୍ୟେକ ୫.୫ ପଏଣ୍ଟ) ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ଜିଲ୍ଲା ଚେସ୍ ସଂଘ ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟୁର୍ଣ୍ଣାମେଣ୍ଟ୍ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଜଗନ୍ନାଥ ସିଂଘାରୀ, ଆଇଏ ସନ୍ତୋଷ ମହାପାତ୍ର, ଏସ୍‌ଏନ୍‌ଏ ସୂରଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ୬୦ ବର୍ଷୀୟ ଗ୍ରାଣ୍ଡମାଷ୍ଟର୍‌ଙ୍କୁ ହରାଇଲେ ୧୦ ବର୍ଷୀୟା ବୋଧନା

ଲଣ୍ଡନ, ୧୨।୮: ଇଂଲଣ୍ଡରେ ରହୁଥିବା ଭାରତୀୟ ବଂଶୋଦ୍ଭବ ତଥା କୁନି ଚେସ୍ ତାରକା ବୋଧନା ଶିବନନ୍ଦନ ଇତିହାସ ରଚିଛନ୍ତି। କୌଣସି ଗ୍ରାଣ୍ଡମାଷ୍ଟର୍‌ଙ୍କୁ ହରାଇବାରେ ସେ ହୋଇଛନ୍ତି ସର୍ବକନିଷ୍ଠ ମହିଳା ଖେଳାଳି। ବୋଧନ ଏହି ବିରଳ ସଫଳତା ଲିଭରପୁଲଠାରେ ଆୟୋଜିତ ବ୍ରିଟିସ୍ ଚେସ୍ ଚାମ୍ପିଅନସିପ୍ ଅବସରରେ ହାସଲ କରିଥିଲେ। ଏହି ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡ୍‌ରେ ୧୦ବର୍ଷୀୟା ବୋଧନା ୬୦ବର୍ଷୀୟ ଗ୍ରାଣ୍ଡମାଷ୍ଟର୍ ପିଟର ୱେଲ୍‌ସଙ୍କୁ ପରାସ୍ତ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏହା କରି ସେ ଆମେରିକାର କ୍ୟାରିସା ୟିପ୍‌ଙ୍କ ରେକର୍ଡ ଭାଙ୍ଗିଥିଲେ। କ୍ୟାରିସା ୧୧ବର୍ଷ ବୟସରେ ନିଜର ପ୍ରଥମ ଜିଏମ୍ ଶିକାର କରିଥିଲେ। ବୋଧନାଙ୍କ ପିତା ହେଉଛନ୍ତି ତାମିଲନାଡୁର ମୂଳ ବାସିନ୍ଦା। ବୋଧନା ମାତ୍ର ୫ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ।



# ୨୦୩୬ ଅଲିମ୍ପିକ୍ସ ଆୟୋଜନ ଆଶାକୁ ବଳ

ନୂଆଦିଲ୍ଲୀ, ୧୨।୮: ‘‘୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)କୁ ଆଗ୍ରହ ପତ୍ର ପଠାଯାଇସାରିଛି। ଏହି ବିଷୟରେ ଆଇଓସି ସହ ଆମର ନିରନ୍ତର ବାର୍ତ୍ତା ବି ଚାଲିଛି। ଆମ ସହ ଅନ୍ୟ ଦେଶଗୁଡ଼ିକ ଦେଉଥିବା ପ୍ରସ୍ତାବର ଉପଯୋଗିତା ମୂଲ୍ୟାଙ୍କନ ପରେ ଯାଇ ଆଇଓସି ଏହି ଦିଗରେ ଯାହା କିଛି ନିଷ୍ପତ୍ତି ନେଇପାରିବ। ହେଲେ ଆୟୋଜକ ଚୟନ ପ୍ରକ୍ରିୟାକୁ ଆଇଓସିର ନୂଆ ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଅଚାନକ ସ୍ଥଗିତ କରି ଦେଇଛନ୍ତି। ସେଥିପାଇଁ ଆମ ବିଡ୍ ଦାଖଲ ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ଓ ଭଲଭାବରେ ସମୀକ୍ଷା କରାଯାଉଛି। ଏହି ପ୍ରକ୍ରିୟାର ସଂପୂର୍ଣ୍ଣ ପରିଚାଳନା ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ) କରୁଛି’’। ଲୋକସଭାରେ ଆମ୍ ଆଦମି ପାର୍ଟି ସାଂସଦ ଗୁରମିତ ସିଂହ, ଭାରତର ଅଲିମ୍ପିକ୍ସ ଆୟୋଜନ ସମ୍ଭାବନା ଓ ଏହାର ସ୍ଥିତିକୁ ନେଇ ପଚାରିଥିବା ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏହା କହିଛନ୍ତି। ତେବେ ଗୋଟିଏ ସହର ପରିବର୍ତ୍ତେ ଭୁବନେଶ୍ୱରରେ ହକି, ଭୋପାଳରେ ନୌଚାଳନା, ପୁଣେରେ କାୟାକିଂ ଓ କାନୋଇଂ ଏବଂ ମୁମ୍ବାଇରେ କ୍ରିକେଟ୍ ଆୟୋଜନ ଭଳି ଏକାଧିକ ଭେନ୍ୟୁରେ ଅଲିମ୍ପିକ୍ସ କରିବାକୁ ଯୋଜନା କରାଯାଉଛି କି ? ବୋଲି ଶ୍ରୀ ସିଂହ ପଚାରିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର କୌଣସି ସିଧାସଳଖ ଉତ୍ତର ଶ୍ରୀ ମାଣ୍ଡବ୍ୟ ଦେଇନାହାନ୍ତି। ବରଂ କହିଛନ୍ତି ଯେ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ବିଡ୍ ଦାଖଲ କରିବାର ସଂପୂର୍ଣ୍ଣ ଦାୟିତ୍ୱ ହେଉଛି ଭାରତୀୟ ଅଲିମ୍ପିକ୍ସ ସଂଘର। ନିର୍ଦ୍ଧାରିତ ପ୍ରକ୍ରିୟାର ଅନୁସରଣ କରି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଆୟୋଜନ ଅଧିକାର ପ୍ରଦାନ କରିଥାଏ। ଭାରତୀୟ ଅଲିମ୍ପିକ୍ସ ସଂଘ ଏହି ଦିଗରେ କାର୍ଯ୍ୟକରୁଛି।

୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଆନୁଷ୍ଠାନିକ ଭାବେ ଭାରତ କୌଣସି ସହରର ନାଁ ଘୋଷଣା କରି ନଥିଲେ ମଧ ଗୁଜରାଟର ଅହମଦାବାଦ ଏହି କ୍ଷେତ୍ରରେ ସର୍ବାଗ୍ରେ ରହିଛି। ଗୁଜରାଟ ସରକାର ମଧ ଏଥିଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ସେଥିଲାଗି ଗତମାସରେ ବିଡ୍ ଦାଖଲ କରିବା ଲାଗି ସ୍ୱିଜରଲାଣ୍ଡର ଲୁସାନେଠାରେ ଥିବା ଆଇଓସିର ମୁଖ୍ୟାଳୟକୁ ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳରେ ଗୁଜରାଟର କ୍ରୀଡ଼ାମନ୍ତ୍ରୀ ହର୍ଷ ସାଂଘଭୀ ସାମିଲ ଥିଲେ। ସୂଚନା ଅନୁସାରେ ଭାରତ ୨୦୩୬ ଅଲିମ୍ପିକ୍ସ ଲାଗି ବିଡ୍ ଦାଖଲ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତାବର୍ଷ ନିଆଯିବ ବୋଲି ଜଣାପଡ଼ିଛି। କାତାର ଓ ତୁର୍କି ଭଳି ଦେଶ ମଧ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଇଚ୍ଛୁକ ଥିବାରୁ ଭାରତ ସେମାନଙ୍କଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରେ। ସେହିଭଳି ଡୋପିଂ ନିୟନ୍ତ୍ରଣରେ ଭାରତର ଦୁର୍ବଳ ରେକର୍ଡ ଏହି କ୍ଷେତ୍ରରେ ଆଉ ଏକ ସମସ୍ୟା ଭାବେ ଉଭା ହୋଇପାରେ। ଅବଶ୍ୟ ଆଇଓସିର ଭର୍ତ୍ସନା ପରେ ଡୋପିଂ ନିୟନ୍ତ୍ରଣ ଲାଗି ଆଇଓଏ ଏକ କମିଟି ଗଠନ କରିସାରିଛି। କ୍ରୀଡ଼ାମନ୍ତ୍ରୀଙ୍କ ଉତ୍ତର ପରେ ବିଡ୍ ଦାଖଲ ପ୍ରକ୍ରିୟାକୁ ମଧ ବଳ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାରୀ ସୁରକ୍ଷାରେ...

କରିବା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆହୁରି ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗର ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ଓ କଡ଼ାକଡ଼ି ପଦକ୍ଷେପ ନେବା ସକାଶେ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ, ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଗତ ବର୍ଷେ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ପୁଲିସ୍ ବିଭାଗରେ ଖାଲି ଥିବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୁଲିସ ନିଯୁକ୍ତି ବୋର୍ଡ ଗଠନ ପାଇଁ ମଧ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି।

ବୈଠକରୁ ଜଣାପଡ଼ିଛି ଯେ ରାଜ୍ୟରେ ପୁଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଗତ ବର୍ଷେ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଓ ଜାମିନ୍‌ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୁଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି।

ଡ୍ରଗ୍ସ ଓ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗଦେଇଥିଲେ।

### ସବୁ ଅଫିସ୍‌ରେ...

ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଥିଲେ। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ଏହାପରେ ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନିଆଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ପ୍ରଭାବୀ ପ୍ରଦର୍ଶନ ନ ରହିବା, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏ ସମ୍ପର୍କରେ ସର୍ବଦା ସତର୍କତା ଓ ସଚେତନ ରହି କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସରକାରୀ କ୍ରୟ ପ୍ରକ୍ରିୟା, ସେବା ଓ ଦ୍ରବ୍ୟ ବିକ୍ରୟ, ମାନବ ସମ୍ବଳ ପରିଚାଳନା, ଲୋକମାନଙ୍କୁ ସେବା ପ୍ରଦାନ ଓ ପ୍ରବର୍ତ୍ତନରେ ଅନିୟମିତତା ଆଦି ଦୁର୍ନୀତିର ସମ୍ଭାବ୍ୟ କ୍ଷେତ୍ର ବୋଲି ବିବେଚନା କରାଯିବା ସହ ଭିଜିଲାନ୍ସ ପ୍ରଶାସନକୁ ସୁଦୃଢ଼ୀକରଣ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗୀୟ କାର୍ଯ୍ୟ ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ (ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂ-ଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲ୍ଲାପାଳମାନେ ପ୍ରତି ମାସ ୭ ତାରିଖ ସୁଦ୍ଧା ଜିଲ୍ଲା ସ୍ତରରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷକରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହେବ।

ଆଗାମୀ ଅଗଷ୍ଟ ୨୧ ତାରିଖରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ‘ବିକଶିତ ଓଡ଼ିଶା- ଭିଜନ-୨୦୩୬ ଓ ୨୦୪୭’ ପ୍ରମୁଖ ପ୍ରଦର୍ଶନ ସୂଚକ (କେପିଆଇ) ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହେବା ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ ଆସନ୍ତା ଅକ୍ଟୋବର ୧ରେ ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ଅଧିକାରୀମାନଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗସ୍ତ କରି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବ୍ୟବହାର...

ପାଳନ କରାଯିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସରକାରୀ ସ୍ତରରେ କୌଣସି କାଗଜପତ୍ରରେ ‘ହରିଜନ’ ଶବ୍ଦ ଥିଲେ ସେସବୁକୁ ତୁରନ୍ତ ସଂଶୋଧନ କରାଯାଇ ‘ଅନୁସୂଚିତ ଜାତି’ ଉଲ୍ଲେଖ କରିବା ଦିଗରେ ପଦକ୍ଷେପ ନେବାକୁ ମଧ କୁହାଯାଇଛି। ଏ କ୍ଷେତ୍ରରେ ଅଧିକାରୀମାନେ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅନୁମୋଦନ କ୍ରମେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ସମସ୍ତ ବିଭାଗ କାର୍ଯ୍ୟାନ୍ୱୟନ ରିପୋର୍ଟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଓଡ଼ିଶା ପାଇଁ...

ପ୍ୟାକେଜ ଟେକ୍ନୋଲୋଜିକ୍ ସହ ଜଡ଼ିତ। ଓଡ଼ିଶା, ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶରେ ପ୍ଲାଣ୍ଟ ସ୍ଥାପନ କରାଯିବ। ସିକସେମ ଓ ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ୍ ଇଙ୍କ୍ ଓଡ଼ିଶାରେ ସ୍ଥାପନ କରାଯିବ। ସେହିପରି ସିଡିଆଇଏଲ ପଞ୍ଜାବ ଓ ଏଏସ୍‌ଆଇପି ଆନ୍ଧ୍ର ପ୍ରଦେଶରେ ସ୍ଥାପିତ ହେବ। ଏହି ଯୋଜନାରେ ୨୦୩୪ ଜଣ କୁଶଳୀଙ୍କୁ ନିଯୁକ୍ତି ମିଳିବ। ଏହା ବ୍ୟତୀତ ପରୋକ୍ଷ ଭାବେ ମଧ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଶରେ ଆଇଏସଏମ୍ ଅଧୀନରେ ଅଦ୍ୟାବଧି ମୋଟ ୧୦ଟି ପରିଯୋଜନା ରହିଛି। ପୂର୍ବାଞ୍ଚଳ ପ୍ରକଳ୍ପ ଅଧୀନରେ ୬ ରାଜ୍ୟରେ ପ୍ରାୟ ୧.୬୦ ଲକ୍ଷ କୋଟି ଟଙ୍କାର ନିବେଶ କରାଯାଇଛି। ସିକସେମ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରର ଇନଫୋ ଭ୍ୟାଲିରେ ବ୍ରିଟେନସ୍ଥିତ କ୍ଲାସ- ସିକ ୱାଫର ଫାବ ଲିମିଟେଡ ସହ ମିଳିତ ଭାବେ ଏକ ସମନ୍ୱିତ ସିଲିକନ୍ କାର୍ବାଇଡ୍ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ପ୍ଲାଣ୍ଟ ସ୍ଥାପନ କରିବ। ଏହା ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ଫେବ୍ରିକେସନ୍ ୟୁନିଟ୍ ହେବ। ଏହି ପ୍ରକଳ୍ପରେ ସିଲିକନ୍ କାର୍ବାଇଡ୍ ଉପକରଣ ନିର୍ମାଣ କରିବାର ପ୍ରସ୍ତାବ ରହିଛି। ଏହି କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫାବ୍ ୟୁନିଟ୍‌ର ବାର୍ଷିକ କ୍ଷମତା ୬୦ ହଜାର ୱାଫେର୍ ଓ ପ୍ୟାକେଜିଂ କ୍ଷମତା ୯୬ ନିୟୁତ ୟୁନିଟ୍ ରହିବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକ କ୍ଷେପଣାସ୍ତ୍ର, ପ୍ରତିରକ୍ଷା ଉପକରଣ, ବୈଦ୍ୟୁତିକ ଯାନ, ରେଳବାଇ, ଫାଷ୍ଟ ଚାର୍ଜର, ଡାଟା ସେଣ୍ଟର ରାକ୍ସ, ଖାଉଟି ଉପକରଣ ଓ ସୌରଶକ୍ତି ଇନଭର୍ଟରରେ ବ୍ୟବହୃତ ହେବ। ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ମଧ ଭୁବନେଶ୍ୱରର ଇନଫୋ ଭ୍ୟାଲିରେ ଏକ ଭର୍ଟିକାଲ୍ ଇଣ୍ଟିଗ୍ରେଟେଡ୍ ଉନ୍ନତ ପ୍ୟାକେଜିଂ ଓ ଏମ୍ବେଡେଡ୍ ଗ୍ଲାସ୍ ସବଷ୍ଟ୍ରେଟ୍ ୟୁନିଟ୍ ସ୍ଥାପନ କରିବ। ଏହା ବିଶ୍ୱର ସବୁଠାରୁ ଉନ୍ନତ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟାକୁ ଭାରତକୁ ଆଣିବ, ଯାହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର କ୍ଷମତାକୁ ସକ୍ଷମ କରିବ।

### ମୋଦିଜୀଙ୍କ...

ଅଧୀନରେ ଭୁବନେଶ୍ୱରରେ ଏକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାବ୍ ଏବଂ ଏଟିଏମପି ୟୁନିଟ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱରରେ ସେମିକଣ୍ଡକର ୟୁନିଟରେ ସିଲିକନ କାର୍ବାଇଟ୍ ସେମିକଣ୍ଡକ୍ଟର ଉତ୍ପାଦନ ହେବ। ଏଠାରେ ଉତ୍ପାଦନ ହେବାକୁ ଥିବା ସେମିକଣ୍ଡକ୍ଟରର ଉପାଦେୟ ବିଷୟଗୁଡ଼ିକ ମିଶାଇଲ, ସ୍ପେଶ, ସାଟେଲାଇଟ୍, ଟେଲିକମ ଟାୱାର ଏବଂ ରେଳ ଇଞ୍ଜିନ କାମରେ ଲାଗିବ। ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ବିକାଶ ପରିସରରେ ଏହାର ଲ୍ୟାବ୍ ପ୍ରତିଷ୍ଠା ହେବ। ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠିତ ରିସର୍ଚ୍ଚ ପାର୍କ ଏହି ସେମିକଣ୍ଡକ୍ଟର ୟୁନିଟକୁ ଶିକ୍ଷା ଓ ଗବେଷଣାରେ ସହଯୋଗ ପ୍ରଦାନ କରିବ। ଦ୍ୱିତୀୟତଃ ଖୋର୍ଦ୍ଧାର ଇନଫୋ ଭ୍ୟାଲିରେ ଥ୍ରୀଡି ଗ୍ଲାସ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟରେ ବିଭିନ୍ନ ପ୍ରକାରର ଗ୍ଲାସ୍ ପ୍ୟାନେଲ୍ ନିର୍ମାଣ ହେବ। ଏଠାରେ ଉତ୍ପାଦନ ହେବାକୁ ଥିବା ଚିପ୍ ପ୍ରତିରକ୍ଷା, ରାଡାର, ଏରୋସ୍ପେଶ ଏବଂ ୱାୟାରଲେସ୍ ଟେକ୍ନୋଲୋଜି କାମରେ ଲାଗିବ। ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୫୦ ଭାଗ, ଓଡ଼ିଶା ସରକାର ୨୫ ଭାଗ ଏବଂ ନିବେଶକ ୨୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ। ଭୁବନେଶ୍ୱରରେ ସେମିକଣ୍ଡକର ଉତ୍ପାଦନ ୟୁନିଟ ପାଇଁ କେନ୍ଦ୍ର ସରକାର ପ୍ରାୟ ୭୦୦ କୋଟି ଏବଂ ଓଡ଼ିଶା ସରକାର ପ୍ରାୟ ୩୫୦ ଟଙ୍କା ଖର୍ଚ୍ଚ କରିବେ। ଖୋର୍ଦ୍ଧାରେ ହେବାକୁ ଥିବା ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପାଇଁ କେନ୍ଦ୍ର ସରକାର ପ୍ରାୟ ୮୦୦ କୋଟି ଓ ରାଜ୍ୟ ସରକାର ପ୍ରାୟ ୪୦୦ କୋଟି ଦେବେ। ଅର୍ଥାତ୍ ଡବଲ ଇଞ୍ଜନ ସରକାର ଏଥିପାଇଁ ସର୍ବମୋଟ ୨୨୫୦ କୋଟି ଟଙ୍କା ଦେବେ। ଓଡ଼ିଶା ସରକାର ମଧ ଏଥିପାଇଁ ଜମି, ଜଳ, ବିଜୁଳି ସମେତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଦଶମ...

ମଶାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ ସ୍ଥାନକୁ ନେଇ ଯାଇଥିଲେ। ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ପିଇସା ନିଜ ଝିଆରୀକୁ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ବିରୋଧ କଲେ ମଧ ପିଇସା ଶୁଣିନଥିଲେ। ପୀଡ଼ିତାର ଚିତ୍କାର ଶୁଣି ଅନ୍ୟ ୪ ଜଣ ଅଜଣା ଲୋକ ଆସି ପୀଡିତାଙ୍କୁ ଟଣାଓଟରା କରି, ମାଡ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏତଲାରେ ଦର୍ଶାଇଛନ୍ତି। ଗଣଦୁଷ୍କର୍ମ ପରେ ପିଇସା ପୀଡ଼ିତା ଝିଆରୀକୁ ଗାଁ ମୁଣ୍ଡରେ ଏକା ଛାଡିଥିଲା। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ପରେ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଇଁ ତାଙ୍କୁ ସାହସ ଦେବା ସହିତ ତାଙ୍କୁ ଆଣି ଥାନାରେ ପହଞ୍ଚାଇଥିବା ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ଶନିବାର ୯ ତାରିଖରୁ ଘଟଣା ଘଟିଥିଲେ ମଧ ୧୧ ତାରିଖ ବିଳମ୍ବିତ ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ରାତାରାତି ପିଇସା ହାପି ମଲିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା କୁନ୍ଦୁପୁର ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ୪ ଯୁବକଙ୍କ ମୋବାଇଲ ଜବତ କରି ଯାଞ୍ଚ କରୁଛି। ଘଟଣା ସମୟରେ ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡିତଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମକାରୀମାନେ ଦୁଷ୍କର୍ମ ଓ ଅସଦାଚରଣ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସମଗ୍ର ରାଜନଗରରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

### ତିନିଜଣିଆ...

ବର୍ମାଙ୍କ ନାଁରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ। ନିୟମାନୁସାରେ ଅତିକମରେ ଦୁଇ-ତୃତୀୟାଂଶ ଭୋଟ ଆସିଲେ ପ୍ରସ୍ତାବ ଗୃହୀତ ହେବ। ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ବିଚାରପତିଙ୍କୁ ବହିଷ୍କାର କରିବା ପାଇଁ ସଂସଦର ଦୁଇଟି ଗୃହରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯାଇଥାଏ। ମହାଭିଯୋଗ ପ୍ରସ୍ତାବ ପ୍ରଥମେ ରାଜ୍ୟସଭାର ଅଧ୍ୟକ୍ଷ କିମ୍ବା ଲୋକସଭାର ବାଚସ୍ପତିଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥାଏ। ତା’ପରେ ପ୍ରସ୍ତାବର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥାଏ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ବାସଭବନ ଆଉଟ ହାଉସରେ ଅଗ୍ନିକାଣ୍ଡ ହୋଇଥିଲା । ନିଆଁ ଲିଭାଇବାକୁ ପହଞ୍ଚିଥିବା ଅଗ୍ନିଶମ କର୍ମଚାରୀ ବିପୁଳ ପରିମାଣର ନଗଦ ଟଙ୍କା ପୋଡି ଯାଇଥିବା ଦେଖିଥିଲେ । ବିଚାରପତିଙ୍କ ବାସଭବନରେ ଏତେ ଟଙ୍କା କୁଆଡୁ ଆସିଲା, ତାକୁ ନେଇ ସାରା ଦେଶରେ ତୁମ୍ବିତୋଫାନ ହୋଇଥିଲା ।

### ପୁଲିସର...

ଗିରଫ ପାଇଁ ଖୋଜିଥିଲା। ଇତିମଧ୍ୟରେ ଜାମିନରେ ଆସିଥିବା ଜଣେ ଯୁବକ ଆତ୍ମହତ୍ୟା କରିଥିବା ବେଳେ ଆଉ ୬ ଜଣଙ୍କୁ ତୁରନ୍ତ ଆତ୍ମସମର୍ପଣ ପାଇଁ ପୁଲିସ୍ କହିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ଆତ୍ମସମର୍ପଣ କରିଥିଲେ। ଅବଶିଷ୍ଟ ୩ ଜଣ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସମୟ ଗଡାଇ ଚାଲିଛନ୍ତି। ଇତିମଧ୍ୟରେ ସେହି ୩ଜଣଙ୍କୁ ଗିରଫ ପାଇଁ ପୁଲିସ୍ ଖୋଜିବାରେ ଲାଗିଛି ।

ତେବେ ବଡ଼ କଥା ହେଉଛି ଘଟଣାକୁ ବର୍ଷଟିଏ ପୁରିଥିବା ଓ ମାମଲା ଗଣ୍ଡଗୋଳରୁ ହତ୍ୟାକାଣ୍ଡରେ ବଦଳିଥିବା ବେଳେ ଖଣ୍ଡଗିରି ପୁଲିସ୍ ଏପର୍ଯ୍ୟନ୍ତ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିନାହିଁ। ଏହା ଫଳରେ ଯେଉଁମାନେ ଜେଲ୍‌ରେ ଅଛନ୍ତି, ସେମାନଙ୍କୁ ଜାମିନ ମିଳୁନାହିଁ। ଅନ୍ୟ ୩ ଜଣ ବି ଏହି ମଉକାର ଫାଇଦା ଉଠାଇ ଧରାଛୁଆଁ ଦେଉନାହାନ୍ତି। ପୁଲିସ୍ ମଧ ସେମାନଙ୍କ ବିରୁଦ୍ଧରେ ଅଦାଲତକୁ ଯିବାକୁ ସାହସ କୁଳାଇପାରୁନାହିଁ। କାରଣ ଅଦାଲତକୁ ଗଲେ ଚାର୍ଜସିଟ୍ କାହିଁକି ଦାଖଲ କରିନାହଁ ବୋଲି ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡ଼ିବ। ଉଲ୍ଲେଖନୀୟ ଯେ ଏହା ପୂର୍ବରୁ ଗୋଟିଏ ଏନକାଉଣ୍ଟର ମାମଲାରେ ଖଣ୍ଡଗିରି ଥାନା ପୁଲିସ୍ ଠିକଣା ସମୟରେ ଚାର୍ଜସିଟ୍ ଦାଖଲ କରି ନପାରିବାରୁ ଅଭିଯୁକ୍ତମାନେ ଜାମିନ ପାଇଥିଲେ। ଏହି ଘଟଣାରେ କମିଶନରେଟ ପୁଲିସ୍ ସମାଲୋଚନାର ଶିକାର ହେବା ପରେ ଖଣ୍ଡଗିରି ଥାନାର ଜଣେ ଏଏସ୍‌ଆଇଙ୍କୁ ପୁଲିସ୍ କମିଶନର ନିଲମ୍ବିତ କରିଥିଲେ। ଏହି ଘଟଣା ପରେ ଚାର୍ଜସିଟ୍ ପ୍ରଦାନରେ କମିଶନରେଟ୍ ପୁଲିସ୍ ଆଉ ବିଳମ୍ବ କରିବନାହିଁ ବୋଲି ସମସ୍ତେ ଆଶା କରୁଥିଲେ ହେଁ ସେହି ଖଣ୍ଡଗିରି ଥାନାର ଏଭଳି ଖବର ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ଏମ୍‌କେସିଜିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା



**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ଦିନିକିଆ ଗଞ୍ଜାମ ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧକ୍ଷତାରେ ଏମକେସିଜିରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା। ହସ୍ପିଟାଲ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ବିଭିନ୍ନ ଯୋଜନାର ସଫଳ ରୂପାୟନ, ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଛନ୍ତି, ଲୋକଙ୍କ ପାଇଁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ଲୋକଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିରେ ଏମ୍.କେ.ସି.ଜି ହସ୍ପିଟାଲର ଭୂମିକା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏହାକୁ ପ୍ରାଧାନ୍ୟ ଦେଇ ଆବଶ୍ୟକୀୟ ଭିତ୍ତିଭୂମି, ମାନବ ସମ୍ବଳ, ଆଧୁନିକ ଉପକରଣ ଇତ୍ୟାଦି ଯୋଗାଣକୁ ମଧ ସୁନିଶ୍ଚିତ କରାଯାଉଛି। ଏହାକୁ ଆହୁରି ଉନ୍ନତ କରିବା ପାଇଁ ଆଗାମୀ ଦିନରେ ନିଶ୍ଚିତ ଭାବେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ। ଆୟୋଜିତ ବୈଠକରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାଏକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏବଂ ଜିଲ୍ଲାପାଳଙ୍କ ସମେତ ମେଡିକାଲର ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ଏଡ୍‌ସ ସଚେତନତାର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ




**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏଚଆଇଭି ରୋଗ ନିରାକରଣ ପାଇଁ ଦୁଇଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ବ୍ରହ୍ମପୁରରୁ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ। ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ ସମସ୍ତଙ୍କ ସହଯୋଗ ଆବଶ୍ୟକ ରହିଛି । ଆସନ୍ତା ୨୦୩୦ ସୁଦ୍ଧା ଏକ ଏଚଆଇଭି ପୋଜିଟିଭ ମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନକୁ ଆମେ ସାକାର କରିପାରିବା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ା. ମୁକେଶ ମହଲିଂଗ ନିଜ ବକ୍ତବ୍ୟରେ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଓସାକ୍ସର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ବିଡିଓଙ୍କୁ ଅଭିଯୋଗ



**ନାଉଗାଁ,୧୨।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରଛାତ୍ରୀମାନେ ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ଏକ ଲିଖିତ ଅଭିଯୋଗ ମଙ୍ଗଳବାର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ବିଦ୍ୟାଳୟରେ ନିର୍ମାଣ କରାଯାଉଥିବା ଶୌଚାଳୟଟି ଅଧାପନ୍ତରିଆ ହୋଇପଡ଼ି ରହିଛି। କାର୍ଯ୍ୟ ବାବଦରେ ପଚାରିବାରୁ ଅର୍ଥ ନଥିବାରୁ କାର୍ଯ୍ୟ ଅଧା ରହିଥିବା କହୁଛନ୍ତି। ସେହିପରି ସୌନ୍ଦର୍ଯ୍ୟକରଣ ପାଇଁ ମହାବିଦ୍ୟାଳୟକୁ ଆସିଥିବା ମୁଖ୍ୟ ଫାଟକ କାର୍ଯ୍ୟ କରାଯାଉନାହିଁ। ତୁରନ୍ତ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀ ଓମ୍ ପ୍ରକାଶ ବେହୁରା, ସୌଭାଗ୍ୟ ରଞ୍ଜନ ଜେନା, ରୁଦ୍ରମାଧବ ସ୍ୱାଇଁ, ସରୋଜ ସ୍ୱାଇଁ ଆଦିଙ୍କ ଶତାଧିକ ସ୍ୱାକ୍ଷରିତ ଏହି ଅଭିଯୋଗ ପତ୍ରକୁ ବିଡିଓଙ୍କୁ ପ୍ରଦାନ କରିଥିଲେ। ଯଥାଶୀଘ୍ର ମହାବିଦ୍ୟାଳୟରେ ଥିବା ସମସ୍ୟାକୁ ସମାଧାନ କରାଯିବ ବୋଲି ବିଡିଓ ପରିଡ଼ା ମତବ୍ୟକ୍ତ କରିଛନ୍ତି।

# ସମସ୍ୟା ଘେରରେ ଚଢ଼େଇମରା ଗାଁ

**ଲୋକଶୂନ୍ୟ ହେବ ଗାଁ!**

**ପକ୍କାରାସ୍ତା କି ଆଲୁଅ ନାହିଁ, ପାଣିର ଘୋର ଅଭାବ**

**ପିଲା ସଂଖ୍ୟା କମିବାରୁ ସ୍କୁଲ ବନ୍ଦ**

**ଗାଁ ଛାଡୁଛନ୍ତି ଲୋକେ**



**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ଗଦା ଗଦା ସମସ୍ୟା ଘେରରେ ରହିଛି ଚଢ଼େଇମରା ଗାଁ। ବିକାଶ ଏଠି ସାତ ସପନ। ବ୍ରହ୍ମପୁର ସହର ନିକଟବର୍ତ୍ତୀ ଅଂଚଳରେ ଏହି ଗାଁ ରହିଥିଲେ ମଧ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଲାଗି କାହାର ନଜର୍ ପଡୁନି। ସମ୍ପୂର୍ଣ୍ଣ ବିକାଶ ଆଢୁଆଳରେ ରହିଛି ଚଢ଼େଇମରା ଗ୍ରାମ। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ହେଲାଣି କିନ୍ତୁ ଗାଁରେ ଅଜି ପର୍ଯ୍ୟନ୍ତ ପକ୍କା ରାସ୍ତାଟିଏ ହୋଇପାରିଲା ନାହିଁ। ଏନେଇ ଖୋଦ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବ୍ରହ୍ମପୁର ମହାନଗର ନିଗମ ଠାରୁ ମାତ୍ର ୭ କିଲୋମିଟର ଦୂରତାରେ ଏହି ଗାଁ ରହିଛି। ଏଠାରେ ୮୦ଟି ଘର ରହିଥିବା ବେଳେ ଏପରି ଶୋଚନୀୟ ଅବସ୍ଥା ହେତୁ ଗ୍ରାମ ଛାଡ଼ି ବାହାରେ ବସବାସ କରୁଛନ୍ତି ଗ୍ରାମବାସୀ। ନାଁ ଅଛି ଗମନା ଗମନର ସୁବିଧା, ନାଁ ଅଛି ରାସ୍ତା ପାର୍ଶ୍ୱରେ ଆଲୋକିକରଣର ବ୍ୟବସ୍ଥା। ଯାହାକୁ ନେଇ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହା ସହ ପାନୀୟ ଜଳର ଘୋର ଅଭାବ ରହିଛି। ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର ଅଙ୍କୁଶପୁର ପଞ୍ଚାୟତ ଅନ୍ତର୍ଗତ ଚଢ଼େଇମରା ଗ୍ରାମରେ ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଛି।

ଦୀର୍ଘଦିନ ହେଲାଣି ଗ୍ରାମବାସୀ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ୍ ଅଧିକାରୀ, ବିଧାୟକ, ସାଂସଦଙ୍କ ସମେତ ଜିଲ୍ଲାପାଳଙ୍କୁ ଅନୁରୋଧ କରିବା ସହ ଦାବିପତ୍ର ପ୍ରଦାନ କରିଆସୁଛନ୍ତି। ହେଲେ କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ପଦକ୍ଷେପ ନେବାକୁ ସତେ ଯେପରି ସଭିଏଁ ଭୁଲି ଯାଇଛନ୍ତି। ବର୍ଷା ଦିନରେ ରାସ୍ତାର ଅବସ୍ଥା ଯାହା କହିଲେ ନସରେ। ଖାଲ-ଢିପ କାଦୁଆ ରାସ୍ତାକୁ ଅତିକ୍ରମ କରିବା ସ୍ଥାନୀୟ ଲୋକଙ୍କ ପାଇଁ ଯମ ଯନ୍ତ୍ରଣା ଠାରୁ କିଛି କମ୍ ନୁହେଁ। ବିଦ୍ୟାଳୟକୁ ପିଲା ଏହି ରାସ୍ତା ଦେଇ ଯାଉଥିବା ବେଳେ ଅନେକ ସମୟରେ ପଡି ଖଣ୍ଡିଆ ଖାବରା ହୁଅନ୍ତି। ଗ୍ରାମରେ ସ୍କୁଲ ଅଛି କିନ୍ତୁ ପିଲାଙ୍କ ସଂଖ୍ୟା କମିଯିବାରୁ, ସରକାର ସ୍କୁଲଟିକୁ ବନ୍ଦ କରିଦେଇଛନ୍ତି । କଲେଜ ପଢୁଆ ଛାତ୍ରୀମାନେ ଏହି ରାସ୍ତାଦେଇ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନିର୍ବାଚନ ବେଳେ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇ ନିର୍ବାଚନ ପରେ ନେତାଙ୍କ ପାଦ ଗାଁରେ ପଡୁନି । ଦାବି କରି କରି ଏବେ ଏହି ଗାଁ ଧୀରେ ଧୀରେ ଲୋକଶୂନ୍ୟ ହେବାକୁ ଯାଉଛି।

ତେବେ ଗ୍ରାମରେ ଲାଗି ରହିଥିବା ଦୀର୍ଘ ବର୍ଷର ସମସ୍ୟା ଉପରେ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ନଜର୍ କେବେ ପଡିବ ଏବଂ ଗ୍ରାମବାସୀ ସମସ୍ୟାରୁ କେବେ ମୁକୁଳିବେ ତାହା ଆଗାମୀ ଦିନରେ ହିଁ ଜଣାପଡିବ।

# କାମ କରାଇଦେଉନି ନୂଆ ସଫ୍ଟୱେର



**ବାରମ୍ବାର ଲିଙ୍କ ଫେଲ ଯୋଗୁଁ ଟ୍ରାଞ୍ଜାକ୍ସନରେ ଅସୁବିଧା**

**ଡାକ ଘରେ ଅନେକ ସମୟରେ ଲିଙ୍କ୍ ଫେଲ**

**କାକଟପୁର/ଅସ୍ତରଙ୍ଗ,୧୨।୮ (ସଂଚାର ବ୍ୟୁରୋ):** ନୂଆ ସଫ୍ଟୱେର ଅପଗ୍ରେଡ଼ସନ ପାଇଁ ସାରା ଦେଶରେ ଡାକସେବା ଧିମା ହୋଇଛି। ଏଥିପାଇଁ କିଛି ଦିନ ହେବ ଗ୍ରାହକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ନର୍ଦ୍ଦେଶରେ ସାରା ଦେଶରେ ଡାକ ଘରେ ନୂଆ ସଫ୍ଟୱେର ଅପଗ୍ରେଡ଼ସନ କରାଯାଉଛି। ଏଥିପାଇଁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଉପଡାକ ଘରେ କିଛି ଦିନ ଡାକ କାର୍ଯ୍ୟ ମନ୍ଥର ହୋଇଯାଇଛି। ଫଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପିଏମ କିସାନ, ସୁଭଦ୍ରା ଯୋଜନା, ସୁକନ୍ୟା, ସ୍ପିଡ଼ ପୋଷ୍ଟ, ପାର୍ସଲ ରେଜିଷ୍ଟ୍ରି ପୋଷ୍ଟ, ଏସବି, ଆରଡ଼ି, ସେଭିଂ ଆକାଉଣ୍ଟ୍ସ, ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ ହୋଇଯାଇଛି। ଫଳରେ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ସର୍ଭର କାମ କରୁନଥିବାରୁ ଅନେକ ସମୟରେ ଲିଙ୍କ ଫେଲ ଯୋଗୁଁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗମାନେ ଭତ୍ତା ପାଇବାରେ ଅସୁବିଧା ଭୋଗୁଛନ୍ତି। ମନରେଗାରେ ଶ୍ରମିକମାନେ ମଜୁରୀ ଟଙ୍କା ଉଠାଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଡାକ ସେବା ଅଚଳ ଥିବାରୁ ବିଭିନ୍ନ କାମ ନେଇ ଆସୁଥିବା ଉପଭୋକ୍ତାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଶେଷରେ ନିରାଶ ହୋଇ ଫେରୁଛନ୍ତି।

## ବୃଦ୍ଧଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ



**ହିଞ୍ଜିଳିକାଟୁ,୧୨।୮ (ସଂଚାର ବ୍ୟୁରୋ):** ସୋମବାର ଦିନ ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ସାହି ମଝିରେ ବୃଦ୍ଧାଙ୍କୁ ଗଳା କାଟି ହତ୍ୟା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ ରାଳବ ଗ୍ରାମ ବୈଷ୍ଣବ ତୋଠା ସାହିର ଅରୁଣ ଦଳେଇ (୩୬)। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ରାଳବ ଗ୍ରାମରେ ସୋମବାର ଦିନ ୪ଟା ସମୟରେ ରାସ୍ତା ମଝିରେ ଜଣେ ବୃଦ୍ଧଙ୍କୁ ଗଳା କାଟି ହତ୍ୟା କରିଥିଲା ଦୁର୍ବୃତ୍ତ। ବୃଦ୍ଧ ଜଣକ ହେଲେ ବୈଷ୍ଣବ ତୋଠା ସାହିର ହରିକୃଷ୍ଣ ପଟ୍ଟନାୟକ (୫୨)। ହରିକୃଷ୍ଣ ପଟ୍ଟନାୟକଙ୍କ ଭିନ୍ନକ୍ଷମ ପୁଅ ସାଗର ପଟ୍ଟନାୟକକୁ ଦୁର୍ବୃତ୍ତ ଜଣକ ବିଜୟାନନ୍ଦ ପାଠାଗାରରେ ଶୋଇଥିବା ବେଳେ କୌଣସି କାରଣରୁ ଗାଳି କୁରଜ ସହ ମାରପିଟ କରିଥିଲା। ପରେ ବାପା ହରିକୃଷ୍ଣ ପଟ୍ଟନାୟକ ଜାଣିବା ପରେ ଅରୁଣଙ୍କ ଘରକୁ ପଚାରି ବୁଝିବାକୁ ଯାଇଥିଲେ। ଏହି ସମୟରେ ଅରୁଣ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରୀ ସାହାଯ୍ୟରେ ବୃଦ୍ଧଙ୍କୁ ହତ୍ୟା କରିଥିଲା। ଏନେଇ ହିଞ୍ଜିଳି ଥାନାରେ ୬୩୫/୨୫ରେ ମାମଲା ରୁଜୁ ହୋଇଥିଲା।

## ଦାଦାବଟି ନ ଦେବାରୁ ଆକ୍ରମଣ କରି ଲୁଟ୍ ମାମଲା ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ଦାଦାବଟି ନ ଦେବାରୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରମୁଖି ଗ୍ରାମର ଶିବ ପଟ୍ଟନାୟକ (୩୫)। ସୂଚନାଯୋଗ୍ୟ ଯେ, ହରଡ଼ାଖଣ୍ଡି ଆନନ୍ଦ ନଗର ନିବାସୀ ଉଦୟନାଥ ସାହୁ(୫୦) ରବିବାର ସକାଳେ ଅଫିସକୁ ଯାଉଥିଲେ। ଏହି ସମୟରେ ହରିଡ଼ାଖଣ୍ଡି ଛକରେ ଅଭିଯୁକ୍ତ ଶିବ ତାଙ୍କୁ ଅଟକାଇ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲା। ଉଦୟ ମନା କରିବାରୁ ଶିବ ତାଙ୍କୁ ଆକ୍ରମଣ କରି ସେ ପିନ୍ଧିଥିବା ସୁନା ଚେନ୍ ଓ ପକେଟ୍‌ରୁ ୨୫୦୦ ଟଙ୍କା ନେଇ ଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ସୋମବାର ଶିବକୁ ଗିରଫ କରି କୋର୍ଟଚାଲାଣ କରିଥିବା ଏଏସଆଇ ସୁନିଲ ପରିଡ଼ା ସୂଚନା ଦେଇଛନ୍ତି।

## ଦୁଇ ଯୁବକଙ୍କୁ ପଥରରେ ଆକ୍ରମଣ

**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗଣପତି ନଗର ୩ୟ ଲାଇନ ଠାରେ ଫାଷ୍ଟଗେଟ ଅଞ୍ଚଳର ଚିଣ୍ଟୁ ନାହାକ ଓ ଗଣପତି ନଗର ଦେବରାଜ ଗୌଡ଼କୁ ପଥରରେ ଆକ୍ରମଣ ହୋଇଛି । ଏଥିରେ ଉଭୟେ ଆହତ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖ ପୂର୍ବାହ୍ନ ସମୟରେ ଚିଣ୍ଟୁ ତାଙ୍କ ସାଙ୍ଗ ଦେବରାଜକୁ ଛାଡିବା ପାଇଁ ତାଙ୍କ ଘରକୁ ଯାଉଥିବା ବେଳେ ଗଣପତି ନଗର ୩ୟ ଲାଇନ ଦେବରାଜଙ୍କ ଭାଇ ଅରୁଣ କୁମାର ଗୌଡ଼ ଓ ଅଜୟ କୁମାର ଗୌଡ଼ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ପଥରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଚିଣ୍ଟୁ ଓ ଦେବରାଜ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ଚିଣ୍ଟୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

**ବଞ୍ଚି ଥାଉ ଥାଉ ମାରିଦେଲେ**

# ଜୀବିତ ମହିଳା ‘ସୁଭଦ୍ରା’ ପୋର୍ଟାଲରେ ମୃତ ଘୋଷିତ

**୧ମ କିସ୍ତି ପାଇଥିଲେ, ୨ୟ କିସ୍ତିରୁ ବଞ୍ଚିତ**




**ହିଞ୍ଜିଳିକାଟୁ,୧୨।୮ (ସଂଚାର ବ୍ୟୁରୋ):** ଜୀବିତ ବ୍ୟକ୍ତିଙ୍କୁ ମାରିଦେଲେ। ଜୀବିତ ଥିବା ମହିଳାଙ୍କୁ କାଗଜ କଲମରେ ମୃତ ବୋଲି ଦର୍ଶାଇ ଦେଲେ। ଫଳରେ ସୁଭଦ୍ରା ଯୋଜନାରୁ ବଞ୍ଚିତହୋଇଛନ୍ତି ମହିଳା। ଏଭଳି କିଛି ଅଭିଯୋଗ ଆସିଛି ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡ ଉପର ରେଗିଡ଼ି ସାହିରୁ। ଯାହାକି ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଥାଉ କି,ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡ ଉପର ରେଗିଡ଼ି ସାହିର ୟୁପି ସ୍କୁଲ ନିକଟସ୍ଥ ପ୍ରତିମା ନାୟକ (୫୨)ସୁଭଦ୍ରା ପୋର୍ଟାଲରେ ଆବେଦନ କରିଥିଲେ। ହେଲେ ବ୍ୟାଙ୍କ ଖାତାକୁ ମୂଳରୁ ଟଙ୍କା ଆସିବା ଦୂରର କଥା, ଏହି ପୋର୍ଟାଲରେ ମହିଳା ଜଣକ ମୃତ ବୋଲି ଦର୍ଶାଯାଇଥିଲା। ପ୍ରତିମା କେବଳ ପ୍ରଥମ କିସ୍ତି ୫୦୦୦ ହଜାର ଟଙ୍କା ପାଇଥିବା ବେଳେ ଦ୍ୱିତୀୟ କିସ୍ତି ପାଇବା ଆଗରୁ ସିଡିପିଓ ଅଫିସରୁ କଲ୍ ଆସିଥିଲା, ସ୍ୱାମୀ ରାମ ଚନ୍ଦ୍ର ନାୟକ ଫୋନ ଉଠାଇଥିବା ବେଳେ ଆପଣଙ୍କ ସ୍ତ୍ରୀ ପ୍ରତିମା ନାୟକ ଆଉ ନାହାନ୍ତି ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ବୋଲି କହିଥିଲେ। ଏହା ଶୁଣିବା ପରେ ସ୍ୱାମୀ ରାମଚନ୍ଦ୍ର ଆଶ୍ଚର୍ଯ୍ୟ ହୋଇଯାଇଥିବା ବେଳେ କିଛି ସମୟ ପରେ ସିଡିପିଓ ଅଫିସକୁ ସ୍ତ୍ରୀ ବଞ୍ଚିଛନ୍ତି ନେଇ ଜଣାଇଥିଲେ।

ଏ ନେଇ ପ୍ରତିମାଙ୍କ ପୁଅ ନୀଳମାଧବ ନାୟକ ସୋମବାର ଦିନ ହିଞ୍ଜିଳିକାଟୁ ପୌରପରିଷଦ କାର୍ଯ୍ୟାଳୟ ଓ ସିଡିପିଓ ଅଫିସକୁ ଯାଇ ନିରାଶରେ ଫେରିଛନ୍ତି। ସୁଭଦ୍ରା ହିତାଧିକାରୀ ପ୍ରତିମା ନାୟକ ଜୀବିତ ଥିବାବେଳେ ସୁଭଦ୍ରା ପୋର୍ଟାଲରେ କେଉଁ ପ୍ରମାଣ ପତ୍ର ଆଧାରରେ ମୃତ ଦର୍ଶାଯାଇଛି ତାହା ତଦନ୍ତ ସାପେକ୍ଷ। ଏହି ଘଟଣାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ତ୍ରୁଟି ଯୋଗୁଁ ଜଣେ ଜୀବିତ ମହିଳାଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଘୋଷଣା କରାଯାଇ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇନାହିଁ। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।

## ସୋଆ ଏନ୍‌ଏସ୍‌ଏସ୍ ଦ୍ୱାରା ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ବଣ୍ଟନ




**ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରପୀଡିତ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରପୀଡିତ ତରେଇପାଟଣା, ସିଦ୍ଧବାଲି ଓ ବାଲୁରିଆ ଆଦି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ସମ୍ ନର୍ସିଂ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡା, ଗୁଡ, ଦିଆସିଲି, ମହମବତୀ, ସାନିଟାରୀ ପ୍ୟାଡ, ମଶା ଧୂପ ଆଦି ବଣ୍ଟନ କରାଯାଇଥିଲା।

ଉକ୍ତ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ’ର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଅମ୍ବରୀଶ ମଙ୍ଗରାଜ ଓ ବିଶ୍ୱ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ କର୍ମଚାରୀ ଶ୍ରୀ ରାଜ ଶେଖର ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଏନ୍‌ଏସ୍‌ଏସ୍‌ର ଉପଦେଷ୍ଟା ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ପ୍ରୋଗ୍ରାମ୍ ସଂଯୋଜକ ଡ. କମଳ ଲୋଚନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସମ୍ପାଦିତ ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏଭଳି ଉଦ୍ୟମ ସାଧାରଣ ଜନମାନସରେ ପ୍ରଶଂସିତ ହେବା ସହ ଅନ୍ୟକୁ ପ୍ରେରଣା ମଧ ଯୋଗାଇଛି।



## ହର ଘର ତ୍ରିରଙ୍ଗା ଶୋଭାଯାତ୍ରା

**ନାଉଗାଁ,୧୨।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ହାତରେ ତ୍ରିରଙ୍ଗା ଧରି ସ୍ଲୋଗାନ ମାନ ଦେଇ ନିଜ ନିଜ ଅଞ୍ଚଳରେ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ହାତରେ ପତାକା ଧରି ଗଙ୍ଗଦାହାଟ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷୟତ୍ରୀ ରେବତୀ ସ୍ୱାଇଁ, ଶିକ୍ଷୟିତ୍ରୀ ସବିତା ଦାସ, ନିଳିମା ବିଶ୍ୱାଳ ଆଦି ପରିଚାଳନା କରିଥିଲେ। ସେହିପରି ନାଉଗାଁ ବ୍ଲକରେ ବିଜେପି ପକ୍ଷରୁ ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ଉପେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବ୍ଲକଛକ ଠାରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଶିଖର ପଞ୍ଚାୟତର ପାରିଶିଖର ଗ୍ରାମରେ ପହଁଚିଥିଲା। ସେଠାରେ ସହିଦ ପ୍ରସନ୍ନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

# ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଛାତ୍ରଛାତ୍ରୀ ବୋହିଲେ ଜାଳେଣି କାଠ



**କାକଟପୁର/ଅସ୍ତରଙ୍ଗ,୧୨।୮ (ସଂଚାର ବ୍ୟୁରୋ):** କାଠ ପରିବର୍ତ୍ତେ ବିଦ୍ୟାଳୟ ଗୁଡିକରେ ଗ୍ୟାସରେ ହେବ ମଧ୍ୟାହ୍ନ ଭୋଜନ ରୋଷେଇ। ପରିବେଶର ସ୍ୱଚ୍ଛତା ତଥା ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର ବିଦ୍ୟାଳୟ ଗୁଡିକୁ ଗ୍ୟାସ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଏ ସବୁ ଯୋଜନା କାଗଜ ପତ୍ରରେ ଚାଲିଥିବା ବେଳେ ଏହାର ବାସ୍ତବ ଘଟଣା ଛାତ୍ରଛାତ୍ରୀ ଜାଳେଣି କାଠ ବୋହୁଥିବା ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲିବା ପରେ ଘଟଣା ସ୍ପଷ୍ଟ ପ୍ରମାଣ ସାମ୍ନାକୁ ଆସିଲା। ଅଧିକାରୀମାନେ ଚିଠି କରି ଏ ଦିଗରେ ହାତ ବାନ୍ଧି ବସିଥିବା ବେଳେ ଶିକ୍ଷକମାନେ ଏହାକୁ ଖାତିରି କରୁ ନାହାନ୍ତି। ଗ୍ୟାସ ଦର ବୃଦ୍ଧି ଆଳ ଦେଖାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ୟାସ ଉଠାଉ ନଥିବା ବେଳେ ପାଚିକାମାନେ କାଠ ମାଧ୍ୟମରେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ଦେଖିବାକୁ ମିଳୁଛି।

ସରକାର ମଧ୍ୟାହ୍ନ ଭୋଜନ ପାଇଁ ପୂର୍ବରୁ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପ୍ରତି ୫ଟଙ୍କା ୯୦ପଇସା ଦେଉଥିବା ବେଳେ ଏବେ ଏହାର ଦରବୃଦ୍ଧି କରିବା ସହ ମାଣ୍ଡିଆ ଲଡୁକୁ ସାମିଲ କରି ୧୦ଟଙ୍କା ୧୫ପଇସା ଦେଉଛନ୍ତି। ସେହିଭଳି ୬ଷ୍ଠ ଠାରୁ ୮ମ ଶ୍ରେଣୀ ପାଇଁ ୮ଟଙ୍କା ୮୨ପଇସା ରହିଥିବା ବେଳେ ଏବେ ୧୪ଟଙ୍କା ୭୪ପଇସା ଓ ୯ମ, ୧୦ମ ପାଇଁ ୧୪ଟଙ୍କା ୯୪ପଇସା ଦେଉଛନ୍ତି। ଏଥି ସହିତ ଜାଳେଣି ପାଇଁ ପ୍ରତି ପିଲା ପିଛା ପୂର୍ବରୁ ୫୦ପଇସା ରହିଥିବା ବେଳେ ଏବେ ୧ଟଙ୍କା ଦେଉଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଶ୍ରେଣୀ କକ୍ଷ ଛାଡି ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ କାଠ ବୋହୁଥିବା ଦେଖିବାକୁ ମିଳୁଛି। ଏହାର ଫଟୋ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ହସ୍ତଗତ ହେବା ପରେ ସୋମବାର ଦିନ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଦ୍ୟାଳୟ ପରିଦର୍ଶନ କରି ଘଟଣା ସମ୍ପର୍କରେ ବୁଝିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଏ ନେଇ ମଣ୍ଡଳ ଶିକ୍ଷାଅଧିକାରୀ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ,ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗକୁ ଅବଗତ କରାଯିବା ସହ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ସେହିପରି ପ୍ରତି ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ମଧ୍ୟାହ୍ନ ଭୋଜନ ରୋଷେଇ ଗ୍ୟାସରେ କରିବା ପାଇଁ। କାଠ ଜାଳିବା ବେନିୟମ କାର୍ଯ୍ୟ। ସେହିପରି ପିଲାମାନଙ୍କୁ ଶ୍ରେଣୀ କକ୍ଷରୁ ବାହାର କରି କାଠ ବୁହାଇବା କାର୍ଯ୍ୟରେ ନିୟୋଜିତ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ତେବେ ଆଗକୁ ଶିକ୍ଷା ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଅପେକ୍ଷା।

**ତଦନ୍ତ କଲେ ମଣ୍ଡଳ ଶିକ୍ଷାଧିକାରୀ**

## ଆଇନଜୀବୀଙ୍କ ଠାରୁ ୬୦ ଲକ୍ଷ ଠକେଇ

**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁରର ଜଣେ ଆଇନଜୀବୀଙ୍କ ଠାରୁ ୬୦ ଲକ୍ଷ ଟଙ୍କା ଠକେଇ ହୋଇଛି। ତାଙ୍କର ଜଣେ ବନ୍ଧୁ ହିଁ ଏହି ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି। ଠକେଇର ଶିକାର ହୋଇଥିବା ଆଇନଜୀବୀ ହେଲେ ଶାସ୍ତ୍ରୀ ନଗରର ଲଳିତ ମୋହନ ମଙ୍ଗରାଜ । ଏ ନେଇ ଗୋସାଇଁନୂଆଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ୨୦୨୩ରେ ଗୋଶାଣୀନୂଆଗାଁ ନିକଟ ଗଣେଶନଗରର ସିଏଚ. ରାଜେଶ କୁମାର ସୁବୁଦ୍ଧି ଆଇନଜୀବୀ ଲଳିତଙ୍କ ଠାରୁ କୌଣସି କାମ ପାଇଁ ୬୦ ଲକ୍ଷ ଟଙ୍କା ନେଇଥିଲେ। ଅଳ୍ପ ଦିନ ଭିତରେ ସେ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶୃତି ଦେବା ସହ ଏକାଧିକ ବ୍ୟାଙ୍କ ଚେକ୍ ମଧ ଦେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ ସମୟ ଅବଧି ସରିବା ପରେ ମଧ ରାଜେଶ ଟଙ୍କା ଫେରସ୍ତ କରି ନଥିଲେ । ଫଳରେ ଲଳିତ ଉକ୍ତ ଚେକ୍ ନେଇ ବ୍ୟାଙ୍କରେ ଜମା କରିଥିଲେ । ହେଲେ ରଜେଶଙ୍କ ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକ୍ ଫେରସ୍ତ ହୋଇ ଯାଇଥିଲା । ଏନେଇ ଲଳିତ ତାଙ୍କୁ ପଚାରିବାରୁ ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଲଳିତ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# ଲାଗୁହେବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

## ଜମିହରାଙ୍କୁ ମିଳିବ ବିକଳ୍ପ



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ଆଣିବେ ନୂଆ ବିସ୍ଥାପନ ଓ ଥଇଥାନ ନୀତି। ଏଥିରେ ପ୍ରକଳ୍ପ ବାବଦରେ ଜମି ହରାଉଥିବା ଚାଷୀମାନଙ୍କୁ ବିକଳ୍ପ ସୁଯୋଗ ମିଳିବ। ଜମି ବଦଳରେ ସେମାନଙ୍କୁ କ୍ଷତିପୂରଣ ମିଳିବ। ଏଥିସହ ସେମାନଙ୍କୁ ଯେଉଁ ପ୍ରକଳ୍ପ ପାଇଁ ଜମି ହରାଇବେ ସେଥିରେ ଅଂଶୀଦାର ହେବାର ସୁଯୋଗ ବି ଦିଆଯିବ। ବିସ୍ଥାପିତଙ୍କ ଦାବି ଓ ସୁବିଧା ଅନୁସାରେ ସେମାନଙ୍କ ପାଇଁ ବିକଳ୍ପ ଦିଆଯିବ। ସେହି ଆଧାରରେ ନୂଆ ନୀତି ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ନୂଆ ବିସ୍ଥାପନ ନୀତି ଅନୁସାରେ, ଏଣିକି କୌଣସି କମ୍ପାନୀ କିମ୍ବା ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହେଲେ ସରକାର କାହା ଉପରେ କୌଣସି ନିଷ୍ପତ୍ତି ଥୋପିବେ ନାହିଁ। ବରଂ ବିସ୍ଥାପିତଙ୍କ ଦାବି ଓ ସୁବିଧା ଅନୁସାରେ ସେମାନଙ୍କୁ ବିକଳ୍ପ ଦିଆଯିବ। ଜମି ବଦଳରେ ଜମି ବି ଯୋଗାଇ ଦିଆଯିବ। ଏହାଛଡ଼ା କ୍ଷତିଗ୍ରସ୍ତ ଚାହିଁଲେ କ୍ଷତିପୂରଣ ବଦଳରେ ନିର୍ଦ୍ଦିଷ୍ଟ ପ୍ରକଳ୍ପରେ ଅଂଶୀଦାର ରହିପାରିବେ। ପ୍ରକଳ୍ପରୁ ସେମାନେ ନେଇପାରିବେ ସମାନୁପାତିକ ଲାଭ। ଲୋକ ଯେଉଁ ବିକଳ୍ପ ଦେବେ, ସେହି ଅନୁସାରେ ସରକାର ନିଷ୍ପତ୍ତି ନେବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ତାଙ୍କ କହିବାନୁସାରେ, ନୂଆ ନୀତିରେ ସରକାରଙ୍କ ଏଭଳି ପରିକଳ୍ପନାକୁ ସ୍ୱାଗତ କରିଛନ୍ତି ବିସ୍ଥାପିତ। କେବଳ ନୂଆ ନୁହେଁ କିଛି ପୁରୁଣା ପ୍ରକଳ୍ପକୁ ସାମିଲ କରିବାକୁ ନିବେଦନ ମଧ୍ୟ କରିଛନ୍ତି। ବର୍ଷ ବର୍ଷ ଧରି ଚାଲିଥିବା ପୁରୁଣା ନୀତିରେ କ୍ଷତିଗ୍ରସ୍ତଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ତେଣୁ ସରକାର ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂଆ ନୀତି ଆଣିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

### ଓଡ଼ିଶା ପାଇଁ ମେରାଇନ ବାୟୋଟେକ୍ନୋଲୋଜି କରିଡର

# ସାମୁଦ୍ରିକ ଷ୍ଟାର୍ଟଅପରେ ହେବ ସହାୟକ

## ରାଜ୍ୟର ୬ ଶିକ୍ଷାନୁଷ୍ଠାନ ସହ ହେଲା ଏମଓୟୁ

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ୍ ଇନୋଭେସନ୍ କରିଡର୍ (ଓଏବିଆରସି)କୁ ଉଦ୍‌ଘାଟନ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପ୍ରୟାସ ଯୁବ ଉଦ୍ୟୋଗୀମାନଙ୍କୁ ସ୍ଥାନୀୟ ସମ୍ପଦ ଓ ବିଶ୍ୱସ୍ତରୀୟ ମାନକ ଆଧାରରେ ମେରାଇନ୍ ବାୟୋଟେକ୍ ଷ୍ଟାର୍ଟଅପ୍ ଆରମ୍ଭ କରିବାରେ କରିବାରେ ସହାୟକ ହେବ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି (ଏନ୍‌ଆଇଓଟି) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଛଡ଼ା ଓଡ଼ିଶାର ୬ଟି ଉଚ୍ଚଶିକ୍ଷାନୁଷ୍ଠାନ ମଧ୍ୟ ଏହି ଉଦ୍ୟୋଗ ପାଇଁ ସହାୟତା ପ୍ରଦାନ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି।




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାଟ୍‌ଫର୍ମ ବିଜ୍ଞାନ ସମୁଦାୟ ଓ ନବସୃଜନ ପାଇଁ କେବଳ ରାଜ୍ୟ, ଦେଶ, ବିଶ୍ୱ ପାଇଁ ଆଶାର ଆଲୋକ ହେବ। ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ଦେଶର ଅର୍ଥନୈତିକ ବୃଦ୍ଧିରେ ଉଲ୍ଲେଖନୀୟ ଯୋଗଦାନ ଦେବ। ସମସ୍ତଙ୍କ ପାଇଁ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଓ ଜଳବାୟୁ ଅସ୍ଥିରତା ପରି ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଏକ ସାହସୀ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଉଛି। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ର ଦୃଷ୍ଟିକୋଣ ସହିତ ତାଳ ରଖି ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଏମବିଆରସି କେବଳ ଏକ ଗବେଷଣା କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ପ୍ଲାଟ୍‌ଫର୍ମ ଯେଉଁଠାରେ ରାଜ୍ୟର ଯୁବ ଉଦ୍ୟୋଗୀମାନେ ସ୍ଥାନୀୟ ସମ୍ପଦ ଓ ବିଶ୍ୱସ୍ତରୀୟ ମାନକ ଆଧାରରେ ମେରାଇନ୍ ବାୟୋଟେକ୍ ଷ୍ଟାର୍ଟଅପ୍ ନିର୍ମାଣ କରିପାରିବେ। ଏହି ଉଦ୍ୟୋଗରେ ଆତ୍ମବିଶ୍ୱାସ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଉ କେବଳ ଏକ ଉପକୂଳବର୍ତ୍ତୀ ରାଜ୍ୟ ନୁହେଁ। ଆମେ ଏବେ ଉପକୂଳୀୟ ନବସୃଜନକାରୀ ହେବାକୁ ଚାହୁଁଛୁ। ଆମେ ପ୍ରକୃତିଠାରୁ ଆଶୀର୍ବାଦ ପାଇଁ ଥିବା ନୁହେଁ, ଆମେ ପ୍ରକୃତି ଆଧାରିତ ସମାଧାନରେ ନିବେଶ କରୁଛୁ। ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଓଡ଼ିଶାରେ ମେରାଇନ୍ ବାୟୋଟେକ୍ନୋଲୋଜିରେ ବହୁତ ସମ୍ଭାବନା ରହିଛି ଏବଂ ରାଜ୍ୟ ଏହି କ୍ଷେତ୍ରକୁ ଅନୁସନ୍ଧାନ କରି ବୃଦ୍ଧି ପ୍ରୋତ୍ସାହନ କରିବାକୁ ସମସ୍ତ ପ୍ରୟାସ କରିବ। ଓଏମବିଆରସି ଏକ ସମୃଦ୍ଧ ଭବିଷ୍ୟତର ବ୍ଲୁ ପ୍ରିଣ୍ଟ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବରଗଡ଼ ଛାତ୍ରୀଙ୍କ ମୃତ୍ୟୁ ମାମଲା

# ୩ ଅଟକ, ପୁଲିସ୍‌ର ପଚରାଉଚରା




**ବରଗଡ଼,୧୨।୮(ସଂଚାର ବ୍ୟୁରୋ):** ରହସ୍ୟ ଘେରରେ ବରଗଡ଼ ଛାତ୍ରୀ ଜୀବନ ହାରିବା ଘଟଣା। ନିଜେ ଜଳିଯାଇଛନ୍ତି ନା ତାଙ୍କୁ କିଏ ଜାଳିଦେଇଛି ? ଏହି ମାମଲାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଏହି ୩ ଜଣଙ୍କ ମଧ୍ୟରେ ମୃତ ଛାତ୍ରୀଙ୍କ ଅଜା ମଧ୍ୟ ସାମିଲ୍ ଅଛନ୍ତି। ଏହାଛଡ଼ା ଦୋକାନୀଙ୍କ ସମେତ ୨ ଜଣଙ୍କୁ ପଚରାଉଚରା ଜାରି ରହିଛି। ଗତକାଲି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପିରିଙ୍ଗିମାଳ ଗାଁରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜୀବନ ହାରିବା ଉଦ୍ୟମ କରିଥିଲେ। ବୁର୍ଲା ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ବଡ଼ ଡ଼ାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଗତକାଲି ରାତିରେ ହିଁ ଛାତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣାକୁ ନେଇ ପୁଲିସର ତଦନ୍ତ ଜାରି ରହିଛି। ତଦନ୍ତ ପ୍ରକ୍ରିୟାରେ ୩ରୁ ୪ ଜଣ ଟିମ୍ ଅଛନ୍ତି ବୋଲି କହିଛନ୍ତି ଆଇଜି ହିମାଂଶୁ ଲାଲ। ଏବେ ପ୍ରଶ୍ନ ଉଠୁଛି ଛାତ୍ରୀଙ୍କ ପାଖକୁ ପେଟ୍ରୋଲ ଆସିଲା କେଉଁଠୁ ? କିଏ ପେଟ୍ରୋଲ ଦେଲେ ନା ଛାତ୍ରୀ ଜଣଙ୍କ ନିଜେ ଏହା ଆଣିଥିଲେ ? ଛାତ୍ରୀଙ୍କ ବୟାନରେ ଦେଇଥିବା ଟୁକେଲ୍‌ର ରହସ୍ୟ କ'ଣ ? ପୁଲିସ୍ ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଛାତ୍ରୀଙ୍କ ମୃତ୍ୟୁର ଅସଲ ରହସ୍ୟ ଜଣାପଡ଼ିବ ବୋଲି ଶ୍ରୀ ଲାଲ୍ କହିଛନ୍ତି।

### ଉପମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

# ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନର ଦାବି ଶୁଣିଲେ



**ସୁବର୍ଣ୍ଣପୁର,୧୨।୮(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ପାତାଳି ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ପରେ ଭବ୍ୟ ମନ୍ଦିରର ନିର୍ମାଣସ୍ଥଳୀରେ ମନ୍ଦିରର ନକ୍ସା, ବ୍ୟୟ ଅଟକଳ ଆଦି ତଦାରଖ କରିଥିଲେ। ପରେ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମଗ୍ର ପାତାଳି କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ସେ ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ମା'ଙ୍କର ଆଶୀର୍ବାଦ ନେଇଥିଲେ। ଏଥିସହ ସେଠାରେ ସେ ସେବାୟତ ସଂଘ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ମନ୍ଦିରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସୋନପୁର ସୁରେଶ୍ୱରୀ ମନ୍ଦିର ଦେବୋତ୍ତର କମିଟି ପକ୍ଷରୁ ସୁରେଶ୍ୱରୀ, ରାମେଶ୍ୱର ଓ ସୁବର୍ଣ୍ଣ ମେରୁ ମନ୍ଦିରକୁ ନେଇ ଆରମ୍ଭ ହୋଇଥିବା ଐତିହାସିକ ସ୍ୱର୍ଣ୍ଣ ତ୍ରିବେଣୀ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ମନ୍ଦିରର ଜମି ଚିହ୍ନଟ ସହ ଦେବୋତ୍ତର ପରିଚାଳିତ ଅନ୍ୟ ସବୁ ମନ୍ଦିରର ଜମି ଚିହ୍ନଟ କରି ଜବରଦଖଲ ଉଚ୍ଛେଦ କରିବା, ଜିଲ୍ଲାର ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ, ସ୍ଥାୟୀ ଦେବୋତ୍ତର ଅଧିକାରୀ ନିଯୁକ୍ତ, ଏକ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତ ସହ ଯାନବାହନ ବ୍ୟବସ୍ଥା, ସୁରେଶ୍ୱରୀ ମନ୍ଦିରରେ କଲ୍ୟାଣ ମଣ୍ଡପ ନିର୍ମାଣ, ମହାନଦୀ ତେଲ ନଦୀର ସଙ୍ଗମ ସ୍ଥଳୀର ତଳ ଭାଗରେ ଏକ ଆନିକଟ ନିର୍ମାଣ ସହ ଜଳ ସଂରକ୍ଷଣ କରିବା ଓ ତେଲ ନଦୀ ଓ ମହାନଦୀରୁ ପର୍ଯ୍ୟଟକଙ୍କ ପାଇଁ ମା' ସୁରେଶ୍ୱରୀ ଗଙ୍ଗାକୁ ପାଇପ ଯୋଗେ ଜଳଯୋଗାଣ ପ୍ରମୁଖ ଦାବି ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପରେ ପରେ ଐତିହାସିକ ଶୈବପୀଠ ତଥା ତ୍ରିବେଣୀ ସଙ୍ଗମ ଶ୍ରୀ ରାମେଶ୍ୱର ମନ୍ଦିର ପରିଦର୍ଶନରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ମନ୍ଦିର କମିଟି ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ସର୍କିଟ ହାଉସଠାରେ ବୀର ମହାରାଜପୁର ବିଧାୟକ, ଡିଆଇଜି ହିମାଂଶୁ ଲାଲ୍, ଜିଲ୍ଲାପାଳ, ଏସପି ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲାର ବିକାଶ ଉପରେ ସମୀକ୍ଷା କରିଥିଲେ। ସହର ଓ ଜିଲ୍ଲାର ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ କରି ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଲକ୍ଷପତି ଦିଦି, କାର୍ଯ୍ୟରତ ସାମ୍ବାଦିକ ଓ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଉପମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ।

# ଝୁଲିପଡ଼ିଲେ ଯୁକ୍ତ ତିନି ଛାତ୍ରୀ

## ଘରୋଇ ମେସରୁ ମୃତଦେହ ଉଦ୍ଧାର



**ଭଦ୍ରକ,୧୨।୮(ସଂଚାର ବ୍ୟୁରୋ):** ଭଦ୍ରକ ସହରର ଟାଉନ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷରେ ପଢୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଏକ ଘରୋଇ ମେସ୍ ବାଥରୁମରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ବାସୁଦେବପୁରରେ ହୋଇଥିବା ବେଳେ ରାକ୍ଷୀ ପାଇଁ ଘରକୁ ଯାଇ ଗତକାଲି ଭଦ୍ରକ ଫେରିଥିଲେ। ଆଜି ସକାଳେ ସେ କ୍ଲାସ ଯାଇଥିଲେ। ସେଠାରୁ ଫେରି ସେ ରୁମରେ ଥିଲେ। କିନ୍ତୁ ସେ କେଉଁ ପରିସ୍ଥିତିରେ ଓ କାହିଁକି ସେ ଏପରି ଚରମ ନିଷ୍ପତ୍ତି ନେଲେ, ସେନେଇ କିଛି ବି ଜଣାପଡ଼ିନାହିଁ। ଖବର ପାଇ ଘଟଣାସ୍ଥଳରେ ଟାଉନ୍ ଥାନା ପୁଲିସ ଓ ଭଦ୍ରକ ଏସପି ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଅଜଣା ଗାଡ଼ି ଧକ୍କାରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ବାରଙ୍ଗ କୁଆଖାଇ ସେତୁ ଉପରେ ଉକ୍ତ ସ୍କୁଟି ଚାଳକଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲା। ମୃତ ଯୁବକ ଜଣଙ୍କ ସାହିଲ ମାଝୀ ହୋଇଥିବା ବେଳେ ତାଙ୍କ ଘର ବାରଙ୍ଗ ଥାନା ଅନ୍ତର୍ଗତ ଗୋଠପୁର ଗ୍ରାମରେ ବୋଲି ଜଣାପଡ଼ିଛି। ଆଜି ସକାଳୁ ସାମିଲ୍ ବାଲିକୁଦା ପଟୁ ବାରଙ୍ଗ ଅଭିମୁଖେ ଆସୁଥିବା ସମୟରେ ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଧକ୍କାରେ ସାହିଲ୍‌ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜୋନ ଏସିପି ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ମହିଳାଙ୍କୁ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଫେରାର, ୨ ଅଟକ




**ନୟାଗଡ଼,୧୨।୮(ସଂଚାର ବ୍ୟୁରୋ):** ନୟାଗଡ଼ ଫତେଗଡ଼ରେ ଦୁଇ ଛୁଆଙ୍କ ଆଗରେ ମା'ର ଗଳା କାଟି ହତ୍ୟା ମାମଲାରେ ପୁଲିସ୍ ୨ ଜଣଙ୍କୁ ଅଟକ ରଖିଛି। ସେମାନଙ୍କୁ ଥାନାପୁ ଆଣି ପୁଲିସ୍ ପଚରାଉଚରା କରୁଛି। ଏଥିସହ ଅଭିଯୁକ୍ତଙ୍କ ଗାଁରେ ମଧ୍ୟ ପୁଲିସ୍ ଚଢ଼ାଉ କରିଛି। ଫେରାର ମୁଖ୍ୟ ଅଭିଯୁକ୍ତକୁ ଧରିବାକୁ ପୁଲିସର ତନାଘନା ଜାରି ରହିଛି। ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ଡିପିଓ ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଫତେଗଡ଼ ଥାନା ଭାପୁର ଷ୍ଟାଡିୟମ ନିକଟରେ ଦୁଇ ଛୁଆଙ୍କ ସାମ୍ନାରେ ଜଣେ ବିଧବା ମହିଳାଙ୍କୁ ହତ୍ୟା କରାଯାଇଥିଲା। ୨ ବର୍ଷ ପୂର୍ବେ ବିଦ୍ୟୁତ ଆଘାତରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ହରାଇଥିଲେ। ଏହାପରେ ସେ ତାଙ୍କ ପୁଅ ଓ ଝିଅଙ୍କ ସହ ଭାପୁରରେ ଏକ ଘର ଭଡ଼ା ନେଇ ରହିଆସୁଥିଲେ। ତେବେ ତାଙ୍କୁ ହତ୍ୟା କରାଯିବାର ରହସ୍ୟ କ'ଣ, ସେନେଇ ଖୁବ୍‌ଶୀଘ୍ର ସବୁକିଛି ସ୍ପଷ୍ଟ ହେବ ବୋଲି ଖଣ୍ଡପଡା ଏସ୍‌ଡିପିଓ କହିଛନ୍ତି।

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ

## ପୁଲିସ ନିର୍ଯାତନା ଅଭିଯୋଗ ଆଣିଲା ପରିବାର



**ସୁବର୍ଣ୍ଣପୁର,୧୨।୮(ସଂଚାର ବ୍ୟୁରୋ):** ପୁଲିସ୍‌ର ନିର୍ଯାତନା ସହିନପାରି କୀଟନାଶକ ପିଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ଲଛିପୁର ଥାନା ଚୌକାମାଲ ଗାଁରୁ ଏପରି ଅଭିଯୋଗ ଆସିଥିବା ବେଳେ ମୃତ ଚାଷୀ ଜଣଙ୍କ ଚୌକାମାଲ ଗାଁର ସୁରେନ୍ଦ୍ର ବିଶ୍ୱାଳ ବୋଲି ଜଣାପଡ଼ିଛି। ଗତ କିଛିଦିନ ହେଲା ସୁରେନ୍ଦ୍ରଙ୍କ ପରିବାରରେ ଜମିବାଡ଼ି ବିବାଦ ଲାଗି ରହିଥିଲା। ଏନେଇ ସୁରେନ୍ଦ୍ରଙ୍କ ପରିବାର ଲୋକେ ଗତ ରବିବାର ଲଛିପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ୍ ପରିବାରର ସଦସ୍ୟଙ୍କୁ ବୁଝାସୁଝା କରି ସମସ୍ୟାର ସମାଧାନ କରିଥିଲା। କିନ୍ତୁ ପୁଲିସ୍ ଏକତରଫା ନ୍ୟାୟ କରି ସୁରେନ୍ଦ୍ରଙ୍କଠାରୁ ଜୋର ଜବରଦସ୍ତି ଦସ୍ତଖତ ନେବା ସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ସୁରେନ୍ଦ୍ର କୀଟନାଶକ ପିଇ ଜୀବନ ହାରିଦେଇଥିବା ସେମାନେ କହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରବର୍ତ୍ତୀ ସମୟରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏନେଇ ଲଛିପୁର ଥାନାଧିକାରୀ ପାରିବାରିକ କଳହ ତଥା ଜମିବାଡ଼ି ବିବାଦର ସମାଧାନ ଥାନାରେ ହୋଇଥିବା କହିଛନ୍ତି। କିନ୍ତୁ ସେ କୌଣସି ପ୍ରକାର ନିର୍ଯାତନା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### କାଳ ହେଲା ଅନଲାଇନ ଗେମ୍ ନିଶା

# ଗାମୁଛା ଲଗାଇ ଆତ୍ମହତ୍ୟା କଲେ ନାବାଳକ



**ବାଲେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଅନଲାଇନ ଗେମ୍ ନିଶା ଜଣେ ନାବାଳକ ପାଇଁ କାଳ ସାଜିଛି। ପରିବାର ଲୋକେ ତାଙ୍କୁ ଗେମ୍ ଖେଳିବାକୁ ବାରଣ କରିବାରୁ ସେ ବାଥରୁମରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ଜଣଙ୍କ ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ। ମିଳିଥିବା ସୂଚନାନୁସାରେ, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଗୁହାଳିପଦା ଗ୍ରାମର ସନ୍ତୋଷ ଜେନାଙ୍କ ପୁଅ ଜୟକୃଷ୍ଣ (୧୩) ଅଧିକାଂଶ ସମୟରେ ଅନଲାଇନ ଗେମ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ତାଙ୍କର ଏପରି ଅଭ୍ୟାସକୁ ପରିବାର ଲୋକେ ବାରମ୍ବାର ବିରୋଧ କରିଆସୁଥିଲେ ମଧ୍ୟ ତାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ଏହି କ୍ରମରେ ଆଜି ସକାଳେ ସେ ପାଠ ନପଢ଼ି ଗେମ ଖେଳୁଥିବାରୁ ଏଥିରେ ମା' ବିରକ୍ତ ପ୍ରକାଶ କରିଥିଲେ। କିନ୍ତୁ ଜୟକୃଷ୍ଣ ପରବର୍ତ୍ତୀ ସମୟରେ ଯାହା କଲେ, ତା' ବୋଧହୁଏ କେହି ବି ଚିନ୍ତା କରିନଥିଲେ। କାରଣ ସେ ମା'ଙ୍କ ତାଗିଦାରେ କ୍ରୋଧାନ୍ୱିତ ହୋଇ ବାଥ୍‌ରୁମ୍‌ରେ ପଶି ନିଜ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ସେ ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଦେଖିବା ବେଳକୁ ଜୟକୃଷ୍ଣଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନେ ତାଙ୍କୁ ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଁ ସିଂଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଘରୋଇ କଲେଜରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

## ଏମ୍ସରେ ଭର୍ତ୍ତି, ଶରୀରର ୧୫ ପ୍ରତିଶତ ପୋଡ଼ିଛି

**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଖଣ୍ଡଗିରି ଥାନା ଅଧୀନସ୍ଥ ଏକ ଘରୋଇ କଲେଜ ପରିସରରେ ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲାର ବିଞ୍ଝାରପୁର ନିବାସୀ ଏହି ଯୁବକ ଜଣଙ୍କ ଉକ୍ତ ଘରୋଇ କଲେଜରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ପରିବାରରେ କିଛି ବିବାଦ ଉପୁଜିଥିବାରୁ ଏହାକୁ କେନ୍ଦ୍ର କରି ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ିଥିବା ଜଣାପଡ଼ିଛି। ଏନେଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଧିକ ତଥ୍ୟ ସଂଗ୍ରହ କରୁଛି।




ଜାତୀୟ ହସ୍ତୀ ଦିବସରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ହାତୀମାନଙ୍କୁ ଖାଦ୍ୟଦ୍ରବ୍ୟ ଦିଆଯାଉଛି

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଶିଳ୍ପରେ ୧୧ଟି ଜିଲ୍ଲା ପଛୁଆ

**ଭୁବନେଶ୍ୱର, ୧୨।୮(ସଂଚାର ବ୍ୟୁରୋ):** ଶିଳ୍ପାୟନକୁ ରାଜ୍ୟର ପ୍ରତିଟି ଜିଲ୍ଲାରେ ପହଞ୍ଚାଇବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଉଦ୍ୟମ କରୁଥିବା କହୁଛନ୍ତି। ସଂସଦରୁ ମିଳିଥିବା ତଥ୍ୟ ଅନୁସାରେ ଏବେବି ରାଜ୍ୟରେ ୧୧ଟି ଜିଲ୍ଲା ଶିଳ୍ପ ଅନୁସାରେ ପଛୁଆ ଭାବେ ଗଣା ହେଉଛନ୍ତି। ସେହି ଜିଲ୍ଲାଗୁଡ଼ିକ ହେଉଛି କଳାହାଣ୍ଡି,

## ଗଜପତିରେ ସର୍ବନିମ୍ନ ୧୮୦୦୦ ଏମ୍‌ଏସ୍‌ଏମ୍‌ଇ

ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ମୟୂରଭଞ୍ଜ। ସାଂସଦ ଡ. ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ସଂସଦକୁ ଜଣାଇଛନ୍ତି ଯେ ଓଡ଼ିଶାରେ ଶିଳ୍ପାୟନରେ ପଛୁଆ ଥିବା ୧୧ଟି ଜିଲ୍ଲାରେ



### କେଉଁ ଜିଲ୍ଲାରେ କେତେ ଏମ୍‌ଏସ୍‌ଏମ୍‌ଇ

| ଜିଲ୍ଲା | ଏମ୍‌ଏସ୍‌ଏମ୍‌ଇ ସଂଖ୍ୟା |
|---|---|
| ଗଜପତି | ୧୮,୦୦୦ |
| ମାଲକାନଗିରି | ୧୮,୪୩୧ |
| ନୂଆପଡ଼ା | ୧୯, ୫୧୩ |
| କନ୍ଧମାଳ | ୨୪,୮୫୩ |
| ନବରଙ୍ଗପୁର | ୨୫,୧୪୧ |
| ରାୟଗଡ଼ା | ୩୧,୮୬୮ |

୪,୨୩,୭୬୦ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ରହିଛି ଓ ସେହି ଶିଳ୍ପଗୁଡ଼ିକରେ ୨୦ ଲକ୍ଷ ୭ ହଜାର ୯୮୯ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗଜପତିରେ ସର୍ବନିମ୍ନ ୧୮ହଜାରଟି ଏମ୍‌ଏସ୍‌ଏମ୍‌ଇ ଥିବା ବେଳେ ମାଲକାନଗିରିରେ ୧୮୪୩୧ ଓ ନୂଆପଡ଼ାରେ ୧୯,୫୧୩ଟି ଏମ୍‌ଏସ୍‌ଏମ୍‌ଇ ରହିଛି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପାଣ୍ଠି ପ୍ରଦାନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜଣାଇଛନ୍ତି ଯେ ୨୦୨୪-୨୫ରେ ରାଜ୍ୟର ୩.୬୬ ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଖାତାକୁ ବ୍ୟାଙ୍କଗୁଡ଼ିକ ୪୪,୯୫୦.୪୪ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୧୮୬୭ଟି ଅଣୁ ଉଦ୍ୟୋଗକୁ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ୫୩.୪୨ କୋଟି ଟଙ୍କା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ୯୬୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ଉପକୂଳ ଅଞ୍ଚଳଗୁଡ଼ିକର ଏମ୍‌ଏସ୍‌ଏମ୍‌ଇ ପାଇଁ କୌଣସି ସ୍ୱତନ୍ତ୍ର ପାଣ୍ଠି କିମ୍ବା ପ୍ୟାକେଜ୍ ବ୍ୟବସ୍ଥା କରାଯାଇନଥିବା ସେ ଗୃହରେ ସୂଚନା ଦେଇଛନ୍ତି।

# ବ୍ରାଜିଲ-ଆମେରିକା ବୈଠକ ଟାରିଫ ବିବାଦ ଯୋଗୁ ରଦ୍ଦ

ସାଓ ପାଓଲୋ, ୧୨।୮: ବ୍ରାଜିଲର ଅର୍ଥମନ୍ତ୍ରୀ ଫର୍ନାଣ୍ଡୋ ହାଦାଦ ସୋମବାର ଦିନ କହିଛନ୍ତି ଯେ, ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ସହିତ ହେବାକୁ ଥିବା ତାଙ୍କର ଏକ ଭର୍ଚୁଆଲ୍ ବୈଠକ ବାତିଲ୍ ହୋଇଯାଇଛି। ଏହି ବୈଠକ ବୁଧବାର ରଖାଯାଇଥିଲା, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଶାସନକାଳୀନ ସମୟରେ ବ୍ରାଜିଲର ଅନେକ ପଣ୍ୟ ଉପରେ ଲାଗୁ କରାଯାଇଥିବା ୫୦ ପ୍ରତିଶତ ଶୁଳ୍କ ବିଷୟରେ ଆଲୋଚନା କରିବା ଏହାର ଉଦ୍ଦେଶ୍ୟ ଥିଲା। ହାଦାଦ ଗ୍ଲୋବୋନ୍ୟୁଜ୍ ଟିଭିକୁ କହିଛନ୍ତି ଯେ, ଏହି ବୈଠକ ପାଇଁ ଏପର୍ଯ୍ୟନ୍ତ ନୂଆ ତାରିଖ ନିର୍ଦ୍ଧାରିତ ହୋଇନାହିଁ, ଯଦିଓ ବ୍ରାଜିଲ ପକ୍ଷରୁ ଏହା ପୁନଃନିର୍ଦ୍ଧାରଣ କରିବା ପାଇଁ ଅନୁରୋଧ କରାଯାଇଥିଲା। ସେ ଦୁଃଖ ବ୍ୟକ୍ତ କରି ଅନୁଭବ କରିଛନ୍ତି ଯେ, ଆମେରିକା ସହିତ ଟ୍ୟାରିଫ୍ (ଶୁଳ୍କ) ବିଷୟରେ କଥାବାର୍ତ୍ତା କରିବା ପାଇଁ ବ୍ରାଜିଲକୁ "ମେଜ ଉପରେ ବସିବା" ଅବସର ମଧ୍ୟ ମିଳିଲା ନାହିଁ। ସେ ୱାଶିଂଟନରେ ଥିବା କିଛି 'ଛଦ୍ମ-ବ୍ରାଜିଲିଆନ୍' ଲବିଷ୍ଟଙ୍କ ଉପରେ ମଧ୍ୟ ଆକ୍ରୋଶ ପ୍ରକାଶ କରିଛନ୍ତି, ଯେଉଁମାନେ ସେମାନଙ୍କ ଅନୁସାରେ ନିଜ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି।

# ଦିଲ୍ଲୀ-ଏନସିଆରରେ ପୁରୁଣା ଯାନବାହନ ଉପରେ ନାହିଁ ନିଷେଧ



ନୂଆଦିଲ୍ଲୀ, ୧୨।୮: ପୁରୁଣା ଯାନବାହନ ମାଲିକମାନଙ୍କ ପାଇଁ ଆଶ୍ୱସ୍ତିର ଖବର ଆସିଛି। ଦିଲ୍ଲୀ-ଏନସିଆରରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ନିଷେଧ କରାଯିବ ନାହିଁ। ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ସରକାରଙ୍କୁ କହିଛନ୍ତି, ଯେଉଁଥିରେ ୨୦୧୮ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ନିଷେଧ କରିବା ପାଇଁ ଦିଆଯାଇଥିବା ଆଦେଶର ପୁନର୍ବିଚାର କରିବାକୁ କୁହାଯାଇଛି। କୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ ଜାରି କରି ଚାରି ସପ୍ତାହ ମଧ୍ୟରେ ଉତ୍ତର ଦାଖଲ କରିବାକୁ କହିଛନ୍ତି। ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରି ଦିଲ୍ଲୀ-ଏନସିଆରରେ ପୁରୁଣା ଡିଜେଲ ଏବଂ ପେଟ୍ରୋଲ ଯାନ ଉପରେ ସମ୍ପୂର୍ଣ୍ଣ ନିଷେଧ ଉପରେ ସମୀକ୍ଷା କରିବାକୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ସରକାର କହିଛନ୍ତି ଯେ ବୟସ-ଭିତ୍ତିକ କଟକଣା ପରିବର୍ତ୍ତେ, ବୈଜ୍ଞାନିକ ମାନଦଣ୍ଡ ଉପରେ ଆଧାରିତ ନିର୍ଗମନ-ଭିତ୍ତିକ କଟକଣା ଲାଗୁ କରାଯିବା ଉଚିତ। ଦିଲ୍ଲୀ ସରକାରଙ୍କ ଆବେଦନ ସୁପ୍ରିମକୋର୍ଟଙ୍କ ୨୯ ଅକ୍ଟୋବର ୨୦୧୮ ର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରେ, ଯେଉଁଥିରେ ୧୦ ବର୍ଷରୁ ପୁରୁଣା ଡିଜେଲ ଯାନ ଏବଂ ୧୫ ବର୍ଷରୁ ପୁରୁଣା ପେଟ୍ରୋଲ ଯାନ ପରିଚାଳନା ଉପରେ ନିଷେଧ କରାଯାଇଥିଲା, ଯାହା ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି) ର ନିର୍ଦ୍ଦେଶକୁ ବଜାୟ ରଖିଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୦,୦୧,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨,୨୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୧୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୪୦୦ ଓ ୯୨ ହଜାର ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫,୦୦୦ ଟଙ୍କା ହୋଇଛି।

# ୫୦ ଦେଶ ସହ ରପ୍ତାନି ବଢ଼ାଇବ ଭାରତ

ନୂଆଦିଲ୍ଲୀ, ୧୨।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ପାଲଟା ଶୁଳ୍କ ଲଗାଇବା ପରେ ଦେଶର ରପ୍ତାନି ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏଭଳି ସମୟରେ ରପ୍ତାନିରେ ସୁଧାର ଆଣିବା ଲାଗି ସରକାର ଏକ ରଣନୀତି ଉପରେ କାମ କରୁଛନ୍ତି। ୫୦ଟି ଦେଶକୁ ଚିହ୍ନଟ କରାଯାଇଛି ଯାହାଙ୍କ ସହ ଦ୍ୱିପାକ୍ଷିକ କାରବାର ବଢ଼ାଇବାକୁ ଉଦ୍ୟମ କରାଯିବ। ଏଥିରେ ମଧ୍ୟପ୍ରାଚ୍ୟ ଓ

## ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ରଣନୀତି

ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ରହିଛନ୍ତି। ସେହି ଦେଶଗୁଡ଼ିକ ଭାରତ ଏହାର ୯୦ ପ୍ରତିଶତ ସାମଗ୍ରୀ ପଠାଉଛି। ଆମେରିକୀୟ ଶୁଳ୍କ ପ୍ରଭାବକୁ ପ୍ରତିହତ କରିବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ଚାରି ସୂତ୍ରୀ ରଣନୀତି ପ୍ରସ୍ତୁତ କରୁଛି। ରପ୍ତାନିରେ ବିବିଧତା ଆଣିବା, ଆମଦାନୀର ବିକଳ୍ପ ବାହାର କରିବା ଏବଂ ରପ୍ତାନିରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବା ଉପରେ କାମ ହେଉଛି। ପ୍ରତିଟି ସାମଗ୍ରୀ ପାଇଁ ସ୍ୱତନ୍ତ୍ର ରଣନୀତି ତିଆରି କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦ଟି ଦେଶକୁ ବିଚାରକୁ ନିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସେଥିରେ ଆଉ ୩୦ଟି ଦେଶକୁ ମିଶାଯାଇଛି। ବିଶ୍ୱସ୍ତରରେ ଶୁଳ୍କ ଅନିଶ୍ଚିତତା କାରଣରୁ ଜୁନ୍‌ରେ ରପ୍ତାନି ୩୫୧୪ କୋଟି ଡଲାରରେ ସ୍ଥିର ରହିଛି। ଏଥି ସହିତ ବାଣିଜ୍ୟ ନିଅଣ୍ଟ ମଧ ୧୮୭୮ କୋଟି ଡଲାର ସ୍ତରକୁ ଖସିଆସିଛି ଯାହା ଚାରି ମାସରେ ସବୁଠୁ କମ୍। ଚଳିତ ବର୍ଷର ଏପ୍ରିଲ୍-ଜୁନ୍ ଅବଧିରେ ରପ୍ତାନି ୧୧,୨୧୭ କୋଟି ଡଲାର ଥିବା ବେଳେ ଆମଦାନୀ ୧୭,୯୪୪ କୋଟି ଡଲାର ରହିଛି।

# ସିଲିକନ୍ କାର୍ବାଇଡ୍ ପ୍ରକଳ୍ପକୁ ସରକାରୀ ସବ୍‌ସିଡି

ଭୁବନେଶ୍ୱର, ୧୨।୮(ସଂଚାର): ଆର୍‌ଆଇଆର୍ ପାୱାର ପକ୍ଷରୁ ଇନ୍‌ଫୋଭାଲିର ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ କ୍ଲଷ୍ଟର୍‌ରେ ସ୍ଥାପନ କରାଯାଉଥିବା ରାଜ୍ୟର ପ୍ରଥମ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ଆର୍ଥିକ ସହାୟତାକୁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମଞ୍ଜୁର କରିଥିବା କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) କମ୍ପାନିକୁ ପୁଞ୍ଜି ସବ୍‌ସିଡି ଦେବା ସମ୍ପର୍କିତ ପ୍ରସ୍ତାବ ମଞ୍ଜୁର କରିବା ସହ ବିଜ୍ଞାପିତ କରିଛି। ଗତବର୍ଷ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କର୍ତ୍ତୃପକ୍ଷ ଓ କ୍ୟାବିନେଟ୍ କମିଟି ୬୧୮ କୋଟି ଟଙ୍କାର ଏହି ପ୍ରକଳ୍ପକୁ ମଞ୍ଜୁର କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପୁଞ୍ଜି ବ୍ୟୟ ପରିମାଣ ୬୫ କୋଟି ଟଙ୍କା ଥିବା ବେଳେ ସରକାରୀ ପୁଞ୍ଜି ସବ୍‌ସିଡି ୩୨ କୋଟି ଟଙ୍କା ରହିଛି। ଏଥିପାଇଁ କମ୍ପାନିର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଡ. ଏଚ୍ ମେହେଟ୍ଟା ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଉନ୍ନତ ପ୍ରଯୁକ୍ତି ଓ ଆଧୁନିକ ବିନିର୍ମାଣ ଦକ୍ଷତା ଉପଯୋଗ କରିବାରେ ଏହି ସହାୟତା ଆମକୁ ସହାୟକ ହେବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଜାନୁଆରିରେ ଏହି ପ୍ରକଳ୍ପକୁ ୫୦ ପ୍ରତିଶତ ପୁଞ୍ଜି ସବ୍‌ସିଡି ଦେବା ସଂକ୍ରାନ୍ତୀୟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିଲା। ଦୁଇଟି ପର୍ଯ୍ୟାୟରେ ୧୧୦ କୋଟି ଟଙ୍କା ସବ୍‌ସିଡି ଦିଆଯିବ।

# ଟଳିଲା ଚୀନ-ଆମେରିକା ଟାରିଫ୍ ଯୁଦ୍ଧ

ନୂଆଦିଲ୍ଲୀ, ୧୨।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନକୁ ଆଶ୍ୱସ୍ତି ଦେଇଛନ୍ତି। ପ୍ରକୃତରେ ଚୀନ୍ ଉପରେ ଲାଗିବାକୁ ଥିବା ଟାରିଫକୁ ୯୦ ଦିନ ପାଇଁ ଘୁଞ୍ଚାଇଛନ୍ତି ଟ୍ରମ୍ପ। ମଙ୍ଗଳବାର ଟ୍ରମ୍ପ ନିଜ ଟ୍ରୁଥ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ତେବେ ଏହା ବାଦ୍ ଦୁଇ ଦେଶ ମଧ୍ୟରେ ପୂର୍ବରୁ ହୋଇଥିବା ସହମତିକୁ ପୂର୍ବଭଳି ରହିବ ବୋଲି କହିଛନ୍ତି ଟ୍ରମ୍ପ। ଏହି ଘୋଷଣା ଫଳରେ ଦୁନିଆର ଦୁଇ ବଡ଼ ଆର୍ଥିକ ଶକ୍ତି ମଧ୍ୟରେ ଟାରିଫ୍‌କୁ ନେଇ ଯେଉଁ ଯୁଦ୍ଧ ହେବାର ଅନୁମାନ କରାଯାଉଥିଲା ତାହା ଏବେ ଟଳିବା ପରି ଦେଖାଯାଉଛି। ଏକ ରିପୋର୍ଟ ଅନୁସାରେ ଏହି ଚୀନ ଉପରେ ପୁଣି ୯୦ ଦିନର ଟାରିଫ୍ ବିରାମ ଆମେରିକା ଏବଂ ଚୀନ ମଧ୍ୟରେ ନିକଟରେ ହୋଇଥିବା ଆଲୋଚନା ପରେ ହୋଇଥିବା ନେଇ ଅନୁମାନ କରାଯାଉଛି। ଜୁଲାଇରେ ସ୍ୱିଡେନରେ ହୋଇଥିବା ଆଲୋଚନା ପରେ ଚୀନ ଉପରେ ଟାରିଫ୍ ଅଗଷ୍ଟ ୧୨ ତାରିଖରୁ ଲାଗିବାର ଥିଲା। ଅର୍ଥାତ ୧୨ ତାରିଖରୁ ଚୀନକୁ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ପୁଣି ଉଚ୍ଚ ଟ୍ୟାକ୍ସ ଲାଗିଥାନ୍ତା। ଟ୍ରମ୍ପ ଏପ୍ରିଲରେ ଦୁନିଆର ୧୦୦ରୁ ଅଧିକ ଦେଶ ଉପରେ ବଡ଼ ଆକାରର ଟାରିଫ୍ ଲଗାଇଥିଲେ। ଏହି ଟାରିଫ୍ ଚୀନ୍ ଏବଂ ଭାରତ ଉପରେ ମଧ୍ୟ ଲାଗିଥିଲା। ଅବଶ୍ୟ ଅଧିକାଂଶ ଦେଶ ପାଇଁ ୯୦ ଦିନର ବିରାମ ଦିଆଯାଇଛି। ଅବଶ୍ୟ କେବଳ ଉପରେ ଟ୍ରମ୍ପଙ୍କ ଆକ୍ରୋଶ ଅଧିକ ଦେଖିବାକୁ ମିଳିଥିଲା। କାରଣ ଟ୍ରମ୍ପ ଚୀନରୁ ଆସୁଥିବା ସାମଗ୍ରୀ ଉପରେ ଆମେରିକାର ୧୪୫% ପର୍ଯ୍ୟନ୍ତ ଟାରିଫ୍ ଲଗାଯିବ ବୋଲି କହିଥିଲେ। ସେହିଭଳି ଚୀନ୍ ମଧ୍ୟ ଏହାର ପ୍ରତିବଦଳରେ ଆମେରିକା ଉପରେ ୧୨୫ ପ୍ରତିଶତ ବଢ଼ାଇଥିଲା। ଏଥିରେ ବିଶ୍ୱ ବଜାରରେ ଅସ୍ଥିରତା ଉତ୍ପନ୍ନ ହୋଇଥିଲା। ହେଲେ ପରେ ଉଭୟ ଦେଶ ଆଲୋଚନା ମାଧ୍ୟମରେ ଟାରିଫ୍ ଉପରେ ରୋକ ଲଗାଇଥିଲେ। ଆମେରିକା ଚୀନ୍ ଉପରେ ଟାରିଫ୍ ୩୦ ପ୍ରତିଶତକୁ ଆଣିଥିବାବେଳେ, ଚୀନ୍ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍‌କୁ କମାଇଛି।



**ପୁଣି ୯୦ ଦିନ ସମୟ ଦେଲେ ଡୋନାଲ୍ଡ ଟ୍ରମ୍ପ**

# ଆଜି ଖୋଲିବ କଟକରେ ଜୟଆଲୁକ୍କାସ ସୋ'ରୁମ୍

ଭୁବନେଶ୍ୱର, ୧୨।୮: ବିଶ୍ୱର ଅଗ୍ରଣୀ ଗହଣା ପ୍ରତିଷ୍ଠାନ ଜୟଆଲୁକ୍କାସ କଟକରେ ଏହାର ପ୍ରଥମ ସୋ'ରୁମ୍‌କୁ ଚଳିତ ମାସ ୧୩ରେ ଖୋଲିବ। ଏହି ଅବସରକୁ ପାଳନ କରିବା ଲାଗି ଜୟଆଲୁକ୍କାସ ପକ୍ଷରୁ ହୀରା ଓ ଅନ୍‌କଟ୍ ହୀରା ଅଳଙ୍କାର ଉପରେ ୨୫ ପ୍ରତିଶତ ରିହାତି ଏବଂ ୧ ଲକ୍ଷ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ସୁନା ଓ ମୂଲ୍ୟବାନ ଷ୍ଟୋନ୍ ଅଳଙ୍କାର ଉପରେ ୫ ଗ୍ରାମର ରୁପା ବାର୍ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଗ୍ରାହକ କିଣାକିଣି ଉପରେ ନିଶ୍ଚିତ ମାଗଣା ଉପହାର ପାଇପାରିବେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉପସ୍ଥିତି ସହ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯାଇଥିବା ଜୟଆଲୁକ୍କାସର ନୂଆ ସୋ'ରୁମ୍ ଏକ ବିଶ୍ୱସ୍ତରୀୟ ତଥା ବିଳାସପୂର୍ଣ୍ଣ ସପିଂ ଅନୁଭୂତି ପ୍ରଦାନ କରିବ। ଗ୍ରାହକମାନେ ଏକ ଚମତ୍କାର ପରିବେଶରେ ପାରମ୍ପରିକ ସୁନା, ବିବାହ ଅଳଙ୍କାର, ହୀରା, ମୂଲ୍ୟବାନ ଷ୍ଟୋନ୍ ଆଦି କିଣିପାରିବେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ସୁନା ଉପରେ କୌଣସି ଶୁଳ୍କ ରହିବ ନାହିଁ

**ୱାଶିଂଟନ, ୧୨।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ବଡ଼ ଘୋଷଣା କରିଛନ୍ତି। ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍ କହିଛନ୍ତି ଯେ, ସୁନା ଉପରେ କୌଣସି ଶୁଳ୍କ ଲାଗୁ ହେବ ନାହିଁ। ପୂର୍ବରୁ, କଷ୍ଟମ୍ସ ଏବଂ ସୀମା ସୁରକ୍ଷା ବିଭାଗ କହିଥିଲା ଯେ, ସୁନା ଉପରେ ଭାରୀ ଟିକସ ଲାଗୁ କରାଯାଇପାରିବ। କିନ୍ତୁ ଟ୍ରମ୍ପ୍ ଏ ବିଷୟରେ ସ୍ଥିତି ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ୍ ଏହି ଘୋଷଣା ଏପରି ସମୟରେ କରିଛନ୍ତି ଯେତେବେଳେ ଭାରତ ଏବଂ ରୁଷିଆ ସହିତ ତାଙ୍କର ଉତ୍ତେଜନା ଲାଗି ରହିଛି। ଟ୍ରମ୍ପ୍ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଏକ ପୋଷ୍ଟ ସେୟାର କରିଛନ୍ତି। ଯେଉଁଥିରେ ସେ ସୁନା ଉପରେ ଶୁଳ୍କ ଲାଗୁ ନକରିବା ବିଷୟରେ ସୂଚନା ଦେଇଛନ୍ତି। ସୁନାକୁ ନେଇ ବଜାରରେ ଏକ ଗୁଜବ ଥିଲା ଯେ, ଏହା ଉପରେ ଏକ ଭାରୀ ଶୁଳ୍କ ଲାଗୁ କରାଯିବ, ଯାହା



ପରେ ସୁନାର ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଥିଲା, କିନ୍ତୁ ଏବେ ଟ୍ରମ୍ପ୍ ଏକ ଆଶ୍ୱସ୍ତି ଖବର ଦେଇଛନ୍ତି। ଗତ ସପ୍ତାହରେ, ଆମେରିକୀୟ କଷ୍ଟମ୍ ଅଧିକାରୀମାନେ ମଧ ଏକ ଚିଠି ଜାରି କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ, ଦୁଇଟି ମାନକ ଓଜନ (ଏକ କିଲୋଗ୍ରାମ ଏବଂ ୧୦୦ ଆଉନ୍ସ) ସୁନା ବାର ଗୁଡ଼ିକୁ ଶୁଳ୍କ ପରିସର ମଧ୍ୟରେ ରଖାଯିବା ଉଚିତ୍। ଏହି ଚିଠି ପରେ, ସୁନା ବ୍ୟବସାୟୀ ଏବଂ ନିବେଶକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଥିଲା ଯେ, ଏହା ଅନ୍ତର୍ଜାତୀୟ ସୁନା ବଜାରକୁ ପ୍ରଭାବିତ କରିବ। ଟ୍ରମ୍ପ୍‌ଙ୍କ ଏହି ସ୍ପଷ୍ଟ ମନ୍ତବ୍ୟ ପରେ ଏବେ ସ୍ଥିତି ସ୍ପଷ୍ଟ ହୋଇଛି ଏବଂ ସୁନା ବାଣିଜ୍ୟ ସହିତ ଜଡ଼ିତ ବ୍ୟବସାୟୀମାନେ ଆଶ୍ୱସ୍ତି ପାଇଛନ୍ତି। ବିଶେଷଜ୍ଞମାନେ

## ଟ୍ରମ୍ପ୍‌ଙ୍କ ବଡ଼ ଘୋଷଣା

ଅନୁମାନ କରୁଛନ୍ତି ଯେ, ଏହି ପଦକ୍ଷେପ ସୁନା ମୂଲ୍ୟ ଏବଂ ଏହାର ବିଶ୍ୱ ବାଣିଜ୍ୟରେ ସ୍ଥିରତା ବଜାୟ ରଖିବ। ଟ୍ରମ୍ପ୍ ଭାରତ ଉପରେ ଅସନ୍ତୁଷ୍ଟ ହୋଇ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଭାରତ ରୁଷିଆଠାରୁ ତେଲ କିଣିବା ଉପରେ ଟ୍ରମ୍ପ୍ କ୍ଷୁବ୍ଧ ହୋଇଛନ୍ତି। ସେ କହିଛନ୍ତି ଯେ, ରୁଷିଆ ଯୁଦ୍ଧକୁ ପ୍ରୋତ୍ସାହିତ କରିବା ପାଇଁ କାମ କରୁଛି। ଟ୍ରମ୍ପ୍ ଭାରତ ସହିତ ବାଣିଜ୍ୟ ଚୁକ୍ତି ଉପରେ ମଧ କ୍ଷୁବ୍ଧ। ଏହି କାରଣରୁ, ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା। ଏବେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି।

# ଅନୁଗୁଳ-ସୁକିନ୍ଦା ରେଳ ପ୍ରକଳ୍ପ ପାଇଁ ୨୫୩୯ କୋଟିର ରିଫାଇନାନ୍ସ ଚୁକ୍ତି

**ଭୁବନେଶ୍ୱର, ୧୨।୮(ସଂଚାର ବ୍ୟୁରୋ):** ଅନୁଗୁଳ-ସୁକିନ୍ଦା ରେଳ ପ୍ରକଳ୍ପ ଲାଗି ଭାରତୀୟ ରେଳ ଫାଇନାନ୍ସ କର୍ପୋରେସନ୍ (ଆଇଆର୍‌ଏଫ୍‌ସି) ସହିତ ୨୫୩୯ କୋଟି ଟଙ୍କାର ରିଫାଇନାନ୍ସ ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରକଳ୍ପର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାମନ୍ତରାୟ ଓ ଆଇଆର୍‌ଏଫ୍‌ସିର ଇଡି ଦୀପା କୋଟ୍‌ନିସ୍ ଋଣ ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ୧୧୩.୪ କିଲୋମିଟର ବିଶିଷ୍ଟ ଅନୁଗୁଳ-ସୁକିନ୍ଦା ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ରେଳ ବିକାଶ ନିଗମ ଲିମିଟେଡ୍ (ଆର୍‌ଭିଏନ୍‌ଏଲ୍), କଣ୍ଟେନର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (କଙ୍କର୍), ଓଡ଼ିଶା ସରକାର ଓ ଘରୋଇ ସଂସ୍ଥାଙ୍କୁ ନେଇ ଏକ ସ୍ପେସିଆଲ୍ ପର୍‌ପସ୍ ଭେଇକିଲ୍ (ଏସ୍‌ପିଭି) ଗଠନ କରାଯାଇଛି। ଏହି ପ୍ରକଳ୍ପ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଫ୍ରେଟ୍ କରିଡର୍ ଯାହା ରାଜ୍ୟର ଦୁଇଟି ଶିଳ୍ପ ଓ ଖଣିଜ ଅଞ୍ଚଳ ମଧ୍ୟରେ କୋଇଲା, ଲୁହାପଥର, ଇସ୍ପାତ ଓ ଅନ୍ୟାନ୍ୟ କଞ୍ଚାମାଲ ପରିବହନ କରିବାର ସୁବିଧା ପ୍ରଦାନ କରୁଥିବା ବେଳେ ସଡ଼କପଥରୁ ପରିବହନ ଯାନ ଭିଡ଼ କମ୍ କରିବାରେ ସହାୟକ ହୋଇଛି।

# ଆଇଡିବିଆଇ ବ୍ୟାଙ୍କ ବିକ୍ରି ବିରୋଧରେ ଧର୍ମଘଟ

**ଭୁବନେଶ୍ୱର, ୧୨।୮(ସଂଚାର ବ୍ୟୁରୋ):** ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ବେଳେ ତାହାକୁ ବିରୋଧ କରି ୟୁନାଇଟେଡ୍ ଫୋରମ୍ ଅଫ୍ ଆଇଡିବିଆଇ ଅଫିସର୍ସ ଆଣ୍ଡ ଏମ୍ପ୍ଲଇଜ୍ (ୟୁଏଫ୍‌ଆଇଓଇ) ପକ୍ଷରୁ ସୋମବାର ସର୍ବଭାରତୀୟ ସ୍ତରରେ ଧର୍ମଘଟ କରାଯାଇଥିଲା। ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଛି। ତାହା ହେଉଛି ବ୍ୟାଙ୍କର ଘରୋଇକରଣକୁ ବନ୍ଦ କରିବା, ୫୦୦୦ କିରାଣୀ ଓ ୨୦୦୦ ସବ୍-ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦେବା, ବିଷାକ୍ତ କର୍ମ ସଂସ୍କୃତି ବନ୍ଦ କରିବା, ଅଫିସରଙ୍କ ପାଇଁ ଦ୍ୱିପାକ୍ଷିକ ବଦଳି ନୀତି ଲାଗୁ କରିବା, ଅଫିସରଙ୍କ ପାଇଁ ଆସବାବପତ୍ର ସୁବିଧା କରିବା ଓ ମେଡିକାଲ୍ ସହାୟତା ପାଣ୍ଠି ସ୍କିମ୍‌କୁ ପୁନର୍ବାର ଲାଗୁ କରିବା।

# ଉତ୍କଳ କୋଅପରେଟିଭ୍ ବ୍ୟାଙ୍କକୁ ଜରିମାନା

ଭୁବନେଶ୍ୱର, ୧୨।୮(ସଂଚାର ବ୍ୟୁରୋ): ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଉତ୍କଳ କୋଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍ ଉପରେ ୨.୫୩ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ରିଜର୍ଭ ବ୍ୟାଙ୍କ ଜାରି କରିଥିବା 'ସୁପରଭାଇଜରି ଆକ୍ସନ୍ ଫ୍ରେମ୍‌ୱର୍କ'ର କେତେକ ନିର୍ଦ୍ଦେଶନାମାକୁ ବ୍ୟାଙ୍କ ପାଳନ କରି ନ ଥିବାରୁ ଏହି ଜରିମାନା ଲଗାଯାଇଛି। ଏ ସମ୍ପର୍କରେ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ବ୍ୟାଙ୍କର ଉତ୍ତର ଓ ବ୍ୟକ୍ତିଗତ ଶୁଣାଣି ପରେ ଜଣାପଡ଼ିଥିଲା ଯେ ରିଜର୍ଭ ବ୍ୟାଙ୍କ ଅନୁମୋଦନ ବିନା ପୁଞ୍ଜି ବ୍ୟୟ କରାଯାଇଥିଲା। ତିନିଟି ଋଣ ସୂଚନା କମ୍ପାନିକୁ ଗ୍ରାହକଙ୍କ ଋଣ ତଥ୍ୟ ଦିଆଯାଇନଥିଲା। କେନ୍ଦ୍ରୀୟ କେୱାଇସି ରେକର୍ଡ ରେଜିଷ୍ଟ୍ରିରେ ଗ୍ରାହକଙ୍କ କେୱାଇସି ରେକର୍ଡ ଅପ୍‌ଲୋଡ୍ କରାଯାଇନଥିଲା। ଅତିକମ୍‌ରେ ୬ ମାସ ଭିତରେ ଥରେ ଲେଖାଏଁ ଖାତାର ରିସ୍କ ବର୍ଗୀକରଣ କରିବାରେ ମଧ ବ୍ୟାଙ୍କ ବିଫଳ ହୋଇଥିବା ରିଜର୍ଭ ବ୍ୟାଙ୍କ ଜଣାଇଛି। କେବଳ ନୀତି ନିୟମ ପାଳନରେ ବିଫଳତା ଯୋଗୁଁ ଏହି ଜରିମାନା ଲାଗୁ କରାଯାଇଛି। ଗ୍ରାହକଙ୍କ ସହ ବ୍ୟାଙ୍କ କରିଥିବା କାରବାର ସହ ଏହାର କୌଣସି ସମ୍ପର୍କ ନଥିବା ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରିଛି।

# ଡିଲେଶ୍ୱର ରଣା ଲାଲକିଲ୍ଲା ସ୍ୱାଧୀନତା ଦିବସର ଅତିଥି



**ନର୍ଲା,୧୨।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ ଯୁବ ଲେଖକ ଡିଲେଶ୍ୱର ରଣାଙ୍କୁ ନୂଆଦିଲ୍ଲୀ ସ୍ଥିତ ଲାଲକିଲ୍ଲାରେ ଆୟୋଜିତ ୭୯ତମ ସ୍ୱାଧିନତା ଦିବସରେ ଯୋଗଦାନ ନିମନ୍ତେ କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ ଯୁବ ଲେଖକ ଡିଲେଶ୍ୱର ରଣାଙ୍କୁ ନିମନ୍ତ୍ରଣ ମିଳିଛି। ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ ହୋଇ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି। କଳାହାଣ୍ଡିର ଜଣେ ଯୁବଲେଖକ ଭାବେ ପ୍ରଥମଥର ପାଇଁ ଲାଲକିଲ୍ଲାସ୍ଥିତ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପତାକା ଉତ୍ତୋଳନ ଓ ଦେଶକୁ ସମ୍ବୋଧନ ପର୍ବରେ ଉପସ୍ଥିତ ହେବ ସହ ସେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାର ସୁଯୋଗ ପାଇଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଧଅଁରାମାଲ ଗାଁରେ ଜନ୍ମିତ ଡିଲେଶ୍ୱରଙ୍କର ଗଳ୍ପ, କବିତା, ଫିଚର ଓ ଗୀତ ରଚନା, ଅଭିନୟ ଓ ଉପସ୍ଥାପନାରେ ବେଶ୍ ରୁଚି ରହିଛି। ତାଙ୍କର ଟାଇମପାସ ପ୍ରକାଶିତ ଗଳ୍ପ ସଂକଳନ 'ସେଁର୍ରା' ଓ ନେସନାଲ୍ ବୁକ୍ ଟ୍ରଷ୍ଟ ପ୍ରକାଶିତ ଉପନ୍ୟାସ 'ମେଳିଭୂଇଁ' ବିପୁଳ ପାଠକୀୟତା ଲାଭ କରିଛି। 'ସେଁର୍ରା' ସଂକଳନର ଶୀର୍ଷକ ଗଳ୍ପକୁ ନେଇ ପ୍ରସ୍ତୁତ ଟେଲିଫିଲ୍ମ ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଆଦୃତ ହୋଇଛି। ସାରସ୍ୱତ ସାଧନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର, ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରସିପ୍, କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ତପସ୍ୟା ସମ୍ଭାବନା ପୁରସ୍କାର, ପଲ୍ଲବନ ଶବ୍ଦ ସମ୍ମାନ, ଦେବଗିରି ଯୁବ ସମ୍ମାନ, କଳାହାଣ୍ଡି ଯୁବ ପ୍ରତିଭା ପୁରସ୍କାର ପାଇବା ସହ କେନ୍ଦ୍ର ସାହିତ୍ୟ ଅକାଦେମୀର ଯୁବସହିତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିସାରିଛନ୍ତି। ସେହିପରି ଦେଶର ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ବଲିଉଡ ଫିଲ୍ମ 'ଏ ରେଡ୍ ଶାର୍ଟ'ରେ ଅଭିନେତା ରଘୁବୀର ଯାଦବଙ୍କ ସହ ଅଭିନୟ କରିଛନ୍ତି। ଜଣେ ଲେଖକ ଭାବେ କଳାହାଣ୍ଡିରୁ ସେ ଜାତୀୟ ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେଉଥିବାରୁ ଅନେକ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକାକୁ ଦୁଷ୍କର୍ମ, ଅଭିଯୁକ୍ତ ଅଟକ

**ପାରାଦୀପ,୧୨।୮ (ସଂଚାର ବ୍ୟୁରୋ):** ପୁଣି ଜଗତସିଂହପୁର ଜିଲ୍ଲାରେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଆସିଛି। ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ନାବାଳିକା ବାପା କମ୍ପାନୀକୁ କାମ କରିବାକୁ ଯାଇଥିବା ଓ ତାର ମା' ଘରେ ନଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଛି। ପ୍ରଥମେ ଅଭିଯୁକ୍ତ କୁମର ଦଳାଇ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ବାପାଙ୍କୁ କୌଣଷି କାମ ପାଇଁ ଖୋଜିଥିଲା। ନାବାଳିକା କବାଟ ଖୋଲି ବାପା ନାହାନ୍ତି କହିବା ପରେ ଅଭିଯୁକ୍ତ ଏହି ସୁଯୋଗରେ ଘର ଭିତରକୁ ପଶିଯାଇ ନାବାଳିକାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ପକ୍ଷ୍ୟରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୁକ୍ତ କୁମର ଦଳାଇଙ୍କୁ ପୁଲିସ ଗିରଫ କରିବା ପରେ ନାବାଳିକାଙ୍କୁ ଅଭୟଚାନ୍ଦପୁର ଥାନାରେ ମହିଳା ପୋଲିସ ଅଧୀକାରିଣୀ ନଥିବାରୁ ପାରାଦୀପ ଆଦର୍ଶ ଥାନାକୁ ନିଆଯାଇ ଜମାନବନ୍ଦୀ କରାଇବା ସହ ଡାକ୍ତରୀ ମାଇନା କରାଯାଇଛି। ପୁଲିସ ଏବେ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ପିଲାଙ୍କ ଭବିଷ୍ୟତ ନଷ୍ଟ କରୁଛି ପାହାଡ଼ି ରାସ୍ତା

**୧୨ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ**

**ପାହାଡ଼ ଭେଦି ପାରୁନି ବିକାଶ**



**ଲାଞ୍ଜିଗଡ଼,୧୨।୮ (ସଂଚାର ବ୍ୟୁରୋ):** ଉଭୟ ସରକାର ପ୍ରଥମେ ଶିକ୍ଷାକୁ ମୌଳିକ ଅଗ୍ରାଧିକାର ଦେଉଥିବାବେଳେ ପ୍ରତ୍ୟେକ ଗାଁରେ ସ୍କୁଲ ନିର୍ମାଣ କରିଛନ୍ତି ସତ କିନ୍ତୁ ଏବେବି ଦୁର୍ଗମ ଅଞ୍ଚଳର ଅନେକ ଗାଁରେ ଶିକ୍ଷା ଲାଭ କରିବାରେ କୌଣସି ବ୍ୟବସ୍ଥା ହୋଇ ପାରିନାହିଁ ଯାହାଫଳରେ ଉକ୍ତ ଗାଁର ଛାତ୍ରଛାତ୍ରୀମାନେ ୮ କି.ମି ଜଙ୍ଗଲୀ ପାହାଡ଼ିଆ ନଦୀ, ନାଳ ଓ ପାଦଚଲା ଖାଲ ଖମା ରାସ୍ତା ଦେଇ ସ୍କୁଲକୁ ଯିବାକୁ ପଡ଼ିଥାଏ। ଏହିଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ଟୁଡଗୁମ୍ଫା ଗାଁରେ। ଉକ୍ତ ଗାଁ ସୁଲିଆ ମୁଖ୍ୟ ରାସ୍ତା ଠାରୁ ହାରାହାରୀ ୮କି.ମି ରହିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୩ କିମି ଦୂରରେ ରହିଛି। ହେଲେ ଗାଁ ପାଖରେ ପିଲାଙ୍କ ପାଠ ପଢ଼ିବା ପାଇଁ କୌଣସି ବିଦ୍ୟାଳୟ ନଥିବାରୁ ୮ କି.ମି ଦୂରରେ ଥିବା କୋଟୋଡ଼ଘାଟି ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ନାମ ଲେଖାଇଛନ୍ତି। କିନ୍ତୁ ଜଙ୍ଗଲୀ ପାହାଡ଼ି ଆବୁଡ଼ା ଖାବୁଡ଼ା ଖାଲଖମା ଓ ତିନି ନଦୀ ରହିଥିବା ବେଳେ ବନ୍ୟପ୍ରାଣୀଙ୍କ ଭୟ ରହିଛି। ଯାହାଫଳରେ ଛାତ୍ରଛାତ୍ରୀଙ୍କୁ ଛାଡ଼ିବାରେ ସୁରକ୍ଷିତ ମଣୁ ନାହାନ୍ତି ଅଭିଭାବକମାନେ।

କୋଟୋଡ଼ଘାଟି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅନେକ ପିଲାଙ୍କ ନାମଲେଖା ହୋଇଥିଲେ ମଧ ପାହାଡ଼ି ରାସ୍ତା ପାଇଁ ସ୍କୁଲ ଆସିବାରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ଅନେକ ପିଲା ସ୍କୁଲ ନ'ଯାଇ ଘରେ ରହୁଛନ୍ତି। ନିଜ ଗାଁ ଠାରୁ ଭଟାଙ୍ଗ ପଦର ସ୍କୁଲ ୧୫କି. ମି ଦୂର ହେଉଥିବା ବେଳେ ଯିବାଆସିବାରେ ସମ୍ଭବ ହେଉ ନାହିଁ। ଫଳରେ ପ୍ରାଥମିକ ଉଚ୍ଚ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ତେବେ ଏମାନଙ୍କୁ ଭଟାଙ୍ଗପଦର ଆବାସିକ ବିଦ୍ୟାଳୟରେ ରହିକି ପାଠ ପଢ଼ିବାର ବ୍ୟବସ୍ଥା କରାଗଲେ ପାଠ ପଢ଼ି ପାରିବେ ବୋଲି ଅଭିଭାବକ ମାନେ ମତପ୍ରକଶ କରିଛନ୍ତି। ଏଥିସହିତ ପିଲାଙ୍କୁ ଶିକ୍ଷାଦାନ ପାଇଁ ଗାଁରେ ନୂତନ ସ୍କୁଲ ନିର୍ମାଣ ପାଇଁ ଦାବି କରିଛନ୍ତି ଫଗନୁ ମାଝୀ, ମଦନୁ ମାଝୀ, ଧମକା ମାଝୀ, ଚନ୍ଦ୍ର ମାଝୀ, ଗଦନ ମାଝୀ, ରାଣୁ ମାଝୀ, ସନ୍ତୋଷ ମାଝୀ ସମେତ ଗ୍ରାମବାସୀ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

**ମନମାନୀ ଚଳାଇଛି ବିଦ୍ୟୁତ୍ ବିଭାଗ**

# ଯନ୍ତ୍ରଣା ବଢ଼ାଉଛି ଅଘୋଷିତ ବିଜୁଳି କାଟ୍

**ବାଲିପାଟଣା,୧୨।୮ (ସଂଚାର ବ୍ୟୁରୋ):** ଗୋଟିଏ ପଟେ ବର୍ଷା ଦିନେ ଆକାଶରୁ ଅଗ୍ନିବର୍ଷା, ଅନ୍ୟପଟେ ତୁହାକୁ ତୁହା ପାୱାର କଟ୍ ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ବାଲିପାଟଣା ଅଂଚଳ ସବୁଠୁ ଆସୁଛି ବିଦ୍ୟୁତକାଟର ବିକଳ ଚିତ୍ର। ସବୁଠି ଯନ୍ତ୍ରଣା ବଢାଉଛି ଅଘୋଷିତ ବିଜୁଳି କାଟ୍। ସରକାରଙ୍କ ତରଫରୁ ବିଦ୍ୟୁତ କାଟ୍ ନକରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ବାଲିପାଟଣାରେ ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଘନ ଘନ ବିଜୁଳି କାଟ ଯୋଗୁଁ ସନ୍ତୁଳି ହେଉଛନ୍ତି ଅଞ୍ଚଳବାସୀ । ଯେତେ ଅଭିଯୋଗ କଲେ ମଧ ଅବସ୍ଥାରେ ସୁଧାର ନାହିଁ । ଥରେ କରେଣ୍ଟ ଗଲେ, କେତେବେଳେ ଆସିବ ତାହା ଜାଣିବା ମୁସ୍କିଲ। ବାରମ୍ବାର କାମ ବାହାନାରେ ଘଣ୍ଟା ଘଣ୍ଟା ଧରି ଲାଇନ୍ କାଟିବା ସତେ ଯେମିତି ନୀତି ଦିନିଆ କଥା। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ତୁହାକୁ ତୁହା ବିଦ୍ୟୁତକାଟ ହେବା ଯୋଗୁଁ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି ଲୋକେ । ଏପରିକି ଦିନକୁ ୫-୬ ଘଣ୍ଟା ବିଜୁଳି କଟୁଥିବା ଅଭିଯୋଗ ମଧ ଆସୁଛି ।

**ରକ୍ଷଣାବେକ୍ଷଣ ଆଳରେ ଦିନକୁ ୪ରୁ ୫ ଘଣ୍ଟା ବିଦ୍ୟୁତ୍ କାଟ**

ବାଲିପାଟଣା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ ଦାୟିତ୍ୱରେ ଥିବା କର୍ମଚାରୀ ଲାଇନ୍ କାଟିବା ସମୟରେ ଓ ଅନ୍ୟ ସମୟରେ ବି ଫୋନ ରିଶିଭ୍ ନକରିବା ଆହୁରି ଦୁଃଖ ଓ ପରିତାପର ବିଷୟ ପାଲଟିଛି ସାଧାରଣ ଲୋକଙ୍କ ପାଇଁ। କିଛିଦିନ ହେବ ରାତିରେ ଘଂଟାଘଂଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ଅଘୋଷିତ ବିଜୁଳି କାଟରେ ଅତିଷ୍ଠ ହୋଇଥିବାରୁ ଅଂଚଳରେ ଜନଅସନ୍ତୋଷ ତେଜୁଛି । ଏଣେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ମଧ ଲୋକଙ୍କର ସମସ୍ୟା ବୁଝୁନଥିବା ଅଭିଯୋଗ ହେଉଛି। ଯନ୍ତ୍ରୀ ଏବଂ ବିଦ୍ୟୁତ ବିଭାଗର କିଛି କର୍ମଚାରୀ ନିଜର ମନମାନୀ ଚଳାଇଛନ୍ତି। ସାଧାରଣ ଲୋକଟି ବିଦ୍ୟୁତ କାହିଁକି କଟିଛି ଏବଂ କେତେବେଳେ ଆସିବ ଏନେଇ ପ୍ରଶ୍ନ କଲେ ସନ୍ତୋଷଜନକ ଉତ୍ତର ମିଳି ପାରୁନାହିଁ। ଦୀର୍ଘଦିନ ହେଲା ବିଭିନ୍ନ ବାହାନା ଦେଖାଇ ଅଘୋଷିତ ହେବା ବିଦ୍ୟୁତ କାଟ୍ କରିବାରୁ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିଭିନ୍ନ ବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା



**କଣାସ,୧୨।୮ (ସଂଚାର ବ୍ୟୁରୋ):** ଆଜାଦ କା ଅମୃତ ମହୋତ୍ସବ ଅବସରରେ ସାରା ଦେଶରେ ପାଳିତ ହେଉଥିବା ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନର ଦ୍ୱିତୀୟ ପର୍ଯ୍ୟାୟର ଶେଷ ଦିବସରେ ଆଜି କଣାସ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ତ୍ରିରଙ୍ଗା ଶୋଭାଯାତ୍ରା ଓ ରାଲି ର ଆୟୋଜନ କରିଛନ୍ତି। ସ୍ୱାଧୀନତାର ଗୌରବ ଉଜ୍ଜୀବିତ ରଖିବା ସହ ପ୍ରତ୍ୟେକ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା କୁ ଅନୁଭବ ଲକ୍ଷ୍ୟରେ ଗତ ଦୁଇ ତାରିଖ ଠାରୁ ଆରମ୍ଭ ହୋଇଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଆଜି କଣାସ ବ୍ଲକ୍ ଅନ୍ତର୍ଗତ ବାରଦା ବାଦଲ ପୁର ଅନ୍ତର୍ଗତ ଗଡ଼ ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ମା କାମେଶ୍ୱରି ପ୍ରକଳ୍ପ ପ୍ରାଥମିକ, ତିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ, ବିର କେଶରୀ ପୁର ପ୍ରକଳ୍ପ ପ୍ରାଥମିକ, ଗଡ଼ ସାନ ପୁଟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିଭ୍ରମଣ କରିଥିଲେ।ପୂର୍ବରୁ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ତ୍ରିରଙ୍ଗା ପତାକାକୁ ନେଇ ରାକ୍ଷୀ ପ୍ରସ୍ତୁତି, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ସଂଯୋଜନା କରିଥିଲେ।

## ବିତ୍ତୀୟ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ



**ବୋରିଗୁମ୍ମା,୧୨।୮ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତ ସ୍ଥିତ ଟାଉନ୍ ହଲ ରେ ଜନ ସୁରକ୍ଷା ଯୋଜନା ଅଧିନସ୍ଥ ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଙ୍କ ଦ୍ୱାରା ଜାରି ହୋଇଥିବା ଜନ କଲ୍ୟାଣ ଯୋଜନା ର ଲାଭ କିପରି ସାଧାରଣ ଜନତା ଙ୍କ ପାଖରେ ପହଞ୍ଚିବ ଏବଂ ସେମାନେ ଉପକୃତ ହେବେ ସେ ନେଇ ମଞ୍ଚସ୍ଥ ଅତିଥି ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ,ମୁଖ୍ୟ ବକ୍ତା ଭାବେ ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରୀ ସୁବାସ ଚନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବ ତୁଷାର କାନ୍ତ କୁମ୍ଭିକା ମଞ୍ଚାସିତ ହୋଇଥିଲେ। ଶାଖା ପ୍ରବନ୍ଧକ ଜଗନ୍ନାଥ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସର ରେ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରେ ଦୁଇ ଲକ୍ଷ ଟଙ୍କା ରାଶି ମୃତ ସୁକାନ୍ତି ପୂଜାରୀ ଙ୍କ ନମିନି ଟୁପୁନ ବେହେରା ଙ୍କୁ ପ୍ରଦାନ କରାଯାଇଥିଲା । ରାମେଶ୍ୱର ପଣ୍ଡା, ସିଦ୍ଧାର୍ଥ ବିଶୋଇ,ସ୍ୱୀକୃତି ମହାପାତ୍ର, ଲକ୍ଷ୍ମୀପ୍ରିୟା ବିଶୋଇ ପ୍ରମୂଖ ବ୍ୟାଙ୍କ୍ ର କର୍ମଚାରି ମଧ ଉପସ୍ଥିତ ଥିଲେ।

## ବିଶ୍ୱ ହସ୍ତୀ ଦିବସ ପାଳିତ




**ବ୍ରହ୍ମପୁର,୧୨।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କଙ୍କିଆ ପଞ୍ଚାୟତ ପୁରୁଣା ପାଟଣା ସ୍ଥିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନରକ୍ଷୀ ଏ. ଦେବୀ ପ୍ରସାଦ ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ମଲଣା, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଷ୍ଟେପ ଅନ ନେଚରର ସ୍ୱାଧୀନ ସାହୁ,ଉପଦେଷ୍ଟା ନଳିନୀ କାନ୍ତ ପରିଡା, ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ସୁଜାତା ରାୟଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ। ସ୍ୱେଚ୍ଛାସେବୀ ପୁରୁଷୋତ୍ତମ ସ୍ୱାଇଁ ପାୱାରପଏଣ୍ଟ ଉପସ୍ଥାପନା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ହସ୍ତୀ ସୁରକ୍ଷା ଓ ତାଳ ବୃକ୍ଷର ଆବଶ୍ୟକତା ଉପରେ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ମଧରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ଆୟୋଜନ କରାଯାଇଛି।

# ବେତନଟୀ ରୋଗୀ କଲ୍ୟାଣ ସମିତି ପକ୍ଷରୁ ରକ୍ତଦାନ ଶିବିର

**ରକ୍ତଦାନ କଲେ ବଡ଼ସାହି ବିଧାୟକ**




**ବେତନଟୀ,୧୨।୮ (ସଂଚାର ବ୍ୟୁରୋ):** ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବେତନଟୀ ରୋଗୀ କଲ୍ୟାଣ ସମିତିପକ୍ଷରୁ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ସିପୁନ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ଓ ବେତନଟୀ ଡାକ୍ତରଖାନାରେ ଏକ ରକ୍ତଭଣ୍ଡାର ଖୋଲିବା ପାଇଁ ପ୍ରତିଶୃତି ଦେଇଥିଲେ।

ସମ୍ମାନୀତ ଅତିଥି ଭାବରେ ସିଡିଏମଓ ଶ୍ରୀଯୁକ୍ତ କିଶୋର କୁମାର ଆଚାର୍ଯ୍ୟ, ଏଡିଏମଓ ବିଜୟ କୁମାର ଦାସ, ବେତନଟୀ ଏସଡିପିଓ ମିନତୀ ବିଶ୍ୱଳ, ଆଇଆଇସି ସସ୍ମିତା ମହାନ୍ତ, ଉତ୍ତର ଓଡ଼ିଶା ସଂସ୍କରଣ ର ସଂଯୋଜକ ଲକ୍ଷ୍ମୀଧର ବାରିକ , ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବେତନଟୀ ସମିତି ସଭ୍ୟ ରଣଜିତ୍ ସିଂ, ରୋଗୀ କଲ୍ୟାଣର ସଦସ୍ୟ ଛତିଶ ପାତ୍ର ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟରଞ୍ଜନ ନାୟକ, ନର୍ସିଂଗ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ , ପୁଣ୍ଡରୀ କାଂସ୍ୟ ଦାସ, ଅର୍ଜୁନ ଦାସ, ନିତିଶ ସାମଲ, ପାର୍ଥ ସାରଥି ମହାନ୍ତ, ସକୁନ୍ତଳା ମହାନ୍ତ, କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୨୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବେତନଟୀ ସତସଙ୍ଗ ବିହାରର ରତିକ ଶିବସ୍ୟ ସାସଲଙ୍କ ନିର୍ଦ୍ଦେଶ କ୍ରମେ ଶତାଧିକ ଭକ୍ତ ଆସି ରକ୍ତଦାନ କରିଛନ୍ତି। ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଅନ୍ନପୂର୍ଣ୍ଣା ଶିଶୁ ସୁରକ୍ଷା କେନ୍ଦ୍ର ଓ ଶକ୍ତି ସଦନ ଗୃହ ପରିଦର୍ଶନ



**ଯାଜପୁର ରୋଡ଼,୧୨।୮ (ସଂଚାର ବ୍ୟୁରୋ):** ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଜୟ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣି ପାର୍ବତୀ ସାହୁ ଓ଼ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଅଚାନକ କଳିଙ୍ଗନଗର ଶିଳ୍ପାଂଚଳରେ ଥିବା ଦାନଗଦି ନୂଆଗାଁ ସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ସୁରକ୍ଷା କେନ୍ଦ୍ର ଓ଼ ଶକ୍ତି ସଦନ ଗୃହ ପରିଦର୍ଶନ କରି ପିଲା ମାନଙ୍କ ସ୍ଥିତି ଓ଼ ଜୀବନଶୈଳୀ ପରଖିବା ସହିତ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।ଅଧିକାରୀ ମାନେ ସେଠାରେ ଥିବା ଖାଦ୍ୟ ପେୟର ବ୍ୟବସ୍ଥା, ପିଲାମାନଙ୍କ ପାଇଁ ଆମୋଦ ପ୍ରମୋଦର ବ୍ୟବସ୍ଥା ସହିତ ଶିକ୍ଷାଦାନର ବ୍ୟବସ୍ଥା ସବୁ ଠିକ ଠାକ ରହିଥିବାରୁ ଅନୁଷ୍ଠାନର ମୁଖ୍ୟ ପବିତ୍ର ମୋହନ ସାହୁଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହିତ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

**ଅମଲାଙ୍କ ଆନ୍ଦୋଳନର ପ୍ରଭାବ**

## ଜାମିନ ପାଇ ମଧ ଦୁଇଦିନ ଅଧିକ ଜେଲରେ ରହିଲେ ଅଭିଯୁକ୍ତ

**ଆନନ୍ଦପୁର,୧୨।୮ (ସଂଚାର ବ୍ୟୁରୋ):** ବନ୍ଧୁଙ୍କ ଗାଡି ଋଣ ପାଇଁ ଗ୍ୟାରେଣ୍ଟର ହୋଇଥିବା ଗାଡି ମାଲିକଙ୍କୁ ଶେଷରେ ଜେଲ୍ ଯିବାକୁ ପଡିଛି। ଏପରିକି ଜେଲ୍ ରେ ୫ଦିନ ରହିବା ପରେ ଜାମିନ ମିଳିଥିବା ବେଳେ ଅମଲାଙ୍କ ଆନ୍ଦୋଳନ ପାଇଁ ଅଧିକ ୨ଦିନ ଜେଲ୍‌ରେ ରହିବାକୁ ପଡିଛି। ଜାମିନ ଆଦେଶ ଥାଇବି ଅଭିଯୁକ୍ତ ଜଣକ ଜାମିନଦାର୍ ଦାଖଲ ଦେଇଥିବା ବେଳେ ଅମଲାଙ୍କ ଆନ୍ଦୋଳନ ଓ କାର୍ଯ୍ୟରେ ଅସହଯୋଗ ପାଇଁ ଅଭିଯୁକ୍ତଙ୍କୁ ଅଧିକ ଦୁଇ ଦିନ ବେଆଇନ୍ ଅଟକ ରଖିବାରେ ଆଇନଜୀବୀ ସୁବାଷ ଚନ୍ଦ୍ର ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଜାମିନଦାର ଜ୍ୟୋତିଶ୍ରୀ ନାଥଙ୍କ ତରଫରୁ କେନ୍ଦୁଝର ଜିଲ୍ଲାପାଳ ଓ ମାନବାଧିକାର ଆୟୁକ୍ତଙ୍କୁ ମେଲ୍ ଜରିଆରେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ଅଭିଯୁକ୍ତଙ୍କୁ ଜାମିନ ଆଦେଶର ଦୁଇ ଦିନପରେ ଜେଲରୁ ମୁକ୍ତି ମିଳିଛି। ଆଇନଜୀବୀ ବିଶ୍ୱାଳଙ୍କ ସୁଚନା ମୁତାବକ ଅଭିଯୁକ୍ତ ରାମଚନ୍ଦ୍ରପୁର ଥାନା କଣ୍ଟାବଣିଆ ଗ୍ରାମର ସ୍ମୃତି ରଞ୍ଜନ ଜେନା ଜଣେ ବନ୍ଧୁଙ୍କ ଟ୍ରକ୍‌କୁ ଚୋରମଣ୍ଡଳମ୍ ଫାଇନାନ୍ସରୁ ଫାଇନାନ୍ସରେ ଆଣିବା ପାଇଁ ଗ୍ୟାରେଣ୍ଟର ହୋଇଥିଲେ। ଏପରିକି ଚୋରମଣ୍ଡଳମ୍ ଫାଇନାନ୍ସ ଗାଡିମାଲିକଙ୍କ ଠାରୁ ଋଣ ପରିଶୋଧ ନହୋଇପାରିବାରୁ ଗାଡିଟିକୁ ନେଇଯାଇଥିଲେ। ଋଣକାରୀ ଋଣ ସୁଝିନପାରିବାରୁ ଫାଇନାନ୍ସ କମ୍ପାନୀ ତରଫରୁ କଲିକତା ୧୫ନଂ ଜୁଡିସିଆଲ୍ ମାଜିଷ୍ଟ୍ରେଟ କୋର୍ଟରେ ମକଦ୍ଦମା ଦାଖଲ କରିଥିଲେ। ଫଳରେ ଗ୍ୟାରେଣ୍ଟର ସ୍ମୃତିରଞ୍ଜନଙ୍କୁ ସମନ ଓ ପରେ ୱାରେଣ୍ଟ ଜାରି ହୋଇଥିଲା। ରାମଚନ୍ଦ୍ରପୁର ଥାନା ତରଫରୁ ଅଭିଯୁକ୍ତଙ୍କୁ ଗତ ଅଗଷ୍ଟ ୭ ତାରିଖରେ ଗିରଫ କରି ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିଲେ। ଜାମିନ ରଦ୍ ହୋଇଯିବାରୁ ଅଭିଯୁକ୍ତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆନନ୍ଦପୁରଙ୍କ ଅଦାଲତରେ ଜାମିନ ଆବେଦନ କରିଥିଲେ। ତେବେ ଅମଲାଙ୍କ ଆନ୍ଦୋଳନ ବାହାନାରେ ଅଭିଯୁକ୍ତଙ୍କ ଜାମିନ ଆଦେଶ ଉପଖଣ୍ଡ ଜେଲ୍ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରିନଥିଲା। ଫଳରେ ଅଭିଯୁକ୍ତ ଜେଲ୍ ରୁ ମୁକୁଳିପାରିନଥିଲେ। ତେବେ ଆଜି ମଧାହ୍ନ ପରେ ସ୍ମୃତିରଞ୍ଜନ ଜେଲ୍ ରୁ ମୁକୁଳିଥିଲେ।

**ସ୍କିମାଟିକ୍ ନିଯୁକ୍ତ ଉଚ୍ଛେଦ ପ୍ରସ୍ତାବ ପ୍ରସଙ୍ଗ**

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କଲା କନିଷ୍ଠ ଶିକ୍ଷକ ସଂଘ

**ଖୋର୍ଦ୍ଧା,୧୨।୮ (ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତ ପ୍ରକ୍ରିୟାକୁ ହଟାଯିବ। ସ୍କିମାଟିକ୍ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ନିୟମିତ କରାଯିବ। ସ୍କୁଲରେ ୨୦୩୬ ସୁଦ୍ଧା ୪୪୦୦୦ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରାଯିବ। ଏପରି ସୁପାରିଶ କରିଥିଲା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ। ଏ ନେଇ ଗତ ୨ ତାରିଖରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ମଧ ପ୍ରକାଶ ପାଇଥିଲା। ୫ ଦିନ ପରେ ଚିଠିକୁ ପ୍ରତ୍ୟାହାର କରିଛି ବିଭାଗ। ବିଭାଗ ପକ୍ଷରୁ ଓ.ସେ.ପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରାଥମିକ ଓମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। କୁହାଯାଇଛି ଉପଯୁକ୍ତ ସ୍ତରରେ ଏହାକୁ ଏ ପର୍ଯ୍ୟନ୍ତ ଅନୁମୋଦନ କରାଯାଇନାହିଁ। ତେଣୁ ଚିଠିକୁ ପ୍ରତ୍ୟାହାର କରାଯାଉଛି। ଚିଠିର ପ୍ରତ୍ୟାହାରକୁ କନିଷ୍ଠ ଶିକ୍ଷକ ସଂଘ ଓ ପ୍ରାଥମିକ ଶିକ୍ଷକ ମଧରେ ଅସନ୍ତୋଷର ଦାନା ବାନ୍ଧିଛି। ଏହି ପରିପ୍ରେକ୍ଷୀରେ ଆଜି ନିୟମିତ ଶିକ୍ଷକ ଦାବୀରେ କନିଷ୍ଠ ଶିକ୍ଷକ ସଂଘର ଜିଲା ସଭାପତି ଅଶୋକ କୁମାର ସେଠୀ, ଓ ସମ୍ପାଦକ ଦିନେଶ ମହାରଥି ଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରୁ ୨୦୦ରୁ ଅଧିକ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନା ଯୋଗ୍ୟ ଗତ ଅଗଷ୍ଟ ୨ତାରିଖ ବିଧାନସଭା କମିଟି ତଥା ବିଦ୍ୟାଳୟ ଗଣଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ସ୍ତରରୁ ଚୁକ୍ତିପ୍ରଥା ଉଚ୍ଛେଦ ତଥା ନିୟମିତ ନିମନ୍ତେ ପ୍ରସ୍ତାବ ପତ୍ର ପାରିତ ହୋଇଥିଲା। ପ୍ରସ୍ତାବ ପତ୍ରକୁ ପ୍ରତ୍ୟାହୃତ କରିଯାଇଥିବାରୁ କନିଷ୍ଠ ଶିକ୍ଷକ ସଂଘ ଦୃଢ଼ ନିନ୍ଦା କରିବା ସହିତ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ଏହି ଦାବୀପତ୍ର ତୁରନ୍ତ ସରକାର ଦୃଷ୍ଟିଗୋଚର କରିବା ପରିପ୍ରେକ୍ଷୀରେ କନିଷ୍ଠ ଶିକ୍ଷକ ସଂଘ ଶାଖା ଖୋର୍ଦ୍ଧା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କୁ ଅନୁରୋଧ କରିଛନ୍ତି। ଯଦି ସରକାର ଆଗାମୀ ଦିନରେ ଉକ୍ତ ପ୍ରସ୍ତାବକୁ ଦୃଢ଼ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ କନିଷ୍ଠ ଶିକ୍ଷକମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହାକୁ ଦୃଢ଼ ସମର୍ଥନ କରିଛି ପ୍ରାଥମିକ ଶିକ୍ଷକ ସଂଘ, ଖୋର୍ଦ୍ଧା। ସରକାର ପୁର୍ନବାର ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ସରକାର ଯଦି ଟାଳଟୁଳ ନୀତି ଅବଲମ୍ବନ କରନ୍ତି ରାଜ୍ୟ ସାରା ସମସ୍ତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ସେଥିପାଇଁ ଯାହା କ୍ଷତି ହେବ ସରକାର ଦାୟୀ ରହିବେ।




# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଅଭ୍ୟାସ ପ୍ୟାରେଡ୍ ଓ ସାଂସ୍କୃତିକ ଦଳ ଚୟନ



**ଖୋର୍ଦ୍ଧା ,୧୨।୮ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ୩ .୦୦ ଘଟିକା ସମୟରେ ଜିଲ୍ଲା ସଦର ମହକୁମା ବି. ଜେ.ବି ହାଇସ୍କୁଲ ଖେଳ ପଡ଼ିଆରେ ରିଜର୍ଭ ଇନ୍ସପେକ୍ଟର ଅଫ ପୋଲିସ ଶ୍ରୀ ସତ୍ୟକାନ୍ତ ମନୋରଞ୍ଜନ ଜେନାଙ୍କ ପରିଚାଳନାରେ ଅଭ୍ୟାସ ପ୍ୟାରେଡ୍ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଅଭ୍ୟାସ ପ୍ୟାରେଡ୍ ରେ ଆଇ ଟି ବି ପି, ତରଦୁଆ ସମେତ ଏ ପି ଆର, ଗୃହରକ୍ଷୀ ବାହିନୀ, ପୋଲିସ ବ୍ୟାଣ୍ଡ ପାର୍ଟି ଏବଂ ବିଭିନ୍ନ ମହାବିଦ୍ୟାଳୟ,ଉଚ୍ଚ ମାଧମିକ ବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ଏନ୍ ସି ସି, ସ୍କାଉଟ୍,ଗାଇଡ, ସିଭିଲିଆନ୍ ବିଭାଗରେ ବିଭିନ୍ନ ବର୍ଗର ପ୍ଲାଟୁନ କୁ ନେଇ ୫୪ ଟ୍ରୁପ୍ ଅଂଶ ଗ୍ରହଣ କରିଥିଲେ। ଆସନ୍ତା କାଲି ପୂର୍ବାହ୍ନ ୮.୦୦ ଘଟିକାରେ ତୃତୀୟ ଅଭ୍ୟାସ ପ୍ୟାରେଡ୍ ଅନୁଷ୍ଠିତ ହେବ ଯେଉଁ ମାନେ ସ୍ୱାଧୀନତା ଦିବସ ୧୫ ଅଗଷ୍ଟ ମୁଖ୍ୟ ଉତ୍ସବ ପ୍ୟାରେଡ୍‌ରେ ଭାଗ ନେବେ। ସେହିପରି ଆଜିର ଅଭ୍ୟାସ ପ୍ୟାରେଡ୍ ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟାଳୟର କର୍ମଚାରୀ,ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ବି ଜେ ବି ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଚିନ୍ମୟ ମାର୍ଥା , ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି କବିରାଜ ପ୍ରଧାନ ଓ ସମସ୍ତ ଟ୍ରୁପ ର ଗାଇଡ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

### ରାତାରାତି ଏନକ୍ଲୋଜମେଣ୍ଟ,ପ୍ରଶାସନର ଅଜବ ନିୟମ ଗରିବକୁ ନାଁ ଧନୀକୁ ହଁ

# ତହସିଲ କାର୍ଯ୍ୟାଳୟର ସାଇନବୋର୍ଡକୁ ବି ଅନ୍ୟତ୍ର ସ୍ଥାନାନ୍ତର




**ବଲାଙ୍ଗିର,୧୨।୮(ସଂଚାର ବ୍ୟୁରୋ):** ସହର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କିଛିଦିନ ତଳେ ରାତାରାତି ଜଣେ ବେସରକାରୀ ବସ୍ ର ଅଗ୍ରୀମ ଟିକେଟ କାଟୁଥିବା ବ୍ୟକ୍ତି ସରକାରୀ ଜାଗା ଉପରେ ଟିଣ ଚଦରର ଦୋକାନ କରି ଏନକ୍ଲୋଜମେଣ୍ଟ କରିଛନ୍ତି। ଏପରିକି ରାସ୍ତା କଡରେ ଲାଗିଥିବା ତହସିଲଦାରଙ୍କ କାର୍ଯ୍ୟାଳୟର ବୋର୍ଡକୁ ମଧ୍ୟ ଏହି ଦୋକାନୀ ଜଣକ କାଟି ଦେଇ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିବା ଦେଖିବାକୁ ମିଳିଛି। ଏପରିକି ଉକ୍ତ ସାଇନ ବୋର୍ଡଟି ଏବେ ଢାଙ୍କି ହୋଇଯାଇଥିବା ବେଳେ ତାକୁ କାଟି ଦେଇଥିବାରୁ ଛୋଟ ହୋଇଯାଇଛି। ବଲାଙ୍ଗିର ପୌରପରିଷଦ ରାସ୍ତା କଡରେ ସକାଳୁ ଆସି ଦିନ ୧ଟା ବ୍ୟବସାୟ କରି ଘରକୁ ଫେରିଯାଉଥିବା ଛୋଟଛୋଟ ଗରିବ ବ୍ୟବସାୟୀଙ୍କୁ ରାସ୍ତାକଡରୁ ହଟାଇ ଦେଉଛି। କିନ୍ତୁ ଏତେ ବଡ ଦୋକାନ ଗୃହଟିକୁ କିଏ ରାତାରାତି ତିଆରି କରି ପକାଇଛି ଏବଂ ଆଜକୁ ଗୋଟିଏ ସପ୍ତାହ ହୋଇଗଲା ପରେ ମଧ୍ୟ ଉକ୍ତ ବ୍ୟକ୍ତି ଜଣକ ଉକ୍ତ ସ୍ଥାନରେ ବେଧଡକ ବ୍ୟପାର କରୁଛନ୍ତି। ଜିଲ୍ଲା ପ୍ରଶାସନ ସବୁ ଜାଣି ଚୁପ ରହିଥିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଠାରେ ପ୍ରାଇଭେଟ ବସ୍ ର ଅଗ୍ରୀମ ଟିକେଟ କଟାଯାଉଛି ଏବଂ କିଛି ବସ ମାଲିକ ମଧ୍ୟ ଏଠାରେ ବସାଉଠା କରୁଥିବା ଦେଖାଯାଉଛି। ଯେହେତୁ ପୌରପରିଷଦ ଅଧ୍ୟକ୍ଷାଙ୍କ ଶଶୁର ପ୍ରାଇଭେଟ ବସ୍ ଏସୋସିଏସନର ସଭାପତି ଅଛନ୍ତି ତେଣୁ ପ୍ରଚ୍ଛଦପଟରେ ତାଙ୍କର ହାତ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଏନେଇ ପୂର୍ବରୁ ଉକ୍ତ ସ୍ଥାନରେ ବ୍ୟବସାୟ କରୁଥିବା ଦାମୋଦର ବାରିକ, ସୁବାସ ବରାଡ ଓ ଶାସତ ଦାଲାଇ ନାମକ ତିନିଜଣ ବ୍ୟକ୍ତି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଲିଖିତ ଆକାର ଜଣାଇଛନ୍ତି ଯେ, ଅମ୍ଭେମାନେ ଏଠାରେ ଦୀର୍ଘଦିନ ହେବ ବ୍ୟବସାୟ କରି ଆମର ପରିବାର ପ୍ରତିପୋଷଣ କରୁଥିଲୁ। କିନ୍ତୁ ଜିଲ୍ଲା ପ୍ରଶାସନ ଜବର ଦଖଲ ହଟାଇବା ବାହାନାରେ ଆମର ଦୋକାନ ଗୃହ ଭାଙ୍ଗି ଆମକୁ ଏହି ସ୍ଥାନରୁ ହଟାଇଦେଲା ଏବଂ ଦୁଇବର୍ଷ ଧରି ଏହି ଯାଗା ଖାଲି ପଡ଼ିଥିଲା। ଗତ କିଛିଦିନ ହେଲା ଏଠାରେ କିଏ ଜଣେ ଦୋକାନ ଖୋଲିଛନ୍ତି। ତେଣୁ ଆମ୍ଭମାନଙ୍କୁ ଉକ୍ତ ସ୍ଥାନରେ ଦୋକାନ ଗୃହ ଯୋଗାଇଦେବାକୁ ଶ୍ରୀ ମିଶ୍ରଙ୍କୁ ସେମାନେ ଅନୁରୋଧ କରିଛନ୍ତି।

## ସଫଳ ହେଲା ବିଜେଡିର ରାଇଘର ବନ୍ଦ ଡାକରା

### ନର୍ସିଂ ଛାତ୍ରୀଙ୍କ ପରିବାରକୁ ମିଳିଲା ଆର୍ଥିକ ସହାୟତା



**ରାଇଘର,୧୨।୮(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରିମୁଣ୍ଡା ଗ୍ରାମର ନର୍ସିଂଗ ଛାତ୍ରୀ ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ମୃତ୍ୟୁ ବରଣ କରିଥିଲେ। ଦୀର୍ଘ ୧୨ ଘଣ୍ଟା ରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ୍ୟ ବିଜେଡି କର୍ମୀ ଓ ଛାତ୍ରୀ ଙ୍କ ପରିବାର ଲୋକେ ମୃତ ଶରୀର ରଖି ପ୍ରତିବାଦ କରିଥିଲେ। ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ରେ ଗାଡି ମଟର ଅଖ ଚକ ବନ୍ଦ ରହିବା ସହ ଦୋକାନ ବଜାର ବନ୍ଦ ରହିଥିଲା। ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଏକ ଲକ୍ଷ ଟଙ୍କା, ବିଧାୟକ ଙ୍କ ସ୍ୱତନ୍ତ୍ର ପାଣ୍ଠି ରୁ ଏକ ଲକ୍ଷ, ଜିଲ୍ଲାପାଳ ଙ୍କ ଚିଠି ଜରିଆରେ ପାଞ୍ଚ ଲକ୍ଷ, ରେଡ଼କ୍ରସ ପକ୍ଷ ରୁ ୩୦୦୦୦ ଟଙ୍କା, ଆବାସ ଯୋଜନା ରେ ଘର ସାନଭାଇ କୁ ଆସ୍ଥାୟୀ ଚାକିରୀ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଶବ ଦାହ କରାଯାଇଥିଲା।

## ଦେଶୀ ମଦ ସହିତ ସ୍କୁଟି ଜବତ ; ୩ ଗିରଫ



**ବାରିପଦା,୧୨।୮(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଧାଂଶୁ କୁମାର ବେହେରା ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ଛକ ଏବଂ ବିଶୋଇ ଥାନା ଅନ୍ତର୍ଗତ ବାଙ୍କଭୋଳ ମେଳା ପଡ଼ିଆରେ ଚଢ଼ାଉ କରାଯାଇ ୧୩୦ ଲିଟର ଦେଶୀ ରନ୍ଧା ମଦ ଏବଂ ଗୋଟିଏ ସ୍କୁଟି (ଓଡି-୧୧ଏଡି-୫୦୦୭) ଜବତ କରାଯିବା ସହିତ ମୋଟ ୦୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀ ମାନେ ହେଲେ କାଦୁଆଣୀ ଗ୍ରାମର ଡୋମାନ ସୋରେନ, ଶରଗଡ଼ା ଗ୍ରାମର ମାଥୁ ନାଏକ ଓ ଜୁଡ଼ିଆ ଗ୍ରାମର ମାନି ମୁର୍ମୁ। ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ସ୍କୁଟିର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବର, ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି, କନେଷ୍ଟବଳ ଦିଲ୍ଲୀପ ଜେନା, ଅରୁଣ କୁମାର ମୁଦୁଲି, ବୁଦ୍ଧଦେବ ମହନ୍ତ, ସୁରେନ୍ଦ୍ର ସୋରେନ ପ୍ରଭୃତି ସାମିଲ ଥିଲେ। ଏନେଇ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ୦୩ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି।

## ବିଜେପି ନଗର ମଣ୍ଡଳ ତରଫରୁ ହର ଘର ତ୍ରିରଙ୍ଗା ବଣ୍ଟନ

**ସୁନ୍ଦରଗଡ଼,୧୨।୮(ସଂଚାର ବ୍ୟୁରୋ):** ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଅପରାହ୍ନ ୪ ଘଟିକା ସମୟରେ ସୁନ୍ଦରଗଡ଼ ବିଜେପି ନଗର ମଣ୍ଡଳ ତରଫରୁ ବିର୍ସାମୁଣ୍ଡା ଛକ ଠାରୁ ହର ଘର ତ୍ରିରଙ୍ଗା ବଣ୍ଟନ କରିଥିଲେ।

ସୁନ୍ଦରଗଡ଼ ବିଜେପି ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ବିଜେପି କର୍ମୀ ମାନେ ସମସ୍ତ ଘର, ଦୋକାନ ରେ ତ୍ରିରଙ୍ଗା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ପୂର୍ବତନ ବିଧାୟିକା କୁସୁମ ଟେଟେ ଯୋଗଦାନ କରି ହର ଘର ତ୍ରିରଙ୍ଗା ବଣ୍ଟନ କରିଥିଲେ।

ପ୍ରଥମେ ବିର୍ସାମୁଣ୍ଡା ଛକରୁ ବାହାରି ପାଲ ହୋଟେଲ ଛକ, କଚେରୀ ରାସ୍ତା, ପୁରୁଣା ବସଷ୍ଟାଣ୍ଡ, ଡିଆରଡିଏ ଛକ ଦେଇ ହସ୍ପିଟାଲ ଛକ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଜନ ସାଧାରଣଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ ।

## ‘ଶିକ୍ଷା ମୋର ଅଧିକାର’ କାର୍ଯ୍ୟକ୍ରମ



**ନର୍ଲା,୧୨।୮(ସଂଚାର ବ୍ୟୁରୋ):** ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସ୍ଏ ଓ ଦଶରା ପଟନାର ସଂଯୁକ୍ତ ପ୍ରୟାସରେ ଶିକ୍ଷା ମୋର ଅଧିକାର କାର୍ଯ୍ୟକ୍ରମ ନର୍ଲା ବ୍ଲକ ଉଲିକୁପା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଯିବା ସହିତ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦାନ୍ତ ମଞ୍ଜନ ଓ ଦାନ୍ତ ଘସା ପ୍ରଦାନ କରାଯାଇଥିଲା। ବାଳବାଟିକା, ପ୍ରାଥମିକ, ମଧ୍ୟମିକ, ଉଚ୍ଚ ଓ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପରୀକ୍ଷାରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରୁ ଚୟନିତ ୨-୨ ଜଣ ଛାତ୍ରଛାତ୍ରୀଙ୍କୁ ୧୫୦୦ ଟଙ୍କାର ଭାଉଚର ପ୍ରଦାନ କରାଗଲା ଓ ସେମାନଙ୍କୁ ୧୫ ମାସ ପର୍ଯ୍ୟନ୍ତ ନିଶୁଳ୍କ ଟ୍ୟୁସନ ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସ୍ଏ ଦ୍ୱାରା ଦିଆଯିବ। ଏହି ଅବସରରେ ନେହରୁ ଯୁବ କେନ୍ଦ୍ରର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇଙ୍କୁ କମ୍ୟୁନିଟି ହିରୋ ଭାବେ ସମ୍ମାନିତ କରାଯାଇଥିଲା। ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସଏ ଓ ଦଶରା ପଟନାର ପ୍ରୋଗ୍ରାମ କୋଅର୍ଡିନେଟର ଫଲେନ୍ଦ୍ର ପଟେଲ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷକବୃନ୍ଦ ସହଯୋଗ କରିଥିଲେ।

## ପେଟ୍ରୋଲିୟମ ଡିଲର ଆସୋସିଏସନର ବୈଠକ

**ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ସହ ଅଲୋଚନା କରିବାକୁ ୭ଜଣିଆ କମିଟି ଗଠିତ**



**ବଲାଙ୍ଗିର,୧୨।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଏକ ହୋଟେଲରେ ବଲାଙ୍ଗିର ଜିଲ୍ଲା ପେଟ୍ରୋଲିୟମ୍ ଡିଲର ଏସୋସିଏସନ ର ଜିଲ୍ଲା ସଭାପତି ଆକାଶ ମିଶ୍ରଙ୍କ ସଭାପତିତ୍ୱରେ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ପ୍ଲାଷ୍ଟିକ ବୋତଲ କିମ୍ବା ପ୍ଲାଷ୍ଟିକ ଯାରରେ ପେଟ୍ରୋଲ କିମ୍ବା ଡିଜେଲ ଦେବାକୁ ମନା କରାଯାଇଛି। ତେଣୁ ଚାଷୀ ଚାଷ କାମ ପାଇଁ ଟ୍ରାକ୍ଟରେ ବ୍ୟବହୃତ କରୁଥିବା ଡିଜେଲ ନେବାରେ ଅସୁବିଧା ହେଉଥିବା ବେଳେ ଲୋକେ ରାସ୍ତାରେ ଗାଡିରେ ପେଟ୍ରୋଲ ସରିଗଲେ ନାହିଁ ନଥିବା ଅସୁବିଧା ସମୁଖୀନ ହେଉଛନ୍ତି। ଯଦି ପେଟ୍ରୋଲ ଦେଲେ ପୋଲିସ ଧରୁଛି, ନଦେଲେ ପେଟ୍ରୋଲ ପମ୍ପ ସହିତ ଲୋକେ ଝଗଡ଼ା କରୁଛନ୍ତି ତାକୁ ନେଇ ବିସ୍ତୃତ ଅଲୋଚନା ହୋଇଥିଲା। ସେପଟେ ଜିଲ୍ଲା ଯୋଗାଣ ବିଭାଗ ପେଟ୍ରୋଲ ଟାଙ୍କି ଗୁଡିକର ନବୀକରଣ ପାଇଁ ଟଙ୍କା ମାଗୁଥିବା ଏବଂ ଟଙ୍କା ନଦେଲେ ନବୀକରଣ କରୁନଥିବା ସଭାପତି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ସେଥିପାଇଁ ଟଙ୍କା ଦେଇଥିବା କିଛି ପେଟ୍ରୋଲ ଟାଙ୍କିର ନବୀକରଣ ହୋଇଥିବା ବେଳେ ଅନ୍ୟମାନେ ଟଙ୍କା ଦେଇ ପରୁନଥିବାରୁ ଉକ୍ତ ଟାଙ୍କି ଗୁଡକର ନବୀକରଣ ହୋଇ ପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଫାଏର ସେଫ୍ଟି, ଯୋଗାଣ ବିଭାଗ ଓ ୱେଟ ଏଣ୍ଡ ମେଜରମେଣ୍ଟ ବିଭାଗର ଅଧିକାରୀମାନେ ଆସି ପେଟ୍ରୋଲ ପମ୍ପମାନଙ୍କୁ ବିଭିନ୍ନ ଆଳ ଦେଖାଇ ହଇରାଣ କରୁଛନ୍ତି ଉପସ୍ଥିତ ପମ୍ପ ମାଲିକମାନେ ଆଲୋଚନା କରିଥିଲେ। ଗାଡିରେ ଡିପୋରୁ ଲୋଡ ହୋଇ ଆସୁଥିବା ପେଟ୍ରୋଲ ଓ ଡିଜେଲକୁ ରାସ୍ତାରେ ବେଆଇନ ଭାବରେ କାଢି ବିକ୍ରି କରୁଥିବା ଲୋକଙ୍କ ଉପରେ କିପରି ଲଗାମ ଲଗାଯାଇ ପାରିବ ସେନେଇ ଜିଲ୍ଲା ଏସପିଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ହୋଇଥିଲା। କିଛି ଡିଲର ଡିସକାଉଣ୍ଟ କରି ବିକ୍ରି କରୁଛନ୍ତି ତାକୁ ମଧ୍ୟ ସମସ୍ତ ଡିଲର ଧ୍ୟାନ ଦେବାକୁ ସଭାପତି ଅନୁରୋଧ କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ବ୍ଲକ ସ୍ତରୀୟ ପ୍ରତିଯୋଗିତା



**ବୋରିଗୁମ୍ମା,୧୨।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବ୍ଲକ ପ୍ରଶାସନ ର ଆନୁକୁଲ୍ୟ ରେ ସ୍ୱାଧୀନତା ଦିବସ ପାଳନ ଅବସର ରେ ବରିଷ୍ଠ ବିଭାଗ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଦାଶରଥି ଗୌଡ଼ ଓ କାର୍ଯ୍ୟକ୍ରମ ର ସଂଯୋଜକ ଅଧ୍ୟାପକ ଡ ପ୍ରଦୀପ କୁମାର ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ବିଭାଗ ର ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏଥିରେ ଅଞ୍ଚଳ ର ବରିଷ୍ଠ କଳାକାର ଶ୍ରୀଯୁକ୍ତ ସୁରେଶ କୁମାର ରାଉତ, ତାରିଣୀ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଅଚାରୀ ପ୍ରମୁଖ ବିଚାରକ ରୁପେ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଭୈରବ ଡିଗ୍ରୀ କଲେଜ ର ଅଧ୍ୟାପକ ଡ ସଦାଶିବ ତ୍ରିପାଠୀ, କିଶୋର ଚନ୍ଦ୍ର ଡିଗ୍ରୀ କଲେଜ ର ଅଧ୍ୟକ୍ଷ ସରୋଜ କୁମାର ପ୍ରହରାଜ, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ସୁନିଲ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଅନୁଷ୍ଠିତ ପ୍ରତିଯୋଗୀତା ରେ ନୃତ୍ୟ ରେ ଶ୍ରିକନ୍ୟା ନାହାକ, ମିତ୍ର ଦିଶାରି, କେ. ଭୂମିକା, ସଙ୍ଗୀତ ରେ ଅନିରୁଦ୍ଧ ପଢ଼ାଲ, ସୁରଜ ସଗରିଆ, କସ୍ତୁରୀ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରି ଥିଲେ। କାର୍ଯ୍ୟକ୍ରମ ରେ ବ୍ଲକ ର ବିଭିନ୍ନ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଡ ସୁଧାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରି ଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଅଧ୍ୟାପକ ବିଶ୍ୱଜିତ ପଣ୍ଡା, ମୁରଲୀ ଧର ଭଟ୍ଟ, ଅଶୋକ କୁମାର ପଣ୍ଡା, ନିହରିକା ପଣ୍ଡା ଏବଂ କର୍ମଚାରୀ ସୁରେଶ ଦାସ ପ୍ରମୁଖ ଯୋଗ ଦେଇ ପରିଚାଳନା କରିଥିଲେ।

## ରାଜସ୍ୱ ଅମଲା ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ସରକାରୀ କାର୍ଯ୍ୟ ଠପ୍



**ସୁବର୍ଣ୍ଣପୁର,୧୨।୮(ସଂଚାର ବ୍ୟୁରୋ):** ରାଜସ୍ୱ ଅମଲା ମାନଙ୍କ ସାମୁହିକ ଛୁଟି ଆଜି ଦ୍ୱିତୀୟ ଦିନରେ ସୁବର୍ଣ୍ଣପୁର ଜିଲ୍ଲା ସମସ୍ତ ତହସିଲ ଅଫିସ, ବ୍ଲକ ଅଫିସ, ଉପ ଜିଲ୍ଲପାଳ ଅଫିସ, ଜିଲ୍ଲାପାଳ ଅଫିସ ତଥା ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଫିସ କାମ ସଂପୂର୍ଣ୍ଣ ରୂପେ ଅଚଳ ହୋଇ ପଡ଼ିଛି। ଯେଉଁ ଅଫିସ କୁ ଯିବେ ସବୁ ଆଡ଼େ ଶୁନ ଶାନ ଓ ଖାଁ ଖାଁ ଲାଗୁଛି। ରାଜସ୍ୱ ଅମଲା ମାନେ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ସମବେତ ହୋଇ ଧାରଣା ରେ ବସିଛନ୍ତି ଓ ବ୍ଲକ ସ୍ତର ରେ, ତହସିଲ ସ୍ତର ରେ, ଉପଖଣ୍ଡ ସ୍ତର ରେ ମଧ୍ୟ ରାଜସ୍ୱ ଅମଲା ମାନେ ଧାରଣା ରେ ବସିଛନ୍ତି। ବିଗତ ଦିମାନଙ୍କରେ ମଧ୍ୟ ଆନ୍ଦୋଳନ ଯୋଗୁଁ ଜନସାଧାରଣ ଅସୁବିଧା ଭୋଗିଥିଲେ ତେଣୁ କରି ସାଧାରଣତଃ ପ୍ରଶ୍ନ ଉଠିଛି ଯେ ସରକାର ତାଙ୍କ ନିଜ କର୍ମଚାରୀ ମାନଙ୍କୁ କାହିଁକି କେବଳ ପ୍ରତିଶ୍ରୁତି ଦେଉଛନ୍ତି ଓ ତାଙ୍କ ଦାବୀ ପୂରଣ କରିବା କିମ୍ବା ସମାଧାନ ସ୍ଥାୟୀ ଭାବେ ନ କରି କେବଳ ସାମୟିକ ଭାବେ ଆନ୍ଦୋଳନ କୁ ସ୍ଥଗିତ କିମ୍ବା ଭଣ୍ଡୁର କରିବାକୁ ଚେଷ୍ଟା କରୁଛନ୍ତି ଯଦ୍ୱାରା ସମାନ ଦାବୀ ରେ ବାରମ୍ବାର ଆନ୍ଦୋଳନ ହେଉଛି ଓ ସାଧାରଣ ଜନତା ଏଥିରେ ହନ୍ତସନ୍ତ ହେଉଛନ୍ତି। କର୍ମଚାରୀ ମହଲ ରେ ମଧ୍ୟ ଅସନ୍ତୋଷ ବ୍ୟାପି ଚାଲିଛି ଯାହାକି ସେମାନଙ୍କ କାର୍ଯ୍ୟ ଦକ୍ଷତା, ଆଗ୍ରହ କୁ କମ କରିଦେଉଥିବା ଜଣାପଡେ ତଥା ସରକାର ସେମାନଙ୍କୁ ପ୍ରତାଡିତ କରୁଥିବା ସେମାନେ ଅନୁଭବ କରୁଛନ୍ତି।

## ମେରଦା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

**ବୈଶିଙ୍ଗା,୧୨।୮(ସଂଚାର ବ୍ୟୁରୋ):** ମେରଦା ସ୍ଥିତ ଉଚ୍ଚ ବିଦ୍ୟାଳୟରେ, ସଂସ୍କୃତ ସପ୍ତାହ ତଥା ଏକ ଉଦ୍ ଯାପନୀ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ବରିଷ୍ଠ କବି ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ, ଖ୍ୟାତନାମା ଗାଳ୍ପିକ ସଂସ୍କୃତାନୁରାଗୀ ଶ୍ରୀଯୁକ୍ତ ନିମାଇଁଚରଣ ବେହେରା ମୁଖ୍ୟବକ୍ତା ରୂପେ ଓ ବିଦ୍ୟାଳୟର ହିନ୍ଦୀଶିକ୍ଷକ ଶ୍ରୀଯୁକ୍ତ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଂସ୍କୃତର ମହନୀୟତା ଓ ଆବଶ୍ୟକତା ଉପରେ ଓଜସ୍ୱିନୀ ଭାଷଣ ମାଧ୍ୟମରେ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅକୁଣ୍ଠ ସହଯୋଗ ସହିତ ଛାତ୍ରଛାତ୍ରୀଙ୍କ ଉତ୍ସାହରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ସଂସ୍କୃତ ଶିକ୍ଷକ ପ୍ରିୟନାଥ ପାଣି କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲା ବେଳେ ସହକାରୀ ଶିକ୍ଷକ ପ୍ରକାଶ କେଶରୀ ପ୍ରଧାନ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ଗୀତ, ନାଟକ, ଭାଷଣ ଓ ସଂସ୍କୃତଜ୍ଞାନ ପ୍ରତିଯୋଗିତା ଆୟୋଜନ କରି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗଜପତିରେ ଚିନ୍ତା ବଢ଼ାଉଛି ଦାଦନ ଶ୍ରମ ବିଭାଗ ପାଖେ ନାହିଁ ତଥ୍ୟ

**ଗଜପତି,୧୨।୮(ସଂଚାର ବ୍ୟୁରୋ):** ଜିଲ୍ଲାରେ ଦାଦନ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଛି । ଶ୍ରମ ବିଭାଗ ତଥ୍ୟ ଅନୁସାରେ, ୯୦ ହଜାରରୁ ଅଧିକ ପଞ୍ଜୀକୃତ ଶ୍ରମିକ ରହିଛନ୍ତି। ସେଥିରୁ ମାତ୍ର ୩୫ ଜଣ ଶ୍ରମିକ ବାହାର ରାଜ୍ୟକୁ କାମ କରୁଛନ୍ତି। ଗତ ୪ ବର୍ଷ ମଧ୍ୟରେ ୧୪ଟି ଦାଦନ ମୃତ୍ୟୁର ଖବର ଆସିଛି । ୪ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେଥିମଧ୍ୟରୁ ୨ ଜଣଙ୍କ ଅଙ୍ଗ କଟି ପଙ୍ଗୁ ପାଲଟି ଯାଇଛନ୍ତି । ହେଲେ ବାସ୍ତବ ଚିତ୍ର କିନ୍ତୁ କିଛି ଅଲଗା । ଜିଲ୍ଲାର ୭ଟି ବ୍ଲକରୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରମିକ ପଡ଼ୋଶୀ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କେଉଁଠି ଦିନ ମଜୁରିଆ ଭାବେ ତ’ ଆଉ କେଉଁଠି କାରଖାନାରେ ବିପଦସଙ୍କୁଳ କାମରେ ନିୟୋଜିତ ହୋଇ ନିଜ ଜୀବନ ହାରୁଛନ୍ତି । ସେପଟେ ବିଭାଗ ପକ୍ଷରୁ ଏନେଇ ସଚେତନତା କରାଯାଉଛି। ହେଲେ ଠିକାଦାର କି ଶ୍ରମିକ ନିଜ ଆଡୁ ପଞ୍ଜୀକରଣ କରୁନାହାନ୍ତି । ଜିଲ୍ଲା ଶ୍ରମ ବିଭାଗ ପାଖରେ ତଥ୍ୟ ରହୁନଥିବାରୁ କିଛି ଅଘଟଣ ଘଟିଲେ ଶ୍ରମିକ ମାନେ ସରକାରୀ ସହାୟତା ରାଶି, କ୍ଷତିପୂରଣ କିମ୍ବା ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି । ସବୁଠୁ ବଡ଼ କଥା ରାଜ୍ୟ ସରକାର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେମାନେ କରୁନାହାନ୍ତି।

## ‘ସଂସ୍କୃତ ଭାଷା ହେଉଛି ଜ୍ଞାନ ଏବଂ ଭାବନାର ଏକ ନିରନ୍ତର ସ୍ରୋତ’

● ଭେଷଜ ପଟେଲ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ



**ସୁନ୍ଦରଗଡ଼,୧୨।୮(ସଂଚାର ବ୍ୟୁରୋ):** ସଂସ୍କୃତ ଭାଷା ହେଉଛି ଜ୍ଞାନ ଏବଂ ଭାବନାର ଏକ ନିରନ୍ତର ସ୍ରୋତ। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ଧୀରେ ଧୀରେ ଆମର ଏହି ପ୍ରାଚୀନ ଭାଷା ପ୍ରତି ଆଗ୍ରହ କମି କମି ଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ସଂସ୍କୃତ ଭାଷାକୁ ଲୋକପ୍ରିୟ କରିବା ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଭାରତୀୟ ସାହିତ୍ୟ, ସଂସ୍କୃତି, ଆଦର୍ଶ ଓ ପାରମ୍ପରିକ ଜ୍ଞାନର ମୂଳଭୂମି ସଂସ୍କୃତ ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ସଂସ୍କୃତ ଦିବସ ପ୍ରତିବର୍ଷ ପାଳନ କରାଯାଉଛି। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ଭେଷଜ ପଟେଲ ମହାବିଦ୍ୟାଳୟ, ଡୁଡୁକା, ହେମଗିର ଠାରେ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କେଶବ ଚନ୍ଦ୍ର ପୃଷ୍ଠେଠ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ। ଶ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସଂସ୍କୃତ ଭାଷାର ସମଗ୍ର ବିଶ୍ୱକୁ ଅବଦାନ ଓ ଉକ୍ତ ପ୍ରାଚୀନ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରାଧାକାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭୁତି ଭୂଷଣ ମିଶ୍ର, ପ୍ରଦୀପ କୁମାର ଦାସ ତଥା ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ସୁକାନ୍ତ କୁମାର ଆର୍ଯ୍ୟ ପରିଚାଳନା କରିଥିବା ବେଳେ ଜୀବଧନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନ ସାମ୍ନାରେ ସ୍କୁଟି ରଖିବାକୁ ନେଇ ଝଗଡ଼ା ଓ ପରେ ଖଣ୍ଡାରେ ଆକ୍ରମଣ

**ବୈଶିଙ୍ଗା,୧୨।୮(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଇଲାକାରେ ଦୈନିକ କିଛିନା କିଛି ଗଣ୍ଡଗୋଳ ହେଉଥିବା ବେଳେ ସୋମବାର ରାତି ଦୁଇ ଜଣ ଯୁବକ ପୁରୁଣିଆ ଗ୍ରାମର ଜନୈକ ଯୁବକକୁ ଖଣ୍ଡାରେ ହାଣି ଦେବା ଫଳରେ ଯୁବଙ୍କ ଗୋଡ଼ ଓ ହାତରେ ଶକ୍ତ କ୍ଷତ ସୃଷ୍ଟି ହୋଇଛି। କ୍ଷତାକ୍ତ ହୋଇଥିବା ଯୁବକ ଜଣକ ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ହରେକୃଷ୍ଣ ପାଢ଼ୀଙ୍କ ପୁଅ ବାବୁ ପାଢ଼ୀ ବୋଲି ଜଣାଯାଇଛି। ଘଟଣାରୁ ପ୍ରକାଶ ବାବୁର ଭାଇ ସ୍କୁଟି ଯୋଗେ ବାଛୁରୀପଡା ଗ୍ରାମର ସୁଜିତ ଧଳଙ୍କ ଦୋକାନକୁ ଆସିଥିଲା। ସେଠାରେ ଦୋକାନ ସାମନାରେ ସ୍କୁଟି ରଖିବାରୁ ସେମାନଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା, ଫଳରେ ଦୋକାନୀ ଓ ଅନ୍ୟ ଦୁଇ ଜଣ ସ୍କୁଟିକୁ ଅଟକ ରଖିଦେଇଥିଲେ। ବାବୁର ଭାଇ ଘରକୁ ଯାଇ ଭାଇକୁ କହିବା ପରେ ଦୁଇ ଭାଇ ଦୋକାନ ନିକଟରେ ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା, ଏହି ଝଗଡ଼ା ଅଧିକ ହେବାରୁ ସେଠାରେ ଉପସ୍ଥିତ ଥିବା ମହୁଲପାଟଣା ର ସଞ୍ଜୟ ଦାସ ଓ ପୁରୁଣିଆର ନରସିଂହ ମହାନ୍ତି ଉଭୟ ବାବୁକୁ ମାଡ଼ ମାଡ଼ ମାରିବା ସହ ଗୋଟିଏ ଧାରୁଆ ଖଣ୍ଡାରେ ବାବୁକୁ ଚୋଟ ମାରିଥିଲେ। ଫଳରେ ତାଙ୍କର ଗୋଡ଼ ଓ ହାତରେ ଶକ୍ତ ଆଘାତ ଲାଗିଥିଲା। ଫଳରେ ତାକୁ ରକ୍ତାକ୍ତ ଅବସ୍ଥାରେ ବାଲେଶ୍ୱର ବଡ଼ ଡାକ୍ତର ଖାନାକୁ ପଠାଇ ଦିଆଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଯୋଗୀମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



**ସୁନ୍ଦରଗଡ଼,୧୨।୮(ସଂଚାର ବ୍ୟୁରୋ):** ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ଯୋଗୀମାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଉଦ୍ଘାଟନୀ ଉତ୍ସବରେ ବିଦ୍ୟାଳୟର ସଭାପତି ଖଗେଶ୍ୱର ରଣା ଏବଂ ସୁନ୍ଦରଗଡ଼ ସଙ୍କୁଳର ସଂଯୋଜକ ସୁନୀଲ କୁମାର ପଟେଲ ଯୋଗଦାନ କରି ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରୟୋଗ, ପ୍ରଶ୍ନମଞ୍ଚ, ଗଳ୍ପକଥନ ଏବଂ ମୃତ୍ତିକଳକ୍ଷ ଉପରେ ସଙ୍କୁଳର ୧୩ ଟି ଶିଶୁ ବିଦ୍ୟା ମନ୍ଦିରର ୧୭୭ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ଦେଉରାପଡକ୍ଷ ପ୍ରଧାନ ଆଚାର୍ଯ୍ୟ ଭିକାରୀ ଚରଣ ମହାକୁଳ, ବେଲଢ଼ିପା ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ପ୍ରଧାନ ଏବଂ ଯୋଗୀମାଲ ପ୍ରଧାନ ଆଚାର୍ଯ୍ୟ ଡିସେମ୍ବର ପଟେଲ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଚାରକ ଭାବରେ ସଭାପତି ଖଗେଶ୍ୱର ରଣା, ସେକ୍ରେଟାରୀ କେଶବ ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ଅଚ୍ୟୁତା ନନ୍ଦ ନାଏକ, କଲେଜର ବିଜ୍ଞାନ ଶିକ୍ଷକ ଶିବ ଗୋପାଳ ପାଣିଗ୍ରାହୀ, ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅଳକା ଦେହୁରୀ ଓ ରୁବିରାଣୀ ପଟେଲ ଯୋଗଦାନ କରି ଦାୟିତ୍ୱ ତୁଲାଇଥିଲେ। ଶେଷରେ କୃତିତ୍ୱ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଯୁଗ୍ମ ସଂପାଦକ ରମେଶ ଚନ୍ଦ୍ର ନାଏକ, ପୂର୍ବତନ ଉପ ସଭାପତି ସାରଙ୍ଗଧର ପଟେଲ ସହଯୋଗ କରିଥିଲେ। ଦର୍ଲିପାଲି ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ସସ୍ମିତା ଧୃଆ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୌଶିକ ବୁଡ଼କ୍ଷ ଧନ୍ୟବାଦ ଅର୍ପଣ କରିଥିଲେ ।

## କଇନିପୁରାରେ ସ୍ୱଚ୍ଛ ଭାରତ ଅଭିଯାନ

**ଆନନ୍ଦପୁର,୧୨।୮(ସଂଚାର ବ୍ୟୁରୋ):** ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ କଇନିପୁରା ଗ୍ରାମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଯୁବକମାନେ ସାହିରେ ସଫେଇ କରିବା ସହିତ ଲୋକଙ୍କୁ ସଚେତନ କରିଥିଲେ। ସ୍ୱେଚ୍ଛାସେବୀ ଦେବବ୍ରତ ବେହେରା, ଲିଙ୍କୁନ ସାହୁ, ପ୍ରିତୋଷ ସାହୁ, ଖଗେଶ୍ୱର ବେହେରା, ରାଜେଶ ସାହୁ, ଚିନ୍ମୟ କୁମାର ସାହୁ, ଦୀପକ ବେହେରା, ବିକ୍ରମ ସାହୁ, ସୁନୀଲ କୁମାର ସାହୁ, ଶତ୍ରୁଘ୍ନ ସାହୁ, ରାହୁଲ ବେହେରା, ଯୁଧିଷ୍ଠିର ବେହେରା, ଅଲେଖ ପୃଷ୍ଟି, ଭରତଚନ୍ଦ୍ର ସାହୁ, ଦିଲୀପ ସାହୁ ପ୍ରମୁଖ ସାମିଲ ହୋଇଥଲେ।

